ଉନତ୍ରିଂଶ ବର୍ଷ
ସଂଖ୍ୟା : ୩୦୯
ତିଥି : ଷଷ୍ଠୀ
୧୫ ଅଗଷ୍ଟ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୬, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur





DADLS-41



# ୭୯^ତମ ସ୍ୱାଧୀନତା ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା

## ବିକଶିତ ଭାରତ@୨୦୪୭ ମାର୍ଗରେ ଓଡ଼ିଶାର ସମାବେଶୀ ବିକାଶ

### ସୁରକ୍ଷିତ ହେଉଛି ଓଡ଼ିଆ ଅସ୍ମିତା, ବିକଶିତ ହେଉଛି ଐତିହ୍ୟ

ପୁରୀର ପ୍ରସିଦ୍ଧ 'ସାହିଯାତ'କୁ ମିଳିଛି **୧୭ ଲକ୍ଷ** ଟଙ୍କାର ଅନୁଦାନ

'ବରପୁତ୍ର ଐତିହ୍ୟ ଗ୍ରାମ' ଯୋଜନାର ଶୁଭାରମ୍ଭ

### ସଶକ୍ତ ମହିଳା, ବିକଶିତ ଓଡ଼ିଶା

'ସୁଭଦ୍ରା' ଯୋଜନାରେ **୧ କୋଟି** ମହିଳା ଉପକୃତ, କୋଟିଆ ପଞ୍ଚାୟତରୁ ୧୭୮୩

**୧୭ ଲକ୍ଷ** 'ଲକ୍ଷପତି ଦିଦି' ସୃଷ୍ଟି କରି ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### କୃଷି ଓ କୃଷକଙ୍କ କଲ୍ୟାଣରେ ସମର୍ପିତ ଲୋକଙ୍କ ସରକାର

ଗୋପାଳକଙ୍କୁ ପ୍ରୋତ୍ସାହିତ କରୁଛି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'

'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ' ଯୋଜନାରେ **୧୧୭ ପ୍ରକାର** କୃଷି ଉଦ୍ୟୋଗ ପାଇଁ **୧ କୋଟି** ଟଙ୍କା ଯାଏଁ ରିହାତି

### ଲୋକଙ୍କ ସରକାରରେ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଏବଂ ଆୟୁଷ୍ମାନ୍ ବୟୋ ବନ୍ଦନା ଯୋଜନା କାର୍ଯ୍ୟକାରୀ

### ସୁଲଭ ଓ ସୁରକ୍ଷିତ ଯାତାୟାତ ଏବଂ ଉନ୍ନତ ପରିବହନ ଓ ପର୍ଯ୍ୟଟନ ବ୍ୟବସ୍ଥା

ଭୁବନେଶ୍ୱରରୁ ଆବୁଧାବିକୁ ସିଧାସଳଖ ବିମାନ ଚଳାଚଳ ଆରମ୍ଭ

ସୁବର୍ଣ୍ଣପୁରରୁ-ପୁରୁଣାକଟକକୁ ରେଳ ସଂଯୋଗ

୧୦୦ ଗୋଟି ଇ-ବସ୍ ସେବାର ଶୁଭାରମ୍ଭ

### ଲୋକଙ୍କ ସରକାରରେ ସାମାଜିକ ସୁରକ୍ଷାକୁ ପ୍ରାଧାନ୍ୟ

କାର୍ଯ୍ୟରତ ପଞ୍ଚାୟତିରାଜ ପ୍ରତିନିଧିଙ୍କ ମୃତ୍ୟୁରେ **୨ ଲକ୍ଷ** ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଓ ଅକ୍ଷମତା କ୍ଷେତ୍ରରେ **୧ ଲକ୍ଷ**ରୁ **୨ ଲକ୍ଷ** ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା

ପରିମଳ (ସ୍ୱରେଜ ଓ ସେପ୍‌ଟିକ୍ ଟାଙ୍କି ସଫେଇ) କର୍ମଚାରୀଙ୍କ ପାଇଁ **୧୦ ଲକ୍ଷ** ଟଙ୍କାର ଜୀବନ ବୀମା, କର୍ମକ୍ଷେତ୍ରରେ ଜୀବନହାନି ହେଲେ **୩୦ ଲକ୍ଷ** ଟଙ୍କାର ସହାୟତା ରାଶି

### ସବୁ ଜିଲ୍ଲାରେ ଶିଳ୍ପ, ସବୁ ଜିଲ୍ଲାରେ ଉଦ୍ୟୋଗୀ

ଘରୋଇ ପୁଞ୍ଜିନିବେଶରେ ଦେଶରେ ଓଡ଼ିଶା ୧ ନମ୍ବର ୨୦୨୫ ଏପ୍ରିଲରୁ ଜୁନ ମଧ୍ୟରେ ସାରା ଦେଶର ମୋଟ ଘରୋଇ ପୁଞ୍ଜିନିବେଶର ୪୦% ଓଡ଼ିଶାରେ

DMF ପାଣ୍ଠି ସଂଗ୍ରହରେ ମଧ୍ୟ ସାରା ଦେଶରେ ସବୁଠୁ ଆଗରେ ଓଡ଼ିଶା

### ଲୋକଙ୍କ ସରକାରରେ ସୁଶାସନ ଓ ସୁରକ୍ଷାକୁ ପ୍ରାଧାନ୍ୟ, ନ୍ୟାୟିକ ବ୍ୟବସ୍ଥା ସୁଦୃଢ଼

ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ 'ଶୂନ୍ୟ ସହନଶୀଳ' ନୀତି ଅବଲମ୍ବନ ପ୍ରଶସ୍ତ କରୁଛି ସୁଶାସନ ଓ ଗରିବ କଲ୍ୟାଣ

ଲୋକଙ୍କ ସରକାରରେ ସୁଦୃଢ଼ ହେଉଛି ସହାୟତା ବ୍ୟବସ୍ଥା, ଜରୁରୀକାଳୀନ ପ୍ରଶମନ ପାଇଁ 'ଡାଏଲ ୧୧୨ ଯୋଜନା'ର ସମ୍ପ୍ରସାରଣ

### ଯୁବ ସଶକ୍ତିକରଣ ପାଇଁ ଉତ୍ସର୍ଗୀକୃତ ଲୋକଙ୍କ ସରକାର

ସରକାରୀ ଚାକିରି ଆବେଦନ ବୟସ ସୀମା **୩୨ ରୁ ୪୨ କୁ** ବୃଦ୍ଧି

ଗତ ଏକ ବର୍ଷରେ ବିଭିନ୍ନ ସରକାରୀ ପଦବୀରେ ମିଳିଛି **୨୮ହଜାର**ରୁ ଅଧିକ ନିଯୁକ୍ତି, ଚଳିତବର୍ଷ ଆଉ **୪୦ ହଜାର** ସରକାରୀ ଚାକିରୀ ଦେବାର ଲକ୍ଷ୍ୟ

### ଜନଜାତି ଉନ୍ନତିରେ ଲୋକଙ୍କ ସରକାର

'ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା'ରେ **୩ ଲକ୍ଷ** ଯୋଗ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ମିଳୁଛି ବାର୍ଷିକ **୫ ହଜାର** ଟଙ୍କା

'ଆମେ ପଢ଼ିବା ଆମ ଭାଷାରେ' ଯୋଜନାରେ **୧୭ଟି** ଆଦିବାସୀ ଭାଷାରେ ମିଳୁଛି ମାତୃଭାଷା ଆଧାରିତ ପ୍ରାଥମିକ ଶିକ୍ଷା

### ସୁଦୃଢ଼ ହେଉଛି ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ ହେଉଛି ଭବିଷ୍ୟତ

ଗୁଣାତ୍ମକ ଶିକ୍ଷାର ସୁନିଶ୍ଚିତତା ପାଇଁ ପ୍ରଥମ ପର୍ଯ୍ୟାୟରେ **୮୩୫** 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ'

ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ 'ମାଗଣା ଛାତ୍ରାବାସ ସୁବିଧା'

### ବିକଶିତ ଓଡ଼ିଶା ପାଇଁ ବିକଶିତ ଗାଁ ଓ ସମୃଦ୍ଧ ସହର

'ପିଏମ୍-ଆବାସ' ଓ 'ଅନ୍ତ୍ୟୋଦୟ ଗୃହ ଯୋଜନାରେ **୨.୭୫ ଲକ୍ଷ** ଲୋକଙ୍କୁ ମିଳିଛି ପକ୍କା ଘର

ମହାନଗର ନିଗମରେ ପରିଣତ ହେବ ପୁରୀ ପୌରପାଳିକା

### ପରିବେଶ ଅନୁକୂଳ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି ଲୋକଙ୍କ ସରକାର

ଅକ୍ଷୟ ଶକ୍ତି ବ୍ୟବହାରରେ ଅଗ୍ରଣୀ ଓଡ଼ିଶା

ସୌରଶକ୍ତିସମ୍ପନ୍ନ ହୋଇଛି **୭୦୩ଟି** ସରକାରୀ କୋଠା

### ଲୋକଙ୍କ ସରକାରରେ ସୁନିଶ୍ଚିତ ହେଉଛି ଛାତ୍ରୀଙ୍କ ସୁରକ୍ଷା

ଉଚ୍ଚ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ସୁରକ୍ଷା, ଆତ୍ମରକ୍ଷା ଓ ସଶକ୍ତିକରଣ ସୁନିଶ୍ଚିତତା ପାଇଁ ଐତିହାସିକ ପଦକ୍ଷେପ 'ଶକ୍ତିଶ୍ରୀ'

ଛାତ୍ରୀଙ୍କ ସାଥି 'ଶକ୍ତିଶ୍ରୀ ମୋବାଇଲ ଆପ୍'

### ଓଡ଼ିଆ ଅସ୍ମିତାର ପରିଚୟ ବୁଣାକାରଙ୍କୁ ମିଳୁଛି ସମ୍ମାନ

ଓଡ଼ିଶାରେ ବୟନ ଶିଳ୍ପର ଅଭିବୃଦ୍ଧି ପାଇଁ 'ଓଡ଼ିଶା ଟେକ୍ସ-୨୦୨୫'ରେ **୧୬୦**ରୁ ଅଧିକ ଉଦ୍ୟୋଗପତିଙ୍କ ସହିତ **୩୩ ଏମଓୟୁ** ସ୍ୱାକ୍ଷରିତ, **୮ ହଜାର କୋଟି** ପୁଞ୍ଜି ନିବେଶ ପ୍ରସ୍ତାବ ପ୍ରାପ୍ତ-**୫୩,୩୦୦** ନିଯୁକ୍ତି ସୁଯୋଗ ସୃଷ୍ଟି

### ଲୋକଙ୍କ ସରକାରରେ ତ୍ୱରାନ୍ୱିତ ହେଉଛି ସାମଗ୍ରିକ ବିକାଶଧାରା

ଦୁର୍ଗମ ତଥା ପଛୁଆ ଅଞ୍ଚଳର ଉତ୍ପାଦକୁ ରାଜ୍ୟ ଓ ଜାତୀୟସ୍ତରରେ ପ୍ରୋତ୍ସାହିତ କରିବ 'ଆକାଂକ୍ଷା ହାଟ'

'ଡିଜିଟାଲ ଇ-ମାର୍କେଟ ପ୍ଲେସ'ରେ ଉପଲବ୍ଧ ହେବ ଆକାଂକ୍ଷୀ ଜିଲ୍ଲାର ଉତ୍ପାଦ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR: 15001/13/0954/2526



ଭାଦ୍ରବ ମାସ ହେଉଛି ଓଷାବ୍ରତର ମାସ । ତେବେ ଏ ସମସ୍ତ ପର୍ବପର୍ବାଣୀ ମଧ୍ୟରେ ଜନ୍ମାଷ୍ଟମୀ ବ୍ରତ ସ୍ୱତନ୍ତ୍ର । ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପାଳିତ ହେଉଥିବା ଏ ବ୍ରତ କେବଳ ଶ୍ରୀକୃଷ୍ଣଙ୍କର ଧରାବତରଣ ଲୀଳାକୁ ପ୍ରତିପାଦିତ କରେ ନାହିଁ ପରନ୍ତୁ ଏହି ପର୍ବର ପ୍ରଚ୍ଛଦପଟ୍ଟରେ ପୂରି ରହିଛି ପ୍ରମା ଓ ପ୍ରେମର ପରମ ପ୍ରାଚୁର୍ଯ୍ୟ । ଜନ୍ମାଷ୍ଟମୀ ପର୍ବରେ ପ୍ରାୟତଃ ସମସ୍ତ ମଠ ମନ୍ଦିର ମାଳମାଳ ମନ୍ତ୍ରପାଠ ସହିତ ବୈଷ୍ଣବାଚାର୍ଯ୍ୟଙ୍କର କୃଷ୍ଣଜନ୍ମ ସମ୍ବଳିତ ଲଳିତ ପଦାବଳୀରେ ବାଳକୃଷ୍ଣଙ୍କୁ ସ୍ୱାଗତ କରେ । ପୁରାଣ ପ୍ରମାଣକରନ୍ତି, ଅତ୍ୟାଚାରୀ କଂସର ପାପ ଭାରରେ ଯେତେବେଳେ ଅବନୀ କମ୍ପିବାକୁ ଲାଗିଲା । ସାଧୁ, ସନ୍ଥ, ବେଦଜ୍ଞ ତଥା ବ୍ରାହ୍ମଣମାନେ ଭୟରେ ତ୍ରାହି ତ୍ରାହି ଡ଼ାକିଲେ । ଏହାପରେ ବ୍ରହ୍ମାଦି ଦେବଗଣ ନାରାୟଣଙ୍କର ଶରଣାପନ୍ନ ହେଲେ । ଯାହାପରେ ଦେବତାଙ୍କୁ ଦେଇଥିବା ବଚନ ରକ୍ଷାକରି ପ୍ରଭୁ ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀତିଥି, ରୋହିଣୀନକ୍ଷତ୍ର ବୃଷରାଶି, ବୁଧବାର ବର୍ଷଣମୁଖର ମଧ୍ୟ ରାତ୍ରିରେ କଂସର ବନ୍ଦୀଶାଳାରେ ଦେବକୀ ମାଆଙ୍କ ଗର୍ଭରୁ ଶିଶୁରୂପେ ଜନ୍ମ ନେଲେ । ଏ ସିନା ହେଲା ଜନ୍ମାଷ୍ଟମୀର ବୃତାନ୍ତ, ଏବେ ଆସନ୍ତୁ ବିଚାର କରିବା ଜନ୍ମାଷ୍ଟମୀ ପଛରେ ଥିବା ଶିକ୍ଷା ଆଉ ମହନୀୟ ମୂଲ୍ୟବୋଧକୁ । ପ୍ରଶ୍ନ ଆସେ ପ୍ରଭୁ ମଥୁରାରେ ଜନ୍ମହେଲେ ମଧ୍ୟ ଗୋକୁଳରେ କାହିଁକି ବଢ଼ିଲେ? ଏହାର ଉତର ବଡ ସରଳ ତଥା ମାର୍ମିକ । କପଟତାର କଦର୍ଥ କୂଟଚକ୍ରରେ କଳୁଷିତ ହୁଏ ମଥୁରା କଟକ ଯେଉଁଠାରେ ଅହଂସର୍ବସ୍ୱ ଅଭିମାନୀର ରାଜୁତି ଚାଲେ । ଯେଉଁଠାରେ ଅହଂକାର ସେଠାରେ ଦୁଷ୍ଟାତ୍ମା କଂସର ଘର । ତେଣୁ ଅହଂକାରୀର ଆଳୟରେ ନିରହଙ୍କାର ଠାକୁର ରହିବେ କିପରି? ଅନ୍ୟପଟେ ଗୋକୁଳ ହେଉଛି ପ୍ରେମ ଓ ସମର୍ପଣର ଗୋଲୋକ ଯେଉଁଠାରେ ଗୋପୀମାନଙ୍କର ଘର । ଗୋକୁଳ ଶବ୍ଦକୁ ବ୍ୟାଖ୍ୟାକଲେ ଜଣାଯାଏ ଯେ ଗୋ ଅର୍ଥ ଇନ୍ଦ୍ରିୟ । କୁଳ ଅର୍ଥ ସମୂହ । ଅର୍ଥାତ୍ ଯେତେବେଳେ ପ୍ରତିଟି ଇନ୍ଦ୍ରିୟ ପ୍ରେମ ଭକ୍ତି ଜଳରେ ନିସ୍ନାତ ହୋଇ ପରମାତ୍ମାଙ୍କ ପାଇଁ ନିବେଦିତ ହୋଇଥାଏ ସେତେବେଳେ ପ୍ରଭୁ ଆପଣାଛାଏଁ ଆସି ସେ ସ୍ଥାନରେ ପହଂଚିଯାନ୍ତି । ପ୍ରଭୁଙ୍କର ଗୋକୁଳକୁ ଆଗମନ ହିଁ ଏହାର ସଜଳ ଉଦାହରଣ ।

କଂସକୁ ଦୈବବାଣୀ ହୋଇଥିଲା ଯେ ଦେବକୀର ଅଷ୍ଟମଗର୍ଭର ସନ୍ତାନ ଦ୍ୱାରା ସେ ନିହତ ହେବ। ତେଣୁ ଶତ୍ରୁକୁ ହତ୍ୟା କରିବା ଉଦ୍ଦେଶ୍ୟରେ କଂସ ଦେବକୀ ଓ ବସୁଦେବଙ୍କୁ କାରାରୁଦ୍ଧ କରିଥିଲା ମୃତ୍ୟୁକୁ ଟାଳିଦେବ ବୋଲି । ବଡ଼ ଆଶ୍ଚର୍ଯ୍ୟ ଲାଗେ ଏଇ କଥା । ଦାମ୍ଭିକ ମଣିଷ ସମସ୍ତଙ୍କ ଭାଗ୍ୟ ଡୋରିକୁ ନିଜେ ନିୟନ୍ତ୍ରଣ କରିବ ବୋଲି ଭାବେ, କିନ୍ତୁ ସେ ମୂଢ଼ ଜାଣି ପାରେନାହିଁ ତା ନିଜର ଭାଗ୍ୟଡୋରି କାଳର ହାତମୁଠାରେ ଥାଏ ବୋଲି! ମୃତ୍ୟୁକୁ ଟାଳିଦେବାର ବୃଥା ଆସ୍ଫାଳନ ହିଁ କଂସର ସର୍ବନାଶ କଲା । ବରଂ ସେ ଯଦି ମୃତ୍ୟୁ ବିଷୟରେ ସଚେତନ ହୋଇ ପରମାତ୍ମାଙ୍କର ଚିନ୍ତନ କରିଥାନ୍ତା, ତେବେ ଏ ଦୁର୍ଦ୍ଦଶା କେବେ ତାର ହୋଇ ନଥାନ୍ତା । ଏ ହେଉଛି କଂସର ଜୀବନ ବୃତାନ୍ତରୁ ଆମକୁ ଶିକ୍ଷା । ଏବେ ଆସନ୍ତୁ ଆଉ ଏକ ଦିଗକୁ ଧ୍ୟାନ ଦେବା । ଦେବକୀ ଓ ବସୁଦେବଙ୍କର ଜୀବନ ଦର୍ଶନକୁ ଅନୁଶୀଳନ କଲେ ଜଣାଯାଏ ଯେ ନିଷ୍କାମ ବୁଦ୍ଧି ହେଉଛନ୍ତି ଦେବକୀ ଓ ବିଶୁଦ୍ଧ ଚିତ ହିଁ ବସୁଦେବ । ତେବେ ଷଟ୍ ଜୟନ୍ତୀ ଯଥା ଶିବରାତ୍ରି, ବାମନଜନ୍ମ, ନୃସିଂହଜନ୍ମ, ରାମନବମୀ, ଜନ୍ମାଷ୍ଟମୀ ଓ ଦୁର୍ଗାଷ୍ଟମୀ ମଧ୍ୟରୁ ଜନ୍ମାଷ୍ଟମୀ ବ୍ରତ ହେଉଛି ଅନ୍ୟତମ । ଏହି ବ୍ରତ ଦିନ ରାଧାକୃଷ୍ଣ ମନ୍ଦିରଗୁଡ଼ିକ ଭଜନ, କୀର୍ତ୍ତନ, ପାଲା, ପ୍ରବଚନରେ ଉତ୍ସବମୁଖର ହୋଇଉଠେ । ପ୍ରତ୍ୟେକ ଶ୍ରଦ୍ଧାଳୁ ଭକ୍ତିପୂର୍ଣ୍ଣ ଚିତରେ ଉପବାସ ରହି ଅପେକ୍ଷା କରିଥାନ୍ତି ସେ ଅଷ୍ଟମୀ ତିଥିର ମଧ୍ୟରାତ୍ରର ମହାର୍ଘ ମୁହୂର୍ତ୍ତକୁ ।

ଡକ୍ଟର ସାରଦା ପ୍ରସାଦ କର
ସଂପର୍କ: ୯୪୩୭୧୧୩୧୬୨






## ଘରେ ସଜାନ୍ତୁ ଦୋଳି

**ଜନ୍ମାଷ୍ଟମୀରେ ଖାଲି ମନ୍ଦିରରେ ଗହଳି ହୁଏ ତାହା ନୁହେଁ ଘରେ ମଧ୍ୟ ଅନେକ ଶ୍ରୀକୃଷ୍ଣଙ୍କ ଜନ୍ମଦିନ ପାଳିଥାଆନ୍ତି । ପୂରା ରୀତିନୀତିରେ ଜନ୍ମାଷ୍ଟମୀ ପୂଜା କରିଥାଆନ୍ତି । ତେବେ କୃଷ୍ଣଙ୍କର ଝୁଲାକୁ ସମସ୍ତେ ସଜାଇବା ପାଇଁ ଚାହିଁ ଥାଆନ୍ତି । ସେହିଭଳି କିଛି ଉପାୟ ଅଛି ଯାହାକୁ ଅନୁକରଣ କରି ଖୁବ୍ ସୁନ୍ଦର ଝୁଲା ସଜାଯାଇ ପାରିବ ।**


**ଫୁଲ ଝୁଲା–** ସମସ୍ତ ଭଗବାନଙ୍କୁ ଫୁଲରେ ପୂଜା କରାଯାଇଥାଏ । ଠାକୁରଙ୍କ ନାଁ ଉଠିଲେ ଆଗ ଉଠେ ଫୁଲ କଥା । ତେଣୁ କୃଷ୍ଣଙ୍କ ଝୁଲାକୁ ଫୁଲରେ ଖୁବ ସୁନ୍ଦରରେ ସଜାଯାଇପାରିବ । ଯେ କୌଣସି ଛୋଟ ଧଳା ରଙ୍ଗର ଫୁଲ ଏଥିନିମନ୍ତେ ଉପଯୁକ୍ତ ହେବ । ସେହିଭଳି ଫୁଲ ମାଳ ମଧ୍ୟ ବ୍ୟବହାର କରାଯାଇପାରିବ ।

**ମୋତି ଓ ଝାଲର–** ସେହିଭଳି ଯଦି କିଛି ସ୍ୱତନ୍ତ୍ର କରିବାକୁ ଚାହୁଁଛନ୍ତି ତେବେ ଫୁଲ ସହିତ ମୋତି ଓ ଝାଲର ବ୍ୟବହାର କରିପାରିବେ । ଯେଉଁଠାରେ ଭଗବାନଙ୍କୁ ସ୍ଥାପନ କରିବେ ସେହି ସ୍ଥାନକୁ ଝାଲର ଓ ମୋତିରେ ସଜାଇପାରିବେ । ଏହାର ସାମନା ପଟେ ଝାଲର ଲଗାନ୍ତୁ ଏହା ଝୁଲଣାକୁ ବେଶ୍ ସୁନ୍ଦର କରିବ । ସେହିଭଳି ନିଜ ମନପସନ୍ଦର ଫୁଲର ଝାଲର ଲଗାଇପାରିବେ ।

**ମୟୂର ପୁଚ୍ଛ–** କୃଷ୍ଣଙ୍କର ମୟୂର ପୁଚ୍ଛ ପସନ୍ଦ ବୋଲି ପୁରାଣରେ ବର୍ଣ୍ଣନା ରହିଛି । ତେଣୁ ତାଙ୍କ ଝୁଲଣା ସଜାଇବା ସମୟରେ ଏହାକୁ ବ୍ୟବହାର କରନ୍ତୁ ବେଶ୍ ସୁନ୍ଦର ହେବ । ଝୁଲାର ଅଗ୍ରଭାଗରେ ଏହି ପୁଚ୍ଛକୁ ବ୍ୟବହାର କରନ୍ତୁ । ମୋତି, ଲେସ୍, ଫୁଲ ସହିତ ମୟୂର ପୁଚ୍ଛକୁ ସଜାନ୍ତୁ ଏହା ଝୁଲାକୁ ବେସ୍ ମାନିବ ।

## କେଉଁଠି କିଭଳି

**ମହାରାଷ୍ଟ୍ର–** ମହାରାଷ୍ଟ୍ରରେ ଜନ୍ମାଷ୍ଟମୀ ଖୁବ୍ ଧୁମ୍‌ଧାମରେ ପାଳନ ହୋଇଥାଏ । ମହାରାଷ୍ଟ୍ରର ମୁମ୍ବାଇ, ଲତୁର, ନାଗପୁର, ପୁନେ ଆଦି ସହରରେ ଖୁବ୍ ଶ୍ରଦ୍ଧାର ସହିତ ଲୋକମାନେ ଏହି ପର୍ବକୁ ପାଳନ କରନ୍ତି । ଏଠାରେ ଏକ ନିଆରା ପରମ୍ପରା ପାଳନ କରାଯାଏ ଦହି ହାଣ୍ଡି । ଏହି ପରମ୍ପରାରେ ଗୋଟିଏ ସ୍ଥାନରେ ଅନେକ ଲୋକ ଏକାଠି ହୋଇ ଦହି ହାଣ୍ଡି ଭାଙ୍ଗନ୍ତି । କୃଷ୍ଣଙ୍କର ପ୍ରିୟ ଲହୁଣି କିମ୍ବା ଦହିକୁ ଏକ ହାଣ୍ଡିରେ ରଖି ହାଣ୍ଡିକୁ ଏକ ଉଚ୍ଚସ୍ଥାନରେ ଟଙ୍ଗା ଯାଇଥାଏ । ତଳୁ ଏକାଠି ହୋଇଥିବା ଲୋକ ପିରାମିଡ୍ ଭଳି ଜଣେ ଜଣଙ୍କ ଉପରେ ଚଢି ହାଣ୍ଡି ପର୍ଯ୍ୟନ୍ତ ପହଞ୍ଚିଥାଆନ୍ତି ଏବଂ ଏହାକୁ ଭାଙ୍ଗିବାକୁ ଚେଷ୍ଟା କରନ୍ତି । ଏଥିରେ ଅନେକ ଦଳ ଭାଗ ନେଇଥାଆନ୍ତି । ଯିଏ ହାଣ୍ଡି ଭାଙ୍ଗିଥାଏ ସେ ଏହି ପ୍ରତିଯୋଗିତା ଜିତିଥାଏ ।



**ଗୁଜୁରାଟ ଓ ରାଜସ୍ଥାନ–** ଗୁଜୁରାଟର ଦ୍ୱାରିକାକୁ ଶ୍ରୀକୃଷ୍ଣଙ୍କର ରାଜଭୂମିଭାବେ ଜଣାଯାଏ । ତେଣୁ ଏଠାରେ କୃଷ୍ଣଜନ୍ମ ଖୁବ୍ ଧୁମ୍‌ଧାମରେ ପାଳନ ହୋଇଥାଏ । ଏଠାରେ ମହାରାଷ୍ଟ୍ରଭଳି ଲହୁଣି ହାଣ୍ଡି କାର୍ଯ୍ୟକ୍ରମକୁ ଖୁବ୍ ଶ୍ରଦ୍ଧାର ସହ ପାଳନ କରାଯାଇଥାଏ । ମନ୍ଦିରଗୁଡିକରେ ବିଭିନ୍ନ ସଙ୍ଗୀତ ସହ ନୃତ୍ୟ କାର୍ଯ୍ୟକ୍ରମ କରାଯାଇଥାଏ । ଏଠାରେ ଥିବା ଦ୍ୱାରିକାଧୀଶ ମନ୍ଦିର ଓ ଅନ୍ୟ କୃଷ୍ଣ ମନ୍ଦିରରେ ସମସ୍ତ ପରମ୍ପରା ଅନୁସାରେ କୃଷ୍ଣଜନ୍ମ ପାଳନ ହୋଇଥାଏ । ସେହିଭଳି ଏଠାରେ କୃଷକମାନେ ନିଜର ଶଗଡକୁ ସଜାଇବା ସହିତ କୃଷ୍ଣଙ୍କୁ ଧରି ଏକ ଶୋଭାଯାତ୍ରା କରିଥାଆନ୍ତି । ଏଥିରେ ଅନେକ ଶ୍ରଦ୍ଧାଳୁ ଭାଗନେଇଥାଆନ୍ତି ।

**ଉତ୍ତର ଭାରତ–** ମଥୁରାରେ ଜନ୍ମାଷ୍ଟମୀ ଏକ ବଡ ଉତ୍ସବ । ହିନ୍ଦୁ ପୁରାଣ ଅନୁସାରେ ମଥୁରାରେ ହିଁ କୃଷ୍ଣଙ୍କର ଜନ୍ମ ହୋଇଥିଲା । ପୂରା ଉତ୍ତରଭାରତରେ ବୈଷ୍ଣବଧର୍ମୀୟ ଲୋକମାନେ ଏହାକୁ ବେଶ୍ ଜାକଜକମରେ ପାଳନ କରନ୍ତି । ଏହି ସମସ୍ତ ସ୍ଥାନରେ ଥିବା କୃଷ୍ଣ ମନ୍ଦିର ଏହି ଦିନ ସଜା ହେବା ସହ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥାଏ । ଶ୍ରଦ୍ଧାଳୁ ମାନେ ସାରା ରାତି ଏଠାରେ କୃଷ୍ଣଙ୍କୁ ପୂଜା କରିବା ସହିତ ଜପ ଉପାସନା କରିଥାଆନ୍ତି । ସେହିଭଳି କେତେକ ସ୍ଥାନରେ ଏହି ଦିନ ବିଭିନ୍ନ ନାଟକରେ କୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତକୁ ଚିତ୍ରଣ ମଧ୍ୟ କରାଯାଇଥାଏ । ସମସ୍ତେ ଖୁବ୍ ଶ୍ରଦ୍ଧାରେ ଏହି ପର୍ବକୁ ପାଳନ କରନ୍ତି ।

**ଓଡ଼ିଶା–** ଓଡିଶାରେ ମଧ୍ୟ ଖୁବ୍ ଧୁମଧାମରେ ଏହା ପାଳନ ହୋଇଥାଏ । ଶ୍ରୀମନ୍ଦିରରେ କୃଷ୍ଣ ଜନ୍ମ ସମସ୍ତ ରୀତିନୀତି ହିସାବରେ ପାଳନ ହୋଇଥାଏ । ଏହାସହ ଓଡିଶାରେ ଥିବା ସମସ୍ତ ମନ୍ଦିରରେ ଶ୍ରଦ୍ଧାଳୁ ମାନେ ରାତି ଉଜାଗର ରହି ପୂଜା କରନ୍ତି । ମଧ୍ୟରାତ୍ରରେ କୃଷ୍ଣଙ୍କ ଜନ୍ମକୁ ଖୁବ୍ ଶ୍ରଦ୍ଧାର ସହ ପାଳନ କରନ୍ତି । ସେହିଭଳି ଏଠାରେ ପରଦିନ ନନ୍ଦୋତ୍ସବ ମଧ୍ୟ ପାଳନ ହୋଇଥାଏ । ଏଠାରେ ସେହିଦିନ କୃଷ୍ଣଙ୍କୁ ନଡିଆ ଓ ରାଶିରେ ପ୍ରସ୍ତୁତ ଲଡୁ ଭୋଗ କରାଯାଇଥାଏ ।



## ବିଭିନ୍ନ ଦେଶରେ ଅଗଷ୍ଟ ୧୫

**ପ୍ରତିବର୍ଷ ଅଗଷ୍ଟ ୧୫ରେ ଭାରତ ପାଳିଥାଏ ସ୍ୱାଧୀନତା ଦିବସ । ୨୦୦ ବର୍ଷର ବ୍ରିଟିଶ ଶାସନକୁ ହରାଇ ଭାରତ ତାର ସ୍ୱାଧୀନତା ପ୍ରାପ୍ତ କରିଥିଲା । ତେବେ କେବଳ ଭାରତ ନୁହେଁ ବିଶ୍ୱରେ ଭାରତ ଭଳି ଆଉ କେତେକ ଦେଶ ରହିଛନ୍ତି ଯେଉଁମାନେ ଅଗଷ୍ଟ ୧୫ରେ ନିଜର ସ୍ୱାଧୀନତା ଦିବସ ପାଳନ କରନ୍ତି । ଆସନ୍ତୁ ଜାଣିବା ସେହିଭଳି କିଛି ଦେଶଙ୍କ ସମ୍ପର୍କରେ ।**

**କୋରିଆ–** ଉଭୟ ସାଉଥ କୋରିଆ ଓ ନର୍ଥ କୋରିଆ ଏହି ଦିନ ନିଜର ସ୍ୱାଧୀନତା ଦିବସକୁ ପାଳନ କରନ୍ତି । ଏଠାରେ ଅଗଷ୍ଟ ୧୫କୁ ନ୍ୟାସନାଲ ଲିବ୍ରେସନ ଡେ' ଭାବେ ପାଳନ କରାଯାଇଥାଏ । ଏହି ଦିନ ଦୀର୍ଘ ୩୫ ବର୍ଷ ପରେ ଜାପାନର ଶାସନରୁ କୋରିଆ ମୁକ୍ତି ପାଇଥିଲା । ସ୍ୱାଧୀନତା ମିଳିବାର ତିନି ବର୍ଷପରେ କୋରିଆରେ ସରକାରର ଗଠନ ହୋଇଥିଲା ।

**ବହରିନ୍–** ୟୁକେ ଠାରୁ ୧୯୭୧ ଅଗଷ୍ଟ ୧୫ରେ ବହରିନ୍‌କୁ ସ୍ୱାଧୀନତା ମିଳିଥିଲା । ଏହାପରେ ବ୍ରିଟିଶ ସରକାରଙ୍କ ସହିତ ଏକ ଫ୍ରେଣ୍ଡସିପ୍ ଟ୍ରିଟି ସ୍ୱାକ୍ଷର ହୋଇଥିଲା । ତେବେ ଅଗଷ୍ଟ ୧୪ରେ ଏହା ସ୍ୱାଧୀନତା ପାଇଥିଲା । ହେଲେ ଦେଶ ଅଗଷ୍ଟ ୧୫ରେ ନିଜର ସ୍ୱାଧୀନତା ଦିବସ ପାଳନ କରିଥାଏ ।

**ରିପବ୍ଲିକ୍ ଅଫ କଙ୍ଗୋ–** ଫ୍ରାନ୍ସ ଠାରୁ ୧୯୬୦ ମସିହା ଅଗଷ୍ଟ ୧୫ରେ ରିପବ୍ଲିକ୍ ଅଫ କଙ୍ଗୋକୁ ସ୍ୱାଧୀନତା ମିଳିଥିଲା । ପାଖାପାଖି ୮୦ ବର୍ଷ ପରେ ଏହି ସ୍ୱାଧୀନତା ସେମାନେ ପ୍ରାପ୍ତ କରିଥିଲେ । ଏହା ୧୯୬୯ ରୁ ୧୯୯୨ ପର୍ଯ୍ୟନ୍ତ ମାରିକ୍ସିଷ୍ଟ ଲେନିନିଷ୍ଟ ଷ୍ଟେଟ ରହିଥିଲା । ଏହାପରେ ସେଠାରେ ବର୍ତ୍ତମାନ ମଲ୍ଟି ପାର୍ଟି ଇଲେକସନ୍‌ର ଆୟୋଜନ କରାଯାଉଛି ।

**ଲିକଟେଷ୍ଟାଇନ୍–** ୧୮୬୬ରେ ଜର୍ମାନୀ ଠାରୁ ଏହା ନିଜର ସ୍ୱାଧୀନତା ପ୍ରାପ୍ତ କରିଥିଲା । ଅଗଷ୍ଟ ୧୫କୁ ଏଠାରେ ନ୍ୟାସନାଲ ଡେ' ଭାବେ ପାଳନ କରାଯାଇଥାଏ । ଏଠାରେ ଏହି ଦିନ ବାଣ ଫୁଟାଇ ଏହି ଦିନକୁ ବେଶ୍ ଖୁସି ଓ ଉଲ୍ଲାସରେ ପାଳନ କରାଯାଇଥାଏ । ଏହି ସେଲିବ୍ରେସନକୁ ହଜାର ହଜାର ଲୋକ ଉପଭୋଗ କରିଥାଆନ୍ତି ।






## ଭାରତର ଜାତୀୟ ପତାକା

- ଭାରତର ତ୍ରିରଙ୍ଗାର ଲମ୍ୱ ଓ ଚଉଡାର ଅନୁପାତ ୨ : ୩ ।
- ୧୯୪୭ ଜୁଲାଇ ୨୨ରେ ତ୍ରିରଙ୍ଗାର ରଙ୍ଗକୁ ଆସେମ୍ବଲି ମିଟିଂରେ ନିର୍ଦ୍ଧାରଣ କରାଯାଇଥିଲା ।
- ଏଥିରେ ଥିବା ନାରଙ୍ଗୀ ରଙ୍ଗର ଅର୍ଥ ସାହସ, ଧଳାର ଅର୍ଥ ସତ୍ୟ ଏବଂ ସବୁଜ ଜୀବନ ଓ ପ୍ରଗତିକୁ ସୂଚାଇଥାଏ ।
- ଏଥିରେ ଥିବା ଚକ୍ରରେ ୨୪ଟି ଅଖ ରହିଛି, ଯାହା ତ୍ରିରଙ୍ଗାର ମଝିରେ ରହିଥାଏ । ଏହା ଆମର ପ୍ରଗତିକୁ ସୂଚାଇଥାଏ ।
- ଏହି ପତାକାକୁ ସ୍ୱାଧୀନତା ସଂଗ୍ରାମୀ ପିଙ୍ଗଲି ଭେଙ୍କୟା ଡିଜାଇନ କରିଥିଲେ ।
- ତ୍ରିରଙ୍ଗାକୁ ନେଇ ହେଉଥିବା ବିଭିନ୍ନ ନିଷ୍ପତ୍ତିକୁ ଏକ କମିଟି କରୁଥିଲା ଯାହାକୁ ଡ. ରାଜେନ୍ଦ୍ର ପ୍ରସାଦ ନେତୃତ୍ୱ ନେଉଥିଲେ ।
- ଜାତୀୟ ପତାକାର ପ୍ରସ୍ତୁତି କରିବା ଅଧିକାର ଆମର ଖଦି ବିକାଶ ଏବଂ ଗ୍ରାମ ଶିଳ୍ପ ଆୟୋଗ କମିସନ ପାଖରେ ରହିଛି ।




ଆମ ତ୍ରିରଙ୍ଗା କେବଳ ତିନୋଟି ରଙ୍ଗ ନୁହେଁ । ଏହି ତିନିଟି ରଙ୍ଗ ଆମ ଦେଶର ତିନି ଶକ୍ତି । କେଶର ରଙ୍ଗ ହେଉଛି ଆମ ଦେଶର ଶକ୍ତି ଓ ସାହାସର ପ୍ରତୀକ, ଧଳା ରଙ୍ଗ ଶାନ୍ତି ତଥା ସତ୍ୟର ଚିହ୍ନ ଏବଂ ସବୁଜ ରଙ୍ଗ ହେଉଛି ଆମ ମାଟିର ସବୁଜିମା ବୃଦ୍ଧି, ଉର୍ବରତା ଓ ସଫଳତାକୁ ସୂଚାଇଥାଏ । ଅଶୋକ ଚକ୍ର ନ୍ୟାୟ ଓ ଧର୍ମର ଚକ୍ର ବା ପ୍ରତୀକ । ଆମ ଦେଶ ଚଳିତଥର ପାଳନ କରୁଛି ସ୍ୱାଧୀନତାର ୭୯ ବର୍ଷ । ଗତ ବର୍ଷ ଠାରୁ ଏହା 'ଅମୃତ ମହୋତ୍ସବ' ରୂପେ ସାରା ଦେଶରେ ଉତ୍ସାହର ସହ ପାଳିତ କରାଯାଉଛି । ଏଥିପାଇଁ 'ହର୍ ଘର୍ ତିରଙ୍ଗା' ର ଆହ୍ୱାନ ଦିଆଯାଇଛି ।

ଜାତୀୟ ପତାକା ପ୍ରତ୍ୟେକ ସାର୍ବଭୌମ ସ୍ୱାଧୀନ ରାଷ୍ଟ୍ରର ପ୍ରତୀକ, ରାଷ୍ଟ୍ର ମର୍ଯ୍ୟାଦାର ପରିଚୟ । ଆମ ଜାତୀୟ ପତାକାର ନିର୍ମାଣକର୍ତ୍ତା ହେଉଛନ୍ତି ପିଙ୍ଗାଳି ଭେଙ୍କେୟାନନ୍ଦ । ଏହାକୁ ୧୯୪୭ ଜୁଲାଇ ୨୨ ତାରିଖରେ ଭାରତୀୟ ସମ୍ବିଧାନ ସ୍ୱୀକୃତି ଦେଇଥିଲା । ଏହାର ଅନେକ ବ୍ୟାଖ୍ୟା ମଧ୍ୟରୁ ଗୋଟିଏ ହେଉଛି ଆମ ଜାତୀୟ ପତାକାର ନିମ୍ନଭାଗରେ ଥିବା ସବୁଜ ରଙ୍ଗ ଧରିତ୍ରୀ ବା ଭୂମିର ପ୍ରତୀକ ହୋଇଥିବାବେଳେ, ଉର୍ଦ୍ଧ୍ୱରେ ନାରଙ୍ଗି ରଙ୍ଗ ଭୂମା ବା ଆଧ୍ୟାତ୍ମିକ ଉତ୍କର୍ଷର ପ୍ରତୀକ । ଏହାର ମଧ୍ୟଭାଗରେ ଥିବା ଧଳାରଙ୍ଗ ଶାନ୍ତି, ସତ୍ୟ ଓ ଶୁଦ୍ଧତାର ପ୍ରତୀକ । ସେହି ଶାନ୍ତି, ସତ୍ୟ ଓ ଶୁଦ୍ଧତା ସହିତ ଜୀବନର ଅଗ୍ରଗତିର ପ୍ରତୀକ ହେଉଛି ଚକ୍ର । ଗୌତମ ବୁଦ୍ଧ ବୋଧିପ୍ରାପ୍ତ ହେବା ପରେ ଯେଉଁ ମୃଗବନ ଠାରେ ତାଙ୍କର ପ୍ରଥମ ଧର୍ମୋପଦେଶ ପ୍ରଦାନ କରିଥିଲେ, ତାହା ଏବେ ସାରନାଥ ଭାବରେ ପ୍ରସିଦ୍ଧ। କଳିଙ୍ଗ ଯୁଦ୍ଧ ପରେ ଅଶୋକ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ । ତାହା ପରେ, ସେହି ସ୍ଥାନକୁ ସ୍ମରଣୀୟ କରି ରଖିବା ପାଇଁ ସେ ସେଠାରେ ଏକ ସ୍ତମ୍ଭ ନିର୍ମାଣ କରିଥିଲେ। ସେହି ସ୍ତମ୍ଭରେ ଏହି ଚକ୍ର ସ୍ଥାନ ପାଇଥିଲା। ତାହା ଥିଲା ୨୪ଟି ପହି ବା ଅର ବିଶିଷ୍ଟ ଚକ୍ର, ସେହି ଚକ୍ର ଆମ ଜାତୀୟ ପତାକାରେ ସ୍ଥାନ ପାଇଛି । ତାହା ରାତି ଓ ଦିନର ୨୪ ଘାର ପ୍ରତୀକ ବୋଲି କୁହାଯିବା ବେଳେ, ଏହାର ବିଭିନ୍ନ ବ୍ୟାଖ୍ୟା ରହିଛି ।

ଡ଼ଃ.ଅରୁନ୍ଧତୀ ଦେବୀ
ଦୂରଭାଷ : ୯୯୩୭୧୭୨୮୧୦



R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୦୯
ତିଥି : ଷଷ୍ଠୀ
୧୫ ଅଗଷ୍ଟ ୨୦୨୫, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା-୧୬, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur

Vol. - XXIX, No.309
15 Aug 2025, Friday,
Bhubaneswar
Price: 5.00 Online
Portal-www.odishasamaya.com, samayaepaper.com, odishasamaya, thesamayanews@gmail.com, www.samayalive.in

### ସ୍ୱାଧୀନତା ଦିବସ ଶୁଭେଚ୍ଛା

୭୯ତମ ସ୍ୱାଧୀନତା ଦିବସ ଅବସରରେ 'ସମୟ'ର ଅଗଣିତ ପାଠକ, ପାଠିକା, ଶୁଭେଚ୍ଛୁ, ବିଜ୍ଞାପନଦାତା ଓ ବିତରକମାନଙ୍କୁ 'ସମୟ' ପରିବାର ତରଫରୁ ଶୁଭେଚ୍ଛା ଓ ଶୁଭକାମନା ।

ନିର୍ଦ୍ଦେଶିକା

### 'ସମୟ'ର ଛୁଟି

୭୯ତମ ସ୍ୱାଧୀନତା ଦିବସ ଅବସରରେ 'ସମୟ'ର କାର୍ଯ୍ୟାଳୟ ଅଗଷ୍ଟ ୧୫ ଶୁକ୍ରବାର ବନ୍ଦ ରହିବ । ଏହାର ପରବର୍ତ୍ତୀ ସଂସ୍କରଣ ୧୭ ତାରିଖ ରବିବାର ପ୍ରକାଶ ପାଇବ ।

ନିର୍ଦ୍ଦେଶିକା

## ଅପରେସନ୍ ସିନ୍ଦୂର ଏକ ଐତିହାସିକ ଉଦାହରଣ



ନୂଆଦିଲ୍ଲୀ, ୧୪।୮ : ଅପରେସନ୍ ସିନ୍ଦୂର ହେଉଛି ଆତଙ୍କବାଦ ବିରୋଧରେ ଲଢ଼େଇର ଏକ ଐତିହାସିକ ଉଦାହରଣ। ଆମର ସେନା ରାଷ୍ଟ୍ରର ସୁରକ୍ଷା ପାଇଁ ସର୍ବଦା ପ୍ରସ୍ତୁତ ଅଛନ୍ତି। ଆମ ପାଇଁ ଆମ ସମ୍ବିଧାନ ଓ ଆମର ଗଣତନ୍ତ୍ର ସର୍ବୋପରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

୭୯ତମ ସ୍ୱାଧୀନତା ଦିବସ ଅବସରରେ ରାଷ୍ଟ୍ର ଉଦ୍ଦେଶରେ ବାର୍ତ୍ତା ରଖି ରାଷ୍ଟ୍ରପତି କହିଛନ୍ତି ଯେ, ଅପରେସନ (୯ ପୃଷ୍ଠାରେ)


### ଜମ୍ମୁ-କାଶ୍ମୀରରେ ବାଦଲ ଫଟା ବର୍ଷା ରଚିଲା ତାଣ୍ଡବ


## ୪୪ ମୃତ, ୨୦୦ରୁ ଊର୍ଦ୍ଧ୍ୱ ନିଖୋଜ





ନୂଆଦିଲ୍ଲୀ,୧୪।୮: ଜାମ୍ମୁ-କାଶ୍ମୀର କିସ୍ତୱାଡ ଜିଲ୍ଲାରେ ବାଦଲ ଫଟା ବର୍ଷା ଯୋଗୁଁ ଆସିଥିବା ଆକସ୍ମିକ ବନ୍ୟାରେ ୪୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୦ରୁ ଅଧିକ ନିଖୋଜ ହୋଇଛନ୍ତି। ୧୨୦ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକଙ୍କ ମଧ୍ୟରେ ୨ ସିଆଇଏସ୍ଏଫ୍ ଯବାନ ଅଛନ୍ତି। ମଚୈଲ ମାତାଙ୍କ ଯାତ୍ରା ପାଇଁ ଶ୍ରଦ୍ଧାଳୁମାନେ ଏକାଠି ହୋଇଥିବା ବେଳେ ଏହି ଅଘଟଣ ଘଟିଛି।


ହିମାଚଳରେ ଥିବା ମାତା ଚଣ୍ଡିଙ୍କ ଯାତ୍ରା ପାଇଁ ତୀର୍ଥଯାତ୍ରୀମାନେ ପ୍ରସ୍ତୁତ ହୋଇଥିଲେ। ଏହି ସମୟରେ ହଠାତ ଏଭଳି ଆକସ୍ମିକ ବନ୍ୟା ଆସିଥିଲା। ଘଟଣାସ୍ଥଳରେ ୧୦୦୦ରୁ ୧୨୦୦ ଲୋକ ଏକାଠି ହୋଇଥିଲେ। ଜାମ୍ମୁ-କାଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦ୍ଧୁଲ୍ଲା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। କ୍ଷତିଗ୍ରସ୍ତ ଅଞ୍ଚଳରେ ସମସ୍ତ ସାମ୍ଭାବ୍ୟ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ଜମ୍ମୁ-କାଶ୍ମୀର ପ୍ରଶସନ ଉଦ୍ଧାର କାର୍ଯ୍ୟକୁ ସଫଳତାର ସହ କରିଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ଅନେକ ଲୋକ ମାଟିତଳେ ଚାପି ହୋଇଥିବା କୁହାଯାଉଛି। କିସ୍ତୱାଡ ସହ ରଜୌରୀ ଓ ମେଣ୍ଟରରେ ମଧ ବାଦଲ ଫଟା ବର୍ଷା ହୋଇଥିବା ଜଣାପଡିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘଟଣା ସମ୍ପର୍କରେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ମୋର ଭାବନା ଓ ପ୍ରାର୍ଥନା ସମସ୍ତ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ରହିଛି। ପରିସ୍ଥିତିକୁ ତୀକ୍ଷ୍ଣ ଭାବେ ଅନୁଧ୍ୟାନ କରାଯାଉଛି। ଯାହା ଆବଶ୍ୟକ ପଡିବ ସମସ୍ତ ସାହାର୍ଯ୍ୟ ସହଯୋଗ ଯୋଗାଇ ଦିଆଯିବ। ଜମ୍ମୁ-କାଶ୍ମୀର ଏଲଜି ମନୋଜ ସିହ୍ନା ଶୋକବ୍ୟକ୍ତ କରିବା ସହ ଆହତମାନଙ୍କର ଆଶୁଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ପୋଲିସ, ସେନା, ଏନ୍‌ଡିଆର୍‌ଏଫ, ଏସ୍‌ଡିଆର୍‌ଏଫ୍ ଅଧିକାରୀମାନେ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ନିୟୋଜିତ ଅଛନ୍ତି ।




OPGC
HAPPY
79th INDEPENDENCE DAY
"Honouring the sacrifices of torch bearers of Independent India"


इंडियनऑयल
IndianOil
79वां स्वतंत्रता दिवस
राष्ट्र को नमन, सपनों को ऊर्जा
Saluting the Nation, Energising Dreams
पहले इंडियन फिर ऑयल PEHLE INDIAN PHIR OIL
ଇଣ୍ଡିଆନ୍‌ଅଏଲ ପାରାଦୀପ ରିଫାଇନରୀ ତରଫରୁ
ସ୍ୱାଧୀନତା ଦିବସର ହାର୍ଦ୍ଦିକ ଅଭିନନ୍ଦନ


एनटीपीसी NTPC
50
79TH HAPPY INDEPENDENCE DAY
15th AUGUST 2025
Committed to Society for Brighter Tomorrow
Talcher Thermal Power Project
Leading the Power Sector


JAYDEV HP GAS
Samantarapur, Bhubaneswar
15TH AUGUST
INDEPENDENCE DAY
HP GAS
M : 9861231217


15 AUGUST
INDEPENDENCE DAY
HP GAS
ILA HP GAS
Raghunathpur, Bhubaneswar



JENA BHARAT GAS
15 AUGUST
Eranch
INDEPENDENCE DAY
Bharatgas
ଶୁକ୍ରବାର, ୧୫ ଅଗଷ୍ଟ ୨୦୨୫
M : 9348501924



15 AUGUST
INDEPENDENCE DAY
Bharatgas
ALOK BHARAT GAS
Mob.: 8763405051
Thakurpada, Khordha



APARAJITA BHARAT GAS
Mob.: 9178968703
Bharatgas
15TH AUGUST
INDEPENDENCE DAY
INDIA
Plot No. : 17, District Center, Chandrasekharpur, Bhubaneswar


BASUDEV BHARAT GAS
Chhatabar, Khordha M : 8249318027
Bharatgas
HAPPY
Independence Day
15TH OF AUGUST


FREEDOM MAHOTSAV
GET FREE SPEED
WORTH Rs 79/-
WITH EVERY NXT OIL CHANGE
Exclusive OFFER at (15th - 31st August)
Bharat Petroleum
SANTOSH KUMAR & CO.


HI-TECH MEDICAL COLLEGE & HOSPITAL
HAPPY INDEPENDENCE DAY
2025
Serving the nation with excellence in healthcare 24x7
Advanced multi super-speciality care for every citizen, every day
#FamilyHospital
Dr. Tirupati Panigrahi
Chairman
Hi-Tech Group
0674-3500 900
www.hi-techhospital.in
HI-TECH MEDICAL COLLEGE & HOSPITAL
27 YEARS OF TRUST & CARE


JSL
JINDAL STAINLESS
Celebrating
79 YEARS OF
STAINLESS EXCELLENCE
PROUD TO BE BUILDING THE NATION AND SHAPING THE FUTURE
ଜିନ୍ଦଲ ଷ୍ଟେନଲେସ୍ ତରଫରୁ ସ୍ୱାଧୀନତା ଦିବସର ଶୁଭକାମନା
HAPPY INDEPENDENCE DAY


୭୯ତମ
ସ୍ୱାଧୀନତା ଦିବସର
ହାର୍ଦ୍ଦିକ ଶୁଭେଚ୍ଛା
Celebrating the spirit of
Aatmanirbhar Bharat
building a future of growth and innovation.
नालको NALCO
National Aluminium Company Limited
आत्मनिर्भर भारत की उड़ान, एल्यूमिनियम से है पहचान

# ପୁରୁଣା ମେଟ୍ରୋ ପ୍ରକଳ୍ପ ବନ୍ଦ, ନୂଆ ଢ଼ାଞ୍ଚାରେ ହେବ

ଭୁବନେଶ୍ୱର, ୧୪।୮ (ସବ୍ୟୁ): ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପକୁ ନେଇ ଆରମ୍ଭ ହୋଇଯାଇଛି ଚର୍ଚ୍ଚା । ଓଡ଼ିଶାରେ ମେଟ୍ରୋ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯିବ । କେନ୍ଦ୍ର ସରକାରଙ୍କ ସହଯୋଗରେ ରାଜ୍ୟରେ ମେଟ୍ରୋ ପ୍ରକଳ୍ପ କରାଯିବ। ନୂଆ ଢାଞ୍ଚାରେ ମେଟ୍ରୋ ପାଇଁ ଟେକ୍ନିକାଲ କମିଟି ଗଠନ ହେବ । ଏହି କମିଟି ବିଭିନ୍ନ ସହରକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି ।

ନୂଆ ଟ୍ରାକ୍ ନେଇ କମିଟି ରିପୋର୍ଟ ଦେବେ। ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରୀ ସ୍ତରୀୟ ସବ କମିଟିର ଦ୍ୱିତୀୟ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି। ବୈଠକରେ କମ୍ପ୍ରେହେନସିଭ ମୋବିଲିଟି ପ୍ଲାନ୍ ତିଆରି ହୋଇଛି । କେଉଁ ଅଞ୍ଚଳରେ ଲାଇନ୍ ଯିବ, କେଉଁ ଜାଗାରେ ପାର୍କିଂ ଅଞ୍ଚଳ ହେବ, ତାହାର ରିପୋର୍ଟ ଟେକ୍ନିକାଲ କମିଟି ଦେବେ । ସାଧାରଣ ଲୋକଙ୍କ ମତାମତ ମଧ୍ୟ ନିଆଯିବ ।

ପୁରୁଣା ପ୍ରକଳ୍ପ ବନ୍ଦ ହୋଇଛି । ସେସବୁ ରାସ୍ତା ଟ୍ରାଫିକ ଜାମ୍ ରହୁଛି । ଟେଷ୍ଟିଙ୍ଗ୍ ବେଳେ ଲୋକଙ୍କୁ ହଇରାଣ ହେବାକୁ ପଡିଥିବା ମନ୍ତ୍ରୀ କହିଛନ୍ତି । ମେଟ୍ରୋ କାମ ଚାଲିଥିଲେ ସେସବୁ ରାସ୍ତା ବନ୍ଦ ହୋଇ ଯାଇଥାନ୍ତା । ସେଥିପାଇଁ ନୂଆ ଟ୍ରାକ୍ କେଉଁଠି ହେବ ସେ ରିପୋର୍ଟ କମିଟି ଦେବ ।

# ବର୍ଷା ଆଉ ୨୪ ଘଣ୍ଟା : ପୁଣି ଏକ ଘୂର୍ଣ୍ଣିବଳୟ ସମ୍ଭାବନା

ଭୁବନେଶ୍ୱର, ୧୪।୮ (ସବ୍ୟୁ): ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ବିଶେଷକରି ଦ.ଓଡ଼ିଶାରେ ପ୍ରବଳ ବର୍ଷା ଲାଗି ରହିଛି। ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ରାଜ୍ୟରେ କେତେକ ସ୍ଥାନରେ ବର୍ଷା ହୋଇପାରେ। ଆସନ୍ତା ସପ୍ତାହରେ ପୁଣି ଏକ ଘୂର୍ଣ୍ଣିବଳୟ ହେବାର ସମ୍ଭାବନା ରହିଛି। ଏଭଳି ଆକଳନ କରୁଛି ଭାରତୀୟ ପାଣିପାଗ ବିଭାଗ।

ପାଣିପାଗ ବିଭାଗର ବିସ୍ତାରିତ ଆକଳନ ଅନୁଯାୟୀ, ଉତ୍ତର ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ । ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ଚଳିତ ମାସର ଚତୁର୍ଥ ସପ୍ତାହରେ ସମ୍ଭାବ୍ୟ ଲଘୁଚାପ ଓଡ଼ିଶା ଉପକୂଳ ସୃଷ୍ଟି ହୋଇ ୨୬ ପର୍ଯ୍ୟନ୍ତ ଓଡ଼ିଶା ଉପକୂଳ ବା ଆଭ୍ୟନ୍ତରଣୀରେ ରହିବ। ଏହାଦ୍ୱାରା ଦକ୍ଷିଣ ଓଡ଼ିଶା ସମେତ ସାରା ରାଜ୍ୟରେ ବର୍ଷା ହେବ। ଆସନ୍ତା ୧୯ ତାରିଖ ମଧ୍ୟରେ ଦକ୍ଷିଣରେ ସମୁଦାୟ ୫୦ରୁ ୧୧୦ ମିମି ଅନ୍ୟାନ୍ୟ ସ୍ଥାନରେ ୨୫ରୁ ୫୦ ମିମି ବର୍ଷା ହେବ। ୨୦ରୁ ୨୧ରେ କାଁ ଭାଁ ବର୍ଷା ହେବାକୁଥିବା ବେଳେ ୨୨ରୁ ୨୭ ମଧ୍ୟରେ ଉପକୂଳ ଓ ସଂଲଗ୍ନ ଜିଲ୍ଲା ସହିତ ଦକ୍ଷିଣ ଓଡ଼ିଶାରେ ୭୦ରୁ ୧୦୦ ମିମି ବର୍ଷା ହେବାର ସମ୍ଭାବନା ରହିଛି।

DADLS-42



ପବିତ୍ର ସ୍ୱାଧୀନତା ଦିବସ - ୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ।
ଓଡ଼ିଶାକୁ ଦେଶର ଏକ ବିକଶିତ ଓ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମିଳିମିଶି ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)



୭୯ତମ ସ୍ୱାଧୀନତା ଦିବସ
ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟବାସୀ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।
ଆସନ୍ତୁ, ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ଲକ୍ଷ୍ୟ ସହିତ ରାଜ୍ୟ ଓ ଦେଶର ସାମଗ୍ରିକ ବିକାଶ ଦିଗରେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0952/2526

DSPL-213



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆନ୍ତର୍ଜାତିକ ସମବାୟ ବର୍ଷ

୨୦୨୫ ଖରିଫ୍ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (PMFBY) ରେ ପଞ୍ଜିକରଣ ଅବଧି ୩୧ ଅଗଷ୍ଟକୁ ବୃଦ୍ଧି

ଏତଦ୍ୱାରା ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ସୂଚିତ କରାଯାଉଅଛି ଯେ ଚଳିତ ଖରିଫ୍ ଫସଲର ବୀମା ପଞ୍ଜିକରଣ ଯଥାଶୀଘ୍ର କରାଇ ନିଅନ୍ତୁ

- ବିଜ୍ଞାପିତ ଅଞ୍ଚଳରେ ଚାଷ ହୋଇଥିବା ୮ ଗୋଟି ଫସଲ ଯଥା - **ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଓ ହଳଦୀ** ପାଇଁ ବୀମା କରାଯାଇପାରିବ ।
- ପ୍ରାକୃତିକ ଦୁର୍ବିପାକ ଦ୍ୱାରା ଫସଲ ଅମଳରେ କ୍ଷତି ହେଲେ ଏହି ଯୋଜନାରେ ଚାଷୀ ଭାଇଭଉଣୀମାନେ କ୍ଷତିପୂରଣ ପାଇପାରିବେ ।
- ଭାଗ ଚାଷୀ ମଧ୍ୟ ନିର୍ଦ୍ଧାରିତ ଫର୍ମରେ ଜମି ମାଲିକଙ୍କଠାରୁ ସହମତି ଆଣି ନିଜ ଫସଲର ପଞ୍ଜିକରଣ କରିପାରିବେ ।
- ଋଣୀ ଚାଷୀମାନେ ଋଣ ନେଇଥିବା ଅନୁଷ୍ଠାନ ଯଥା- **ପ୍ରାଥମିକ କୃଷି ସମବାୟ ସମିତି (PACS)**, **ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି (LAMPCS)** ଓ **ବ୍ୟାଙ୍କ ଶାଖାରେ** ଏହି ପଞ୍ଜିକରଣ କରାଇପାରିବେ ।
- ଅଣଋଣୀ ଚାଷୀମାନେ **ଜନସେବା କେନ୍ଦ୍ର (CSC), ସମବାୟ ବ୍ୟାଙ୍କ ଶାଖା ତଥା ଅନ୍ୟାନ୍ୟ ବ୍ୟାଙ୍କ ଶାଖାରେ** ଆବଶ୍ୟକୀୟ କାଗଜ ପତ୍ର ଦେଇ ଏହି ପଞ୍ଜିକରଣ କରାଇ ପାରିବେ ।
- ଏହି ପଞ୍ଜିକରଣ ପାଇଁ **ଆଧାର କାର୍ଡ (Aadhar Card)** ବାଧ୍ୟତାମୂଳକ ଅଟେ ।
- ଜଣେ ଚାଷୀ ପାଇଁ ସର୍ବାଧିକ **୫ ଏକର** ପର୍ଯ୍ୟନ୍ତ ଚାଷ ଜମିର ପଞ୍ଜିକରଣ **ବିନା କୌଣସି ଦେୟରେ** କରାଯିବ । ବ୍ୟାଙ୍କ ଆକାଉଣ୍ଟ **Validation** ପାଇଁ ଆବେଦନ ପତ୍ର ପିଛା କେବଳ ୧ ଟଙ୍କା ଦେବାକୁ ପଡ଼ିବ ।
- ମୟୂରଭଞ୍ଜ, ନବରଙ୍ଗପୁର, କେନ୍ଦ୍ରାପଡ଼ା ଓ ଦେବଗଡ଼ ଜିଲ୍ଲାର ଅଣଋଣୀ ଚାଷୀଙ୍କ ପାଇଁ ଏହି ବର୍ଦ୍ଧିତ ଅବଧି କେବଳ ଧାନ ଫସଲ ପାଇଁ ଉପଲବ୍ଧ ।
- ଅଧିକ ବିବରଣୀ ପାଇଁ ନିକଟସ୍ଥ **କୃଷି ସମବାୟ ସମିତି (PACS/ LAMPCS), ବ୍ୟାଙ୍କ ଶାଖା** କିମ୍ବା **ARCS, DRCS, CDAO** ଅଫିସରେ ଯୋଗାଯୋଗ କରନ୍ତୁ ।

ଶେଷ ତାରିଖ ପୂର୍ବରୁ ନିଜ ଫସଲର ପଞ୍ଜିକରଣ କରାଇଦେବାକୁ ଅନୁରୋଧ

ପଞ୍ଜିକରଣର ଶେଷ ତାରିଖ
୩୧ ଅଗଷ୍ଟ ୨୦୨୫

ସମବାୟ ବିଭାଗ, ଓଡ଼ିଶା ସରକାର

OIPR: 39001/13/0033/2526

# ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ଭୋଟ ତାରିଖ ଧାର୍ଯ୍ୟ ପ୍ରକ୍ରିୟା ଆରମ୍ଭ

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଆଣିଥିବା ଅନାସ୍ଥା ପ୍ରକ୍ରିୟାରେ ଆଜି ଯାଜପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହାଜିର ହୋଇ ନିଜର ସହମତି ଜଣାଇଛନ୍ତି ୩୮ଜଣ ସମିତିସଭ୍ୟ ଓ ସରପଂଚ । ଧର୍ମଶାଳା ବିଡିଓ ଜ୍ୟୋତିର୍ମୟ କରଙ୍କ ସୂଚନା କ୍ରମେ ଧର୍ମଶାଳା ବ୍ଲକ ଅଧିନରେ ଥିବା ପଂଚାୟତ ଗୁଡିକର ୩୮ ଜଣ ସରପଂଚ ଓ ସମିତିସଭ୍ୟ ଆଜି ଦିନ ୧୧ଟାରେ ଉପଜି୍ଲାପାଳଙ୍କ କାର୍ଯ୍ୟାଳୟରେ ହାଜିର ହୋଇଥିଲେ । ଗତ ୧୧ ତାରିଖରେ ଉପଜିଲ୍ଲାପାଳଙ୍କ ନିକଟରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନସ୍ଥା ଆଣିଥିବା ସମସ୍ତ ୩୮ ଜଣ ସମିତିସଭ୍ୟ ସରପଂଚ ଆଜି ଜଣକ ପରେ ଜଣେ ଉପଜିଲ୍ଲାପାଳଙ୍କ ନିକଟରେ ହାଜିର ହୋଇ ନିଜର ପ୍ରମାଣ ପତ୍ର, ଆଧାର କାର୍ଡ ଓ ଭୋଟ ପରିଚୟପତ୍ର ଯାଂଚ କରାଇଥିଲେ । ସମସ୍ତ ୩୮ ଜଣ ଜନପ୍ରତିନିଧିଙ୍କ ପ୍ରମଣପତ୍ର ଯାଂଚ ସଠିକ ଭାବେ କରାଯାଇ ପରବର୍ତୀ ଅନାସ୍ଥା ଭୋଟ ଲାଗି ତାରିଖ ଧାର୍ଯ୍ୟକରାଯାଇ ସମସ୍ତଙ୍କୁ ଅବଗତ କରାଯିବ ବୋଲି ଉପଜିଲ୍ଲାପାଳ ତାପସ ରଞ୍ଜନ ଦେଉରୀ ସମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ତେବେ ଚଳିତ ମାସ ୨୭ ତାରିଖ ମଧ୍ୟରେ ଅନାସ୍ଥା ଭୋଟ ଅନୁଷ୍ଠିତ ହୋଇପରେ ବୋଲି ଅନୁମାନ କରାଯାଉଛି । ଅନାସ୍ଥା ଭୋଟ ପାଇଁ ସମସ୍ତ ପ୍ରକ୍ରିୟା ଯାଜପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ବେଳେ ଧର୍ମଶାଳା ବ୍ଲକରେ ଭୋଟ ଅନୁଷ୍ଠିତ ହେବ ବୋଲି ଜଣାପଡିଛି । ଗତ ୨୦୧୭ ମସିହା ପଂଚାୟତ ନିର୍ବାଚନ ପରେ ପୁର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ସାନ ଭାଇ ପ୍ରଭାତ ବଳବନ୍ତରାୟ ବ୍ଲକ ଅଧ୍ୟକ୍ଷ ଭାବେ ୫ ବର୍ଷ ପୁରଣ କରି ପରବର୍ତୀ ୨୦୨୨ ପଂଚାୟତ ନିର୍ବାଚନରେ ସେ ପୁଣି ଥରେ ଅଧ୍ୟକ୍ଷ ପଦରେ ଅଳଙ୍କୃତ ହୋଇଥିଲେ । ଅନ୍ୟପଟେ ଧର୍ମଶାଳା ବ୍ଲକ ପ୍ରତିଷ୍ଠା ହେବା ପରଠାରୁ କୌଣସି ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଏହା ପ୍ରଥମ ଅନାସ୍ଥା ପ୍ରସ୍ତାବ ଆସିଛି । ଶାସକ ଦଳର ପଲା ଭାରି ରହିଥିବାରୁ ବ୍ଲକରେ ହେବାକୁଥିବା ଅନାସ୍ଥା ଭୋଟରେ ପ୍ରଭାତ ନିଜର ଅଧ୍ୟକ୍ଷପଦ ହରାଇବାର ଯଥେଷ୍ଟ ସମ୍ଭାବନା ରହିଛି ।

# ୧୫ ହଜାର ଟଙ୍କା ଲାଞ୍ଚ ନେଇ କିରାଣୀ ଭିଜିଲାନ୍ସ ଜାଲରେ



ମହାକାଳପଡ଼ା,(ସବ୍ୟୁ) :ମହାକାଳପଡ଼ା ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣୀ ନାରାୟଣ ଲେଙ୍କା ଶିକ୍ଷକଙ୍କର ହାଉସିଂ ଲୋନ କାଗଜପତ୍ର ପ୍ରସ୍ତୁତି ପାଇଁ ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ହାତରେ ଧରା ପଡିଥିବା ଖବର ମହାକାଳପଡ଼ା ଅଂଚଳରେ ଆଲୋଡନ ସୃଷ୍ଟି କରିଛି । ସୂଚନାରୁ ପ୍ରକାଶ ଲାଞ୍ଚୁଆ କିରାଣୀ ପୂର୍ବ ଦିନ ମାନଙ୍କରେ ମୁଖ୍ୟ କିରାଣୀ କାର୍ଯ୍ୟରତ ଥାଇ ଅଧିକାଂଶ ସମୟରେ କାର୍ଯ୍ୟାଳୟରୁ ଅନୁପସ୍ଥିତ ରହୁଥିଲେ । ମୁଖ୍ୟ କିରାଣୀଙ୍କ ଅଳସୁଆମୀର ସୁଯୋଗ ଉଣ୍ଡୀ ଫାଇଦା ମାରୁଥିଲେ କନିଷ୍ଠ କିରାଣୀ । ଏପରିକି ମେଡିକାଲ ବିଲ ଠାରୁ ଆରମ୍ଭ କରି ଜିପିଏଫ ସମେତ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ପାଇଁ ହାତ ଗୁଞ୍ଜା ନପାଇଲେ ଫାଇଲ କାର୍ଯ୍ୟ କରୁନଥିଲେ । ଏନେଇ ଶିକ୍ଷକଙ୍କ ମହଲରେ ଅଶାନ୍ତି ପ୍ରକଟ ହେଉଥିବା କଥା ଅନେକ ସମୟରେ ପଦାକୁ ଆସିଛି । ସମ୍ପୃକ୍ତ ଅଳସୁଆ ମୁଖ୍ୟକିରାଣୀ ଅବସର ନେବା ପରଠୁ ବର୍ଷ ବର୍ଷ କନିଷ୍ଠ କିରାଣୀ ଅଫିସ ସମ୍ଭାଳୁଛନ୍ତି । କାର୍ଯ୍ୟାଳୟ ର ଗେହ୍ଲା ପୁଅ ଭାବେ କାର୍ଯ୍ୟ କରୁଥିବା ଶ୍ରୀ ଲେଙ୍କା ଠାକୁର ଘରେ କିଏ ନା ମୁ କଦଳୀ ଖାଉନି ନ୍ୟାୟ ରେ କାର୍ଯ୍ୟାଳୟ ପରିଚାଳିତ କରୁଥିଲେ । କିରାଣୀ ବାବୁ ଜଣକ ରାଇଗଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ ସିଂ ଙ୍କ ହାଉସିଂ ଲୋନ କାଗଜ ପତ୍ର ପ୍ରସ୍ତୁତି କରାଇ ବ୍ୟାଙ୍କ ପଠାଇବା ପାଇଁ ଚାରି ମାସ ହେବ ଦିନ ଗଡ଼ାଇ ଲାଞ୍ଚ ନେବାର ପ୍ଲଟ ପ୍ରସ୍ତୁତି କରୁଥୁଲେ । ଶିକ୍ଷକ ଶ୍ରୀ ସିଂ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହେବାପରେ ୨୦, ୦୦୦ ହାତଗୁଂଜା ଦେଇ କାର୍ଯ୍ୟ ହାସଲ ପାଇଁ ପ୍ରସ୍ତୁତି ହୋଇଥିଲେ । ଛିଡିଥିବା କଥା ଅନୁସାରେ କିରାଣୀ ଜଣକ ବୁଧବାର ଅଫିସ ସମୟ ପରେ ଭଡା ଘର ମାର୍ଶାଘାଇ ପାଖରେ ଲାଞ୍ଚ ଟଙ୍କା ନେବା ପାଇଁ ଅପେକ୍ଷାରେ ଥିଲେ । ଯୋଜନା ମୁତାବକ ଶିକ୍ଷକ ସ୍କୁଲ ଛୁଟି ପରେ ମାର୍ଶାଘାଇ ଅଭିମୁଖେ ଯାଇଥିଲେ । ସେଠାରେ ଅପେକ୍ଷା ରତ ଭିଜିଲାନ୍ସ ଟିମ ଠାରୁ ରାସାୟନିକ ଲେପ ଥିବା ପନ୍ଦର ହଜାର ଟଙ୍କା ନେଇ ସନ୍ଧ୍ୟାରେ ଶିକ୍ଷକ କିରାଣୀ କୁ ଦେଇଥିଲେ । ପୂର୍ବଯୋଜନା ମୁତାବକ ଭିଜିଲାନ୍ସ ଟିମ କିରାଣୀ କୁ କାବୁ କରି ଲେପ ଦିଆ ଲାଞ୍ଚ ଟଙ୍କା ଜବତ କରିଥିଲେ । ସନ୍ଧ୍ୟା ସମୟରେ ଏଭଳି ଘଟଣା ଘଟିବା ପରେ ଭିଜିଲାନ୍ସଟିମ ଭଡା ଘର ସହିତ ପିତୃପୁରୁଷ ଘର ଆଶ୍ରମ ବାଲିକୁଦା ତନଖିଛନ୍ତି । ତେବେ ଦେଖିବାକୁ ବାକି ରହିଲା ତଦନ୍ତ ପରେ ଲାଞ୍ଚୁଆ କିରାଣୀ ଆୟବର୍ହିଭୂତ ସମ୍ପତ୍ତି ତାଲିକାରେ କେତେଲମ୍ବା ହେଉଛି

## ପାରିବାରିକ କଳହରୁ ମାଆକୁ ହାଣିଲା ପୁଅ

ବାଲିପାଟଣା ,(ସବ୍ୟୁ): ବାଲିଅନ୍ତା ଥାନା ଅନ୍ତର୍ଗତ ଖମଙ୍ଗ ଶାସନ ଗ୍ରାମର ସଞ୍ଜୁ ସ୍ୱାଇଁ ଙ୍କର ତିନି ପୁଅ ଅଛନ୍ତି, ସାନ ପୁଅ ସଦାସର୍ବଦା ନିଶା ଶକ୍ତ ଥାଏ। ଗୁରୁବାର ଦିନ କୌଣସି କାରଣରୁ ଘରେ ପାଟିତୁଣ୍ଡ ଲାଗିଥିଲା । ଏଥିରେ ରାଗିଯାଇ ଏକ ଧାରୁଆ ଅସ୍ତ୍ରରେ ନିଜ ଜନ୍ମିତ ମାଆକୁ ହାଣି ଗୁରୁତର ଅବସ୍ଥାରେ ପକାଇ ଚମ୍ପଟ ମରିଥିଲା। ବଡ଼ ପୁଅ ଓ ପରିବାର ଲୋକେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ । ଖବର ପାଇ ପୋଲିସ୍ ତଦନ୍ତ ଆରମ୍ଭ କରିଛି ।

## ଅପହରଣ କରି ୧୦ହଜାର ନେଲେ ,ଜଣେ ଗିରଫ



ବ୍ୟାସନଗର,(ଜିପ୍ର)୧୪।୮: ବିଏଏଚସି କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀଙ୍କୁ ଦୁଇଜଣ ଅପହରଣ କରି ୧୦ହଜାର ନେବା ଘଟଣାରେ ଯାଜପୁର ରୋଡ଼ ପୁଲିସ ଜଣକୁ ଗିରଫ କରିଛି । ଅଭିଯୁକ୍ତ ସେକ୍ ମମିନ(୩୫)ବୋଲି ଥାନା ଅଧିକାରୀ ଆଶିଷ ସାହୁଙ୍କ ଠାରୁ ସୂଚନା ମିଳିଛି । ପୁଲିସ ସୂଚନା ମତେ ଗତକାଲି ସକାଳ ୧୦ଟା ସମୟରେ ବିଏଏଚସି କମ୍ପାନୀର କର୍ମଚାରୀ ଏଲସାଏ କନ୍ଦପାନ ଏବଂ ସାଙ୍ଗ ଇନ୍ଦର ସାଗର ବାଇକ ଯୋଗେ ମୁଣ୍ଡମାଳରେ ରହୁଥିବା ବାସ ଘରକୁ ଯାଉଥିବା ବେଳେ ଅଭିଯୁକ୍ତ ବାଟରେ ଛୁରି ଦେଖାଇ ଅଟକାଇଥିଲେ । ଦୁଇ ଅଭିଯୁକ୍ତ ବଳପୂର୍ବକ ଏଲସାଏ କନ୍ଦମାନଙ୍କୁ ଗାଡ଼ିର ଟେକି ନେଇ ବ୍ୟାସ ସରୋବର ଜଙ୍ଗଲକୁ ନେଇଯାଇଥିଲେ । ଜଙ୍ଗଲରେ ଅଭିଯୁକ୍ତ ଛୁରି ଦେଖାଇ ନଗଦ ୭ହଜାର ଏବଂ ଫୋନପେ ରେ ୩ ହଜାର ଟଙ୍କା ନେଇ ଚମ୍ପଟ ମାରିବାକୁ ବସିଥିଲେ । ତେବେ ବାଟରେ ରହିଯାଇଥିବା ଏଲସାଏ କନ୍ଦପାନଙ୍କ ସାଙ୍ଗ ଇନ୍ଦର ପଛେ ପଛେ ଯାଇ ଜଙ୍ଗଲରେ ପହଁଚିଥିଲେ । ଇନ୍ଦରକୁ ଦେଖି ଅଭିଯୁକ୍ତ ଦ୍ୱୟ ବାଇକ୍‌ରେ ଫେରାର ହେଇ ଯାଉଥିବା ବେଳେ ଗିରଫ ଅଭିଯୁକ୍ତ ଗଳି ପଡ଼ିଥିଲା । ଫଳରେ ଏଲସାଏ ଏବଂ ଇନ୍ଦର ମାଡ଼ିବସି ପୁଲିସକୁ ଖବର କରିଥିଲେ । ଘଟଣା ସ୍ଥଳରେ ପୁଲିସ ପହଁଚି ଅଭିଯୁକ୍ତକୁ ଗିରଫ କରି ମାମଲା ନଂ ୪୭୮/୨୫ରେ କୋର୍ଟ ଚାଲାଣ କରିଛି ।

## କେନାଲରେ ଅଳିଆ: ତଳମୁଣ୍ଡକୁ ଯାଉନି ପାଣି

ମାହାଙ୍ଗା,(ସବ୍ୟୁ): ରାଜ୍ୟ ସରକାର କୃଷକମାନଙ୍କ ହିତଦୃଷ୍ଟିରୁ ମାହାଙ୍ଗା ଅଂଚଳରେ ଥିବା ବିଭିନ୍ନ ମୁଖ୍ୟ କେନାଲ ଓ ଶାଖା କେନାଲର ସଫେଇ ,ବନ୍ଧମରାମତି ଏପରିକି କେନାଲ ଭିତର ପାର୍ଶ୍ୱରେ ଗାଡ୍‌ଓାଲ୍ ନିର୍ମାଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲା ବେଳେ ତାହା କିପରି କାର୍ଯ୍ୟରେ ଆସୁନି ଯାହାକୁ ନେଇ ଚାଷୀଙ୍କ ଅସନ୍ତୋଷବୃଦ୍ଧି ପାଇଥିଲା ବେଳେ ଏହାର ଉଦାହରଣ ପାଲଟିଛି ଜଳସଂପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଧର୍ମାଗତପୁର ଅଧିନରେ ଥିବା ୬ ନଂ ମୁଖ୍ୟ କେନାଲ ଓ ତାହାର ଶାଖା କେନାଲ । ଏହି କେନାଲ କୁସନଦାସପୁରଠାରେ ଦେଖିବାକୁ ମିଳିଛି । କେନାଲ ଭିତରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇଥିଲା ବେଳେ ତଳକୁ ପାଣି ଯାଉନି । ଏପରିକି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ କେନାଲ ଦେଖାରଖା କରିବାରେ ନିୟୋଜିତ ହୋଇଥିବା କର୍ମଚାରୀମାନଙ୍କର ଦେଖା ମିଳୁନାହିଁ । ଯାହାଫଳରେ କୃଷକମାନଙ୍କର ଚିନ୍ତା ବଢିବାରେ ଲାଗିଛି । ବିଲକ କେନାଲ ପାଣି ଯାଉନଥିବାରୁ କୃଷକମାନେ ଧାନ ରୋଇବା ପାଇଁ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି । ଏଣୁ ମାହାଙ୍ଗାର ବିଧାୟକ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କେନାଲରେ ଲାଗିଥିବା ଅଳିଆ ସଫା କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀମାନଙ୍କ ମହଲରେ ଦାବି ହେଉଛି ।

## ଓପିଟିସିଏଲରୁ ଆଲୁମିନିୟମ ତାର ଚୋରୀ : ଜଣେ ଗିରଫ

ଦାନଗଦି (ସବ୍ୟୁ) : କଳିଙ୍ଗନଗର ଥାନା ଅନ୍ତର୍ଗତ ଭିତରମାଣିକା ଗ୍ରାମ ଠାରେଥିବା ଓପିଟିସିଏଲ୍ ଗ୍ରୀଡରୁ ଆଲୁମିନିୟମ ତାର ଚୋରୀ ଘଟଣାରେ ଜଣକୁ ଗିରଫ କରି ଆଜି ଅଦାଲତକୁ ପଠାଯାଇଥିବା ତଦନ୍ତ ଅଧିକାରୀ ଏସ୍ଆଇ ରମେଶ କୁମାର ବେହେରାଙ୍କ ଠାରୁ ପ୍ରକାଶ । ସୁଚନା ମୁତାବକ ଓପିଟିସିଏଲ୍ ରୁ ବୁଧବାର ରାତିରେ ଚୋରମାନେ ଏକ ଆଲୁମିନିୟମ୍ ତାର ବଣ୍ଡଲକୁ ଗୋଟିଏ ମିନି ଟ୍ରକ (ଓଡି ୩୪ ଜି–୫୨୫୬) ରେ ବୋଝେଇ କରି ନେଉଥିବା ବେଳେ ରାସ୍ତାକଡକୁ ଓଲଟି ପଡିଥିଲା । ଚୋରମାନେ ସେଠାରୁ ଖସି ପଳାଇଥିଲେ । ଚାଳକକୁ ଓପିଟିସିଏଲ୍ ର ସିକ୍ୟୁରିଟିମାନେ ଧରି ଥାନାକୁ ହସ୍ତାନ୍ତର କରିଥିଲେ । ଥାନା ଏକ ମାମଲା ରୁଜୁ କରି ମିନି ଟ୍ରକ୍ , ୩ କୁଇଣ୍ଟାଲରୁ ଉର୍ଦ୍ଧ ଆଲୁମିନିୟମ ତାର ବଣ୍ଡଲ ଓ ଏକ ମୋବାଇଲ ଜବତ କରି ତଦନ୍ତ ଜାରି ରହିଛି । ଖୁବ ଶିଘ୍ର ଅନ୍ୟ ଚେରମାନଙ୍କୁ ଧରାଯିବାକୁ ତଦନ୍ତ ଅଧିକାରୀ ପ୍ରକାଶ କରିଥିଲେ ।

## ପିଜୁଳି ଗଛରୁ ପଡ଼ି ହୋମଗାର୍ଡଙ୍କ ମୃତ୍ୟୁ

ବିଞ୍ଝାରପୁର,(ସବ୍ୟୁ) : ବିଞ୍ଝାରପୁର ଥାନାର କାର୍ଯ୍ୟରତ ହୋମଗାର୍ଡ ଦୀନବନ୍ଧୁ ମଲ୍ଲିକ (୫୩)ଙ୍କର ଗୁରୁବାର ଅପରାହ୍ନରେ ପିଜୁଳିଗଛରୁ ପଡ଼ି ମୃତ୍ୟୁ ଘଟିଛି । ଘଟଣା ମୁତାବକ ବିଞ୍ଝାରପୁର ଥାନାର କାର୍ଯ୍ୟରତ ହୋମଗାର୍ଡ ଦୀନବନ୍ଧୁ ମଲ୍ଲିକ ଗୁରୁବାର ଅପରାହ୍ନ ସମୟରେ ପୁରୁଣା ଥାନା ପରିସରରେ ଥିବା ପିଜୁଳି ଗଛକୁ ଚଢି ପିଜୁଳି ପାରୁଥିଲେ । ହେଲେ ଦୁଯୋଗ ବଶତଃ ସେ ଗଛ ଉପରୁ ତଳକୁ ପଡିଯାଇ ଗୁରୁତର ହୋଇ ପଡ଼ିଥିଲେ । ଦୀନବନ୍ଧୁଙ୍କୁ ତୁରନ୍ତ ଘଟଣାସ୍ଥଳରୁ ଉଦ୍ଧାର କରାଯାଇ ନିକଟସ୍ଥ ବିଞ୍ଝାରପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ଦୀନବନ୍ଧୁଙ୍କର ମୃତ୍ୟୁ ହୋଇଯାଇଛି ବୋଲି ଘୋଷଣା କରିଥିଲେ । ଦୀନବନ୍ଧୁଙ୍କର ମୃତ୍ୟୁ ଖବର ଜଣାପଡିଲା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ହେମଗାର୍ଡ ଦୀନବନ୍ଧୁଙ୍କ ମୃତ୍ୟୁରେ ବିଞ୍ଝାରପୁର ପୋଲିସ ଏକ ଅପମୃତ୍ୟୁ ମାମଲା କେଶ ନଂ ୨୦/୨୫ ରୁଜ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ମୃତ ହୋମଗାର୍ଡ ଦୀନବନ୍ଧୁଙ୍କ ଘର ନିକଟସ୍ଥ କଏଣା– ରଘୁନାଥପୁର ଗ୍ରାପର ନରୁଆ ମାଧପୁର ଗ୍ରାମରେ ବୋଲି ଜଣାପଡିଛି ।

## ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ଉମର ପଞ୍ଚାୟତ ଗସ୍ତ



ମାହାଙ୍ଗା ,(ସବ୍ୟୁ) : ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗାର ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ଉମର ପଂଚାୟତ ଗ୍ରସ୍ତ କାର୍ଯ୍ୟକ୍ରମ ପନ୍ଦରବାଟିଆ ଛକରୁ ଗତକାଲି ୧୩.୦୮.୨୦୨୫ରିଖ ଅପରାହ୍ନରେ ଆରମ୍ଭ ହୋଇଥିଲା । ଶତାଧିକ ଶୁଭେଚ୍ଛୁ ଓ ସହକର୍ମୀଙ୍କ ଗହଣରେ ଶ୍ରୀଯୁକ୍ତ ଜେନା ପ୍ରଥମେ ଓସ୍ତପୁର ଗ୍ରାମର ବିଶିଷ୍ଟ ସମାଜସେବୀ ଶତାୟୁ ପୁରୁଷ ତଥା ବିଜୁବାବୁଙ୍କ ଘନିଷ୍ଠ ସହଯୋଗୀ ମକର ମହାନ୍ତିଙ୍କ ବାସଭବନକୁ ଯାଇ ତାଙ୍କର ସ୍ୱାସ୍ଥ୍ୟବସ୍ଥା ସଂପର୍କରେ ପଚାରି ବୁଝିଥିଲେ । ଏଥିସହିତ ତାଙ୍କଠାରୁ ଆର୍ଶିବାଦ ଗ୍ରହଣ କରିଥିଲେ । ସେହିପରି ଉମର ପଂଚାୟତର ୫ ନଂ ୱାର୍ଡର କାଉଡିଭାର ନେଇ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିବା ଚନ୍ଦନ କୁମାର ସାହୁ କିଡୀନ ରୋଗରେ ପିଡୀତ ଗୌରାଙ୍ଗ ଦାସ, ବିଶିଷ୍ଟ ବିଜେଡି ନେତା ତଥା ସମାଜସେବୀ ରବିନ୍ଦ୍ରନାଥ ପଣ୍ଡା, ନରୋତ୍ତମ ଦଲାର, ରବିନ୍ଦ୍ର ବେହେରା ପ୍ରମୁଖଙ୍କ ଘରକୁ ଯାଇ ସେମାନଙ୍କୁ ସାକ୍ଷାତ କରିବା ସହ ସେମାନଙ୍କର ସ୍ୱାସ୍ଥ୍ୟ ବସ୍ଥା ସଂପର୍କରେ ପଚାରି ବୁଝିଥିଲେ । ଏହାପରେ ସଞ୍ଜୟ କୁମାର ବେହେରାଙ୍କ ଘରୋଇ ବାସଭବନରେ ଯୋଗଦାନ କରିଥିଲେ । ଶେଷରେ ନାଳିପଡିଆ ମଠ ଠାରେ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରି କୃପାଭିକ୍ଷା କରିଥିଲେ । ଏହି କାର୍ଯ୍ୟକ୍ରମରେ ଉମର ପଂଚାୟତର ସରପଂଚ ଶାସ୍ୱତ ଦାସ, ସମିତିସଭ୍ୟ କିଶୋର କୁମାର ଦାସ, ଜିଲ୍ଲାପରିଷଦ ସଭ୍ୟ ଜଗବନ୍ଧୁ ସେଠୀ, ପ୍ରାକ୍ତନ ସରପଂଚ ଚିତ୍ତରଂଜନ ମହାପାତ୍ର, ନାହାଙ୍ଗା ପଂଚାୟତର ସରପଂଚଙ୍କ ପ୍ରତିନିଧି ଦେବରଂଜନ ମହାନ୍ତି, କୁରୁଜଙ୍ଗା ପଂଚାୟତର ସରପଂଚ କମଳାକାନ୍ତ ଦାଶ, ସନ୍ତୋଷ ମହାପାତ୍ର, ନାରାୟଣ ବେହେରା, ଶରତ ଚନ୍ଦ୍ର ନାୟକ, ବିସ୍ମୟ କୁମାର ମହାପାତ୍ର, ଧର୍ମଜିତ୍ ପ୍ରଧାନ, ଚନ୍ଦନ ସାହୁ, ଅଜୟ କୁମାର ପଣ୍ଡା, ରାୟଗୁରୁ ମାନସ ମହାପାତ୍ର, ଚିତ୍ତରଂଜନ ଦଳାଇ, ନାରାୟଣ ସାହୁ, ନୀରୋଦ ସେଠୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ ।

## ୟୁଏନଏସ କଲେଜରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ

କୁଆଖିଆ ,(ସବ୍ୟୁ) :ଉପେନ୍ଦ୍ର ନାଥଶାରଦା ମହାବି ଦ୍ୟାଳୟ ରେ ଆଜି ଉଚ୍ଚ ଶିକ୍ଷା ବିଭାଗ ର ତୀରଙ୍ଗା କାର୍ଯ୍ୟକ୍ରମ ଅଧକ୍ଷ ଶାରଦା କର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ଅଧ୍ୟାପକ ସୁରେଶ ଚନ୍ଦ୍ର ଦାସ, ବିଶ୍ୱଜିତ ଦାସ ,ସିଦ୍ଧାର୍ଥ ଶଙ୍କର ରଥ ଯୋଗ ଦେଇ ଦେଇ ଆତ୍ମନିର୍ଭର ହେବା ସହ ତୀରଙ୍ଗା ଯାତ୍ରା ର ମହତ୍ୱ ଉପରେ ଛାତ୍ର ଛାତ୍ରୀ ମାନ ଙ୍କୁ କହିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରଦୀପ କୁମାର ବଳ, ସୁରେନ୍ଦ୍ର କୁମାର ପାତ୍ର, ଚିତ୍ତ ରଞ୍ଜନ ଧଳ, ଅଧ୍ୟା ପିକା ମମତା ବୋଇତାଇ, କାନ୍ତି ।ଲା ପଣ୍ଡା, କାଦମ୍ବିନୀ ଦାସ ଯୋଗ ଦେଇ ତୀରଙ୍ଗା ଉପରେ କହିଥିଲେ । କାର୍ଯ୍ୟକ୍ରମ ସଂଚାଳକ ପି ଇ ଟି ଅମରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ର ଛାତ୍ରୀ ମାନେ ତୀରଙ୍ଗା ପତାକା ହାତରେ ଧରି ବରପୁତ୍ର ମାନଙ୍କ ସ୍ମୃତିଚାରଣ କରି ଜାତୀୟ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ । ତୀରଙ୍ଗା ସମ୍ପର୍କିତ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀ ଙ୍କୁ ଅତିଥି ବୃନ୍ଦ ସାର୍ଟିଫିକେଟ ବଣ୍ଟନ କରିଥିଲେ । ଏଥିରେ ଅଦ୍ୟାପକ କୃଷ୍ଣ ଚନ୍ଦ୍ର ପାଢ଼ୀ, ବିରୁପାଖ୍ୟ କର, ଖ୍ୟ ଣ ପ୍ରଭା ବେହେରା, ଅମରେନ୍ଦ୍ର ମଳିକ ଓ ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ ।

## ବାରୋରେ ତ୍ରିରଙ୍ଗା ପଦଯାତ୍ରା

କେନ୍ଦ୍ରାପଡା ,(ସବ୍ୟୁ) :ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପସ୍ୱାସ୍ଥ୍ୟ କେନ୍ଦ୍ର ବାରୋ ଠାରୁ ଆରମ୍ଭ ହୋଇ ବାରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ତ୍ରିରଙ୍ଗା ପଦଯାତ୍ରା ଆୟୋଜନ ହୋଇଥିଲା । ସ୍ଥାନୀୟ ସରପଞ୍ଚ ଗୋପୀନାଥ ମଳିକଙ୍କ ନେତୃତ୍ୱରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଆଶାକର୍ମୀ, ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟ, ପଞ୍ଚାୟତ ଜନପ୍ରତିନିଧି, ଶତାଧିକ ଗ୍ରାମବାସୀ ଉକ୍ତ ପଦଯାତ୍ରା ରେସାମିଲ ହୋଇଥିଲେ । ଘରେ ଘରେ ତ୍ରିରଙ୍ଗାଏବଂ ଘରେ ଘରେ ସ୍ୱଛତାନାରାବାଜି ଦେଇ ପଦଯାତ୍ରା କୁ ଆଗେ ନେଇଥିଲେ । ଦେଶର ୭୯ତମ ସ୍ୱାଧିନତା ଦିବସ ଉପଲକ୍ଷେ ଆୟୋଜିତ ଉକ୍ତ ପଦଯାତ୍ରାକୁ ସାଧାରଣ ଲୋକେ ଆଗ୍ରହର ସହିତ ସାମିଲ ହୋଇଥିଲେ ।

## ବାଇକ ଜବତ: ଚୋର କୋର୍ଟ ଚାଲାଣ

ବ୍ୟାସନଗର,(ଜିପ୍ର)୧୪।୮: ଯାଜପୁର ରୋଡ଼ ପୁଲିସ ଚୋରି ବାଇକ ଜବଦ କରିବା ସହ ଚୋରକୁ ଗିରଫ କରି କୋର୍ଟ ଚାଲାଣ କରିଛି । କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତ ଦାନଗଦୀ ବ୍ଲକ ରାଛିପୁର ଗ୍ରାମର ସ୍ୱର୍ଗତ ବୃନ୍ଦାବନ ଓଝାଙ୍କ ପୁଅ ସୁରେନ୍ଦ୍ର(୪୨) ହୋଇଥିବା ବେଳେ ସେ ବ୍ୟାସନଗର ପୌରାଂଚଳ ନୀଳାଦ୍ରୀ ବିହାରରୁ ଓଡ଼ି୦୫ଏସଇ–୫୨୧୮ ନଂ ବିଶିଷ୍ଟ ୟାହାମା ଏଫଜେଡ଼ଜେ ବାଇକ ଚଳିତ ମାସ ୪ତାରିଖରେ ଚୋରି କରି ନେଇଥିଲା ।

## ଜାରକାରେ ଯବାନଙ୍କ ମର ଶରୀରକୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଧର୍ମଶାଳା,(ସବ୍ୟୁ): ରାଜସ୍ଥାନ ଯୋଧପୁରରେ ଟ୍ରେନ ରୁ ଖସିପଡି ମୃତ୍ୟୁବରଣ କରିଥିବା ଜବାନଙ୍କ ମରଶରୀର ଆଜି ତାଙ୍କ ଜନ୍ମସ୍ଥାନ କୁଆଖିଆ ଥାନା ସୁଳିଆ ଗ୍ରାମକୁ ଯିବା ସମୟରେ ଜରକାଠାରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାଧାରଣ ଲୋକେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଯବାନଙ୍କ ପାର୍ଥିବ ଶରୀରକୁ ଧର୍ମଶାଳା ଫିଜିକାଲ ଏକାଡ଼େମୀ ଓ ଧର୍ମଶାଳା ଡିଫେନ୍ସ କ୍ଲବ ପକ୍ଷରୁ ଏକ ଶୋଭାଯାତ୍ରାରେ ଜାରକା ବଜାର ପରିକ୍ରମା କରାଯାଇ ତାଙ୍କ ନିଜ ଗ୍ରାମ କଲଣ ଶୁଳିଆ ପର୍ଯ୍ୟନ୍ତ ନିଆଯାଇଥିଲା ।

## ୨୦୦ ମିଟର ତ୍ରିରଙ୍ଗା ନେଇ ବିଜେପିର ପଦଯାତ୍ରା

ନିଶ୍ଚିନ୍ତକୋଇଲି,(ସବ୍ୟୁ) :ଭାରତୀୟ ଜନତା ପାର୍ଟି ନିଶ୍ଚିନ୍ତକୋଇଲି ବ୍ଲକ ସଂଗଠନ ପକ୍ଷରୁ ଏକ ତ୍ରିରଙ୍ଗା ପଦଯାତ୍ରା ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି । ମାହାଙ୍ଗା ବିଜେପି ନେତା ସୁମନ୍ତ ଘଡ଼ାଇ ଙ୍କ ନେତୃତ୍ୱ ଓ ଯୁବନେତା ବିକାଶ ଚନ୍ଦ୍ର ସ୍ୱାଇଁଙ୍କ ସଂଯୋଜନାରେ ଏଥିରେ ଶହ ଶହ ବିଜେପି ମହିଳା ଓ ପୁରୁଷ କର୍ମୀମାନେ ଯୋଗ ଦେଇ ହାତରେ ୨ଶହ ମିଟର ଲମ୍ବ ବିଶିଷ୍ଟ ଏକ ଜାତୀୟ ପତାକା ଧରି ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ଶୋଭଯାତ୍ରା ପରିକ୍ରମା କରିବା ସମୟରେ କର୍ମୀମାନେ ବିଭିନ୍ନ ଶ୍ଳୋଗାନ ଦେଇ ଭାରତ ମାତାର ଜୟଗାନ କରିଥିଲେ । ତହସିଲ ଛକ ସ୍ଥିତ ବିଜେପି କାର୍ଯ୍ୟାଳୟରୁ ଏହି ପଦଯାତ୍ରା ବାହାରି ଶୃଙ୍ଖଳିତ ଭାବେ ନିଶ୍ଚିନ୍ତକୋଇଲି ବଜାରରେ ଶେଷ କରାଯାଇଥିଲା । ବରିଷ୍ଠ ବିଜେପି କର୍ମକର୍ତ୍ତା ପ୍ରଫୁଲ୍ଲ ମହାପାତ୍ର, ମଣ୍ଡଳ ସଭାପତି ହରପ୍ରସାଦ ପୃଷ୍ଟି ,ପ୍ରଭାତ କୁମାର ମଲ୍ଲିକ, କୈଳାସ ବେହେରା ଓ ସାଧାରଣ ସମ୍ପାଦକ ମଳୟ କୁମାର ଘଡ଼ାଇ, ରାକେଶ କୁମାର ବେହେରା,ମୀନକେତନ ଦାସ,ପ୍ରଫୁଲ୍ଲ କୁମାର ପାତ୍ର,ଦିବାକର ଦାସ, କୁଳମଣି ରାଉତ,ପ୍ରିୟଙ୍କା ମଳିକ, ଫରିଦା ବିବି, ଜୟନ୍ତୀ ଘଡ଼ାଇ,ପାର୍ବତୀ ନାୟକ, ଉର୍ମିଳା ନାୟକ,ସୁକାନ୍ତୀ ମାହାଳୀଙ୍କ ସମେତ ବହୁ ବିଜେପି କର୍ମୀ ଏଥିରେ ଯୋଗଦାନ କରିଥିଲେ ।

# ରାତିରେ ଗାତ, ସକାଳୁ ସମତୁଲ: ଅନ୍ତ ପାଉନି ପ୍ରଶାସନ



ପାରାଦୀପ,( ଜି ପ୍ର ) : ପାରାଦୀପ ବନ୍ଦରକୁ ସଂଲଗ୍ନ କରୁଥିବା ରାଜପଥରେ ଅତି ଚତୁରତାର ସହ ଖେଳ ଚାଲିଛି । ଅନ୍ତ ପାଉନି ପ୍ରଶାସନ ଚଣ୍ଡିଖୋଲରୁ ପାରାଦୀପ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ଏହାର ସୁଯୋଗ ନେଇ କିଛି ମାଟି ମାଫିଆ ଏକଦମ ସକ୍ରିୟ ହୋଇ ଉଠିଛନ୍ତି । ରାତି ଏଗାରଟା ବାଜିବା କ୍ଷଣି ହାଇୱା ଆଉ ଜେସିବି ଚାଲି ଆସୁଛନ୍ତି ରାଜପଥକୁ ଆଉ ଆରମ୍ଭ ହେଇ ଯାଉଛି ଅସଲ ଖେଳ । ରାସ୍ତା କଡରୁ ରାତି ତମାମ ମାଟି ତାଡି ମାଟି ମାଫିଆ ମାନେ ସେହି ମାଟିକୁ ନେଇ ବିଭିନ୍ନ ପ୍ରାଇଭେଟ ପ୍ଲଟରେ ପକାଇ ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଛନ୍ତି । ଅନ୍ୟପଟେ ମାଟି ଲୁଟ ହେଉଥିବା ସ୍ଥାନରେ ବଡ଼ ବଡ଼ ଗାତ ସୃଷ୍ଟି ହେଉଥିବା ବେଳେ ସେଥିରେ ସକାଳ ହେବା ପୂର୍ବରୁ ଜିପସମ ପକାଇ ପୋତି ଦିଆଯାଉଛି । ଭୂତମୁଣ୍ଡାଇ ଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ୭ଟି ଗ୍ରୁପରେ ମାଫିଆ ମାନେ ନିଜକୁ ଭାଗଭାଗ କରି ଯେତେ ଜଳଦି ହୋଇପାରିବ ସେତେ ଜଳଦି ମାଟି ଲୁଟ କରିବାରେ ବ୍ୟସ୍ତ । ଏହି ସବୁ ମାଫିଆ ଗ୍ରୁପକୁ ଜୈନିକ ବ୍ୟକ୍ତି କଣ୍ଟ୍ରୋଲ କରୁଥିବା ବେଳେ ତାର ଅନ୍ତ ପାଉନି ପ୍ରଶାସନସ୍ୱାଇଁ ସ୍ଥାନୀୟ ତହସିଲ, ଜିଲ୍ଲା ପ୍ରଶାସନ, ଖଣି ବିଭାଗ କିମ୍ବା ପୋଲିସ ଏତେ ସବୁ ଘଟଣା ଘଟି ଚାଲିଥିବା ବେଳେ ଜାଣି ପାରୁ ନାହାନ୍ତି କିମ୍ବା ଜାଣି ନଜାଣିଲା ପରି ବଦଳି ଭୟରେ ରହି ଯାଉଛନ୍ତି, ତାହା କିଏ କହିବ । ଅନେକ ଜାଗାରେ ରାସ୍ତା କଡରେ ଏବେବି ଗାତ ଗୁଡିକ ଖାଲି ପଡି ରହିଛି । ରାସ୍ତା ନିର୍ମାଣରେ ନିୟୋଯିତ ଥିବା କର୍ମଚାରୀମାନେ ଏଥିରେ ସାମିଲ ଥିବା ମଧ୍ୟ ଆଲୋଚନା ହେଲାଣି । ଏହି ମାଫିଆ ମାନେ ପୂର୍ବ ସରକାରରେ ମାଟି ତାଡି କୋଟିପତି ତାଲିକାରେ ପହଂଚି ଥିବା ବେଳେ ଏହି ସରକାରରେ ନେତାଙ୍କ ସାଙ୍ଗ, ସମ୍ପର୍କୀୟ, ବନ୍ଧୁ ଆଦି ପରିଚୟ ଦେଇ ଖୁବ ଲୁଟିବାରେ ବ୍ୟସ୍ତ । ରାଜପଥ କଡରେ ଥିବା ଅନେକ ଦୋକାନରେ ସିସିଟିଭି କ୍ୟାମେରା ଲାଗିଥିବା ବେଳେ ଏହାକୁ ତଦନ୍ତ କଲେ କିଏ ମାଟି ତାଡି ନେଉଛି ଓ ରାତି ରାତି ରାସ୍ତା କଡରେ ସୃଷ୍ଟି ହେଉଥିବା ଗାତରେ ଜିପସମ ପୁରାଇ ତାକୁ ସମତୁଲ କରୁଛି, ତାହା ନିଶ୍ଚୟ ଜଣା ପଡିପାରନ୍ତା । ଦୀର୍ଘ ଏକମାସ ହେବ ରୀତିମତ ଏହି ଲୁଟ କାର୍ଯ୍ୟ ଚାଲୁଥିବା ବେଳେ ସାଧାରଣ ଜନତା ସବୁ ଦେଖି କେବଳ ଲୁଟ କିଭଳି ହୁଏ ତାକୁ ଦେଖୁଛନ୍ତି । ବିଶେଷକରି ରାଜପଥ ପ୍ରାଧିକରଣ ବିଭାଗ ପକ୍ଷରୁ ରାଜପଥ କଡରେ କଣ ପାଇଁ ଓ କିଏ ଗାତ ସୃଷ୍ଟି କରୁଛି, ତାହାର ମଧ୍ୟ ସମୀକ୍ଷା କରାଯାଉନାହିଁ । ତଳ ଠାରୁ ଉପର ପର୍ଯ୍ୟନ୍ତ ସମସ୍ତେ ଏଥିରେ ସାମିଲ ନହେଲେ ଏସବୁ କଣ ସମ୍ଭବ ବୋଲି ଲୋକେ ପ୍ରଶ୍ନ କଲେଣି ।

# କଂଗ୍ରେସ ପକ୍ଷରୁ ଭୋଟ ଚୋର ଗାଦି ଛାଡ଼ ଦାବିରେ ମଶାଲ ଶୋଭାଯାତ୍ରା




ଜଗତସିଂହପୁର,(ସବ୍ୟୁ) :ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତ୍ତି କ୍ରମେ ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଙ୍କ ପୌରହିତ୍ୟରେ ଭୋଟ ଚୋର ଗାଦି ଛାଡ଼ ଦାବିରେ ଗାନ୍ଧୀ ଛକ ଠାରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ମଶାଲ ଶୋଭାଯାତ୍ରାରେ ଶହଶହ ସଂଖ୍ୟାରେ କଂଗ୍ରେସ କର୍ମୀମାନେ ଯୋଗଦେଇ ଭୋଟ ଚୋରି କରି ଶାସନ କରୁଥିବା ମୋଦି ସରକାର ଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ନିର୍ବାଚନ କମିସନର ଙ୍କ ବିରୋଧରେ ନାରାବାଜି କରିଥିଲେ ।

ବିରୋଧିଦଳ ନେତା ରାହୁଲ ଗାନ୍ଧୀ ନିଜସ୍ୱ ଅନୁସନ୍ଧାନ ଦ୍ୱାରା ଲୋକ ଲୋଚନକୁ ଆଣିଥିବା ଭୋଟ ଚୋରିର ୫ଟି କୁଖ୍ୟାତ କୌଶଳ ସମ୍ପର୍କରେ ଜନଗଣଙ୍କୁ ଅବଗତ କରାଇବା ସହ ଭୋଟ ଚୋରିକୁ ରୋକିବାକୁ ସମସ୍ତେ ଆଗେଇ ଆସିବାକୁ ଦଳ ପକ୍ଷରୁ ମଶାଲ ଶୋଭାଯାତ୍ରା ମାଧ୍ୟମରେ ଅନୁରୋଧ କରାଯାଇଛି ।ଗଣତନ୍ତ୍ର ବଞ୍ଚାଅ ମହାସଂଗ୍ରାମରେ ସାମିଲ ହେବାକୁ ଦଳ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି । ଆଜିର ଏହି କାର୍ଯ୍ୟକ୍ରମରେ ବାଲିକୁଦା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ, ପୂର୍ବତନ ପୌରାଧକ୍ଷ ବିପ୍ଲବ ଚୌଧୁରୀ, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବ ଶାଖାର ଜିଲ୍ଲା ସଭାପତି ବେଦଦ୍ୟୁତି ପୃଷ୍ଟି, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ,ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ସର୍ବେଶ୍ୱର ପଣ୍ଡା, ମହନୀ ଚରଣ ରାଉତ, ବାଲିକୁଦା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ବିକ୍ରମ ପରିଡା, ଜଗତସିଂହପୁର ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଭୟ ମହାନ୍ତି, ଜଗତସିଂହପୁର ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ମାନସ କୁମାର ରଥ, ବିରିଡ଼ି ବ୍ଲକର ପୂର୍ବତନ ସଭାପତି ଅଶୋକ କୁମାର ଜେନା,ପାରାଦ୍ୱୀପ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି କେଦାର ବିଶ୍ୱାଳ, ବିରିଡ଼ି ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ପ୍ରିୟବ୍ରତ ମିଶ୍ର,କୁଜଙ୍ଗ ବ୍ଲକ୍ କଂଗ୍ରେସ କମିଟିର ପୂର୍ବତନ ସଭାପତି ନିହାର ଦାସ, ଏରସମା ବ୍ଲକ୍ କଂଗ୍ରେସ କମିଟିର ପୂର୍ବତନ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ,ସରପଞ୍ଚ ପ୍ରମୋଦ ସାହୁ,ଜିଲ୍ଲା କଂଗ୍ରେସ ସେବାଦଳ ଅଧକ୍ଷ ଡ଼ାକ୍ତର ଜଗଦାନନ୍ଦ ବେହେରା,ଜିଲ୍ଲା ସଂଖ୍ୟାଲଘୁ ସେଲର ସଭାପତି ଇମତିଆଜ ଅହମ୍ମଦ ଖନ୍, କଂଗ୍ରେସ ନେତା କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରମୁଖ ଯୋଗ ଦେଇଥିଲେ ।

## ମା ତାରିଣୀ କଲେଜରେ ହରଘର ତ୍ରିରଙ୍ଗା

ପାଣିକୋଇଲି,(ସବ୍ୟୁ) : ପାଣିକୋଇଲିସ୍ଥିତ ମା ତାରିଣୀ ଡିଗ୍ରୀ ମହାବିଦ୍ୟାଳୟ ଠାରେ ହରଘର ତ୍ରୀରଂଗା ଓ ସଂସ୍କୃତ ଭାଷା ସପ୍ତାହ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ତଥା ତତ୍ତ୍ୱାବଧାନରେ ଗୀତା ଆବୃତି, ସଂଗୀତ ଗାନ, ଓ ତର୍କ ଆଦି ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନେ ଭାଗ ନେଇଥିଲେ । ବରିଷ୍ଠ ଅଧ୍ୟାପକ ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରିପାଠୀଙ୍କ ସଂଚାଳନାରେ ବିଚାରକ ଭାବେ ଅଧ୍ୟାପିକା ପାର୍ବତୀ ନାଥ, ମଦନ ମୋହନ ପାତ୍ର ସଂଯୋକ ସତ୍ୟବ୍ରତ ଦାସ ଶୁଭକାନ୍ତ ପାତ୍ର, ଶକ୍ତିମୟୀ ଜେନା, ସନ୍ତୋଷ ଦାସ, ଅଭିମନ୍ୟୁ ପଣ୍ଡା, ସଂଗୀତା ନନ୍ଦ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ । ଶେଷରେ ଅଧ୍ୟାପିକା ସାଗରିକା ରଥ ଧନ୍ୟବାଦ ଅପଣ କରିଥିଲେ । ପରେ କଲେଜ ପରିସରରୁ ଏକ ଶୋଭାଯାତ୍ରା ବାହାରି ପାଣଇକୋଇଲି ବଜାର ପରିକ୍ରମା କରିଥିଲା । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ନାବାଳିକା ସୁରକ୍ଷା ଶୀର୍ଷକ ଆଲୋଚନା



ବ୍ୟାସନଗର,(ଜିପ୍ର),୧୪।୮: ଓଡ଼ିଶା ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା ନ୍ୟାୟାଳୟର ତତ୍ତ୍ୱାବଧାନରେ 'ନାବାଳିକା ସୁରକ୍ଷା: ଭାରତରେ ଝିଅ ପାଇଁ ଏକ ନିରାପଦ ଓ ସାହାଯ୍ୟକାରୀ ପରିବେଶ ନିର୍ମାଣ' ଶୀର୍ଷକ ଜିଲ୍ଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ବିଚାରପତି ଅମୃତ ରଞ୍ଜନ ନନ୍ଦଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ପରିଷଦ ସମ୍ମିଳନୀକକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାରେ ନାବାଳିକାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ନାବାଳିକା ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା । ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ବୀଣାପାଣି ତାଣ୍ଡି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ପ୍ରମୋଦ କିଶୋର ଆଚାର୍ଯ୍ୟ, ଅଧ୍ୟକ୍ଷ, ଶିଶୁ କଲ୍ୟାଣ ସମିତି, କଟକ ଓ ଶିଶୁ କଲ୍ୟାଣ ସମିତି, କଟକର ପୂର୍ବତନ ଅଧକ୍ଷ ଆଇନଜୀବୀ ଚିତରଞ୍ଜନ ମହାନ୍ତି ଅଂଶଗ୍ରହଣ କରିବା ସହ ଝିଅମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ସମ୍ପର୍କିତ ଆଇନ ଓ ପ୍ରକ୍ରିୟାଗତ ଚ୍ୟାଲେଞ୍ଜ ଉପରେ ଥିବା ବିଭିନ୍ନ ବିଷୟ ଉପରେ ଉପସ୍ଥିତ ଲୋକମାନଙ୍କୁ ସଚେତନ କରିଥିଲେ । ଅତିରିକ୍ତ ପୁଲିସ ଅଧୀକ୍ଷକ ପୁଷ୍ପଲତା ବାରିକ, ଏହି ଶିଶୁ ଆଇନ୍‌କୁ କଡାକଡି ପାଳନା କରିବାପାଇଁ ସେ ସହଯୋଗ କାମନା କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଓ ଦୌରା ବିଚାରପତି ବିଶେଶ୍ୱର ବିଶ୍ୱପ୍ରକାଶ ରୟ ବିଭିନ୍ନ ଶିଶୁ ସମ୍ପର୍କିତ ସମସ୍ୟାର ସମାଧାନ ଉଦାହରଣ ଦ୍ୱାରା ବୁଝାଇଥିଲେ ଓ ଏହାକୁ ସୁଚାରୁ ରୂପେ ପାଳନ କରିବା ପାଇଁ ପୋଲିସ ଓ ଶିଶୁ ସମ୍ପର୍କିତ ଆଇନ ସହିତ ଜଡିତ ଥିବା ବାକ୍ତି ମାନଙ୍କୁ ଅନୁରୋଧ କରିଥିଲେ । ଜିଲ୍ଲା ନ୍ୟାୟାଳୟର ରେଜିଷ୍ଟ୍ରାର–କମ–ପ୍ରିନସିପାଲ ମାଜିଷ୍ଟ୍ରେଟ ମାନସ ରଞ୍ଜନ ସାମନ୍ତରାୟ ଶିଶୁ ସମ୍ପର୍କିତ ଆଇନରେ ଥିବା ନିୟମ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ, ଡିଇଓ, ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ, ବିଚାର ବିଭାଗୀୟ ଅଧିକାରୀ, ଜିଲ୍ଲା ଓକିଲ ସଂଘର ସଦସ୍ୟ, ନାବାଳିକା ନ୍ୟାୟ ବୋର୍ଡର ସଦସ୍ୟ, ଶିଶୁ କଲ୍ୟାଣ ସମିତିର ସଦସ୍ୟ, ଜିଲ୍ଲା ନ୍ୟାୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ନ୍ୟାୟାଳୟର ସେକ୍ରେଟାରୀ, ଆଇନ ସେବା ପ୍ରାଧିକରଣ ଲିପା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଆସୁନାହିଁ ମୋବାଇଲ ନେଟୱାର୍କ ପ୍ରତିବାଦରେ ଗ୍ରାମବାସୀଙ୍କ ରାଜପଥ ଅବରୋଧ



ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତବାସୀ ନେଟୱାର୍କ ପାଇ ପାରୁ ନ ଥିବାରୁ ଗୁରୁବାର ରେଢ଼ାଖୋଲ ଠାରେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ । ପ୍ରକାଶ ଯେ ନାକଟିଦେଉଳ ବ୍ଲକ ଲାଣ୍ଡିମାଳ ଠାରେ ଏକ ବିଏସଏନଏଲ ଟାୱାର ରହିଛି । ହେଲେ ତାହା କିଛିମାସ ହେଲା ଆଉ କାର୍ଯ୍ୟକ୍ଷମ ହେଉ ନ ଥିବାରୁ ବିଭାଗୀୟ ଅଧିକାରୀ ମାନଙ୍କୁ ଲିଖିତ ଭାବରେ ବାରମ୍ବାର ଜଣାଇବା ସତ୍ତ୍ୱେ ସରକାର ଶୁଣୁ ନ ଥିବାରୁ ବାଧ ହୋଇ ପଞ୍ଚାୟତବାସୀ ଗୁରୁବାର ରେଢ଼ାଖୋଲ ଆସି ରାସ୍ତାରୋକ କରିଥିଲେ । ଘଟଣା ସ୍ଥଳକୁ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହାନ୍ତ, ତହସିଲଦାର ପ୍ରଭାତ କୁମାର ବିଶ୍ୱାଳ, ଏସଡ଼ିପିଓ ପ୍ରଶାନ୍ତ କୁମାର ମେହେର ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ । ଏହା ସହ ବିଏସଏନଏଲ କର୍ମଚାରୀଙ୍କୁ ଡକାଇ ମୋବାଇଲ ସେବା ଯୋଗାଇ ଦେବାକୁ ଘୋଷରା ମାଳ ପଞ୍ଚାୟତକୁ ପଠାଇବା ପରେ ଦିନ ୧୨ଟା ରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଉତ୍ୟକ୍ତ ଜନସାଧାରଣ ମୋବାଇଲ ସେବା ଯୋଗାଇବାରେ ପ୍ରଶାସନ ବିଫଳ ହେଉଥିବାରୁ ଅନେକ ଲୋକ ସେମାନଙ୍କ ମୋବାଇଲ ଗୁଡିକୁ ରାଜରାସ୍ତାରେ କଚାଡି ଭାଙ୍ଗି ଦେଇ ଅଭିନବ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା ।

# ନୂଆପଡ଼ା ଷ୍ଟେସନ୍‌ରେ ସୁପର ଫାଷ୍ଟ ଏକ୍ସପ୍ରେସ ଟ୍ରେନ ରହଣି ଅନିଶ୍ଚିତତା କେବେ ହଟିବ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ରେଳ ଷ୍ଟେସନରେ ବରଗଡ଼ ଜିଲ୍ଲାର ପାଇକମାଳ ଓ ଖାରବନ୍ଦ ବ୍ଲକ ତଥା ନୂଆପଡ଼ା ଜିଲ୍ଲାବାସୀ ଟ୍ରେନରେ ହଜାର ହଜାର ଯାତ୍ରୀ ଯାତାୟାତ କରିଥାନ୍ତି । କିନ୍ତୁ ନୂଆପଡ଼ା ରେଳ ଷ୍ଟେସନରେ ସୁପର ଫାଷ୍ଟ ଏକ୍ସପ୍ରେସ ଟ୍ରେନ ରହଣୀ ନଥିବାରୁ ଯାତ୍ରୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ମୁଖ୍ୟାଳୟର ଏ ଅବସ୍ଥା,ଡବଲ ଇଞ୍ଜିନ ସରକାର ହେଲେ ଜନତାଙ୍କ ସମସ୍ୟା ଶୁଣିବେ ବୋଲି ବିଶ୍ୱାସ ଥିଲା ହେଲେ ମଉଳି ଯାଇଛି ଆଶା। ଜିଲ୍ଲା ସଦର ମହକୁମା ହୋଇ ମଧ୍ୟ ଏଠି ଦ୍ରୁତଗାମୀ ସୁପର ଫାଷ୍ଟ ଏକ୍ସପ୍ରେସ ଟ୍ରେନ ରହଣୀ ହେଉନାହିଁ ଭିତ୍ତି ଭୂମି ଥାଇ କାହିଁକି ଏଠି ରହଣୀ ଦିଆଯାଉ ନାହିଁ । ଏନେଇ ଅଞ୍ଚଳବାସୀ ସାଂସଦଙ୍କୁ ପ୍ରଶ୍ନ କରୁଛନ୍ତି । କିନ୍ତୁ ସନ୍ତୋଷ ଜନକ ଉତ୍ତର ମିଳୁନାହିଁ ବିଶାଖାପାଟନା ହଜରତ ନିଜାମୁଦ୍ଦିନ- (ଟ୍ରେନ ନମ୍ବର - ୧୨୮୦୩) ବିଶାଖାପାଟନା ସୁପର ଫାଷ୍ଟ ସମତା ଏକ୍ସପ୍ରେସ ଉଭୟ ପଟୁ, ସୁରତ- ପୁରୀ- ସୁରତ (ଟ୍ରେନ୍ ନମ୍ବର୍ ୨୨୮୨୮-) ଉଭୟ ପଟୁ, ଯୋଧପୁର- ପୁରୀ- ଯୋଧପୁର ଉଭୟ ପଟୁ, ଗାନ୍ଧୀଧାମ- ପୁରୀ - ଗାନ୍ଧୀଧାମ (ଟ୍ରେନ ନମ୍ବର ୧୨୯୯୪) ଉଭୟ ପଟୁ, ପୁରୀ- ମୁମ୍ବାଇ- ପୁରୀ (ଟ୍ରେନ୍ ନମ୍ବର - ୧୨୧୪୫) ଉଭୟ ପଟୁ, ବିଶାଖାପାଟନା- ମୁମ୍ବାଇ- ବିଶାଖାପାଟନା (ଟ୍ରେନ ନମ୍ବର - ୨୨୮୪୭) ଉଭୟ ପଟୁ, ଶିରଡି ସାଇଁ ନଗର- ପୁରୀ - ଶିରଡି ସାଇଁ ନଗର (ଟ୍ରେନ ନମ୍ବର - ୨୦୮୭୫) ଉଭୟ ପଟୁ,ବନ୍ଦେ ଭାରତ ଦୁର୍ଗ - ବିଶାଖାପାଟନା (ଟ୍ରେନ ନମ୍ବର୍ - ୨୦୮୩୦- ଉଭୟ ପଟୁ, ପୁରୀ - ଅହମଦାବାଦ - ପୁରୀ ଟ୍ରେନ ନମ୍ବର - ୨୦୮୬୧ (ଭାୟା - ସମ୍ବଲପୁର) ଉଭୟ ପଟୁ, ଭଗତ କି କୋଠି- ବିଶାଖାପାଟନା ( ଟ୍ରେନ ନମ୍ବର୍ - ୧୮୫୭୩) ପୁରୀ- ଆଜମେର - ପୁରୀ (ଟ୍ରେନ ନମ୍ବର -୨୦୮୨୩) ଉଭୟ ପଟୁ ଉପରୋକ୍ତ ସୁପର ଫାଷ୍ଟ ଏକ୍ସପ୍ରେସ ଟ୍ରେନର ରହଣୀ ନୂଆପଡ଼ା ରେଲ ଷ୍ଟେସନ ରେ ନାହିଁ। ଏହା ବ୍ୟତିତ ଇସ୍ପାତ ଏକ୍ସପ୍ରେସ ହାଓଡ଼ା - କଣ୍ଟାବାଞ୍ଜି ଏକ୍ସପ୍ରେସ (ଟ୍ରେନ ନମ୍ବର - ୨୨୮୨୭) କୁ ଖରିଆର ରୋଡ ଯାଏଁ ସମ୍ପ୍ରସାରଣ , ସମତା ସୁପର ଫାଷ୍ଟ ଏକ୍ସପ୍ରେସ (ଟ୍ରେନ ନମ୍ବର - ୧୨୮୦୭) ଓ ପୁରି- ଅହମଦାବାଦ (ଟ୍ରେନ ନମ୍ବର - ୧୨୮୪୪) ଦୈନିକ ଉଭୟ ପଟୁ ଚଳ ଚଳ, ଦ୍ୱି ସାପ୍ତାହିକ ତିରୁପତି ବିଲାସପୁର ଏକ୍ସପ୍ରେସ (ଟ୍ରେନ ନମ୍ବର- ୧୭୪୮୨) କୁ ପ୍ରୟାଗରାଜ ଯାଏଁ ସମ୍ପ୍ରସାରଣ, ନୂତନ ଟ୍ରେନ ରୂପେ ଉଜ୍ଜୈନ- (ଭାୟା ଟିଟିଲାଗଡ, ରାୟପୁର) -ପୁରୀ, ଦେଶ ର ମୁମ୍ବାଇ ଦିଲ୍ଲୀ ପାଇଁ ସିଧା ସଳଖ ଟ୍ରେନ ଏ ଅଞ୍ଚଳରୁ ଥିଲେ ହେଁ ଚେନାଇ, ହାଇଦ୍ରାବାଦ, ପୁନେ, ବାଙ୍ଗାଲୋର ଓ ନର୍ଥ- ଇଷ୍ଟ କରିଡ଼ର ଗୁଆହାଟି ପାଇଁ ଏକ୍ସପ୍ରେସ ଟ୍ରେନ ନାହିଁ। ପୁନେ - (ଭାୟା - ରାୟପୁର - ଟିଟିଲାଗଡ) ବାଙ୍ଗାଲୋର , ଗରିବ ଖଟିଖିଆ,ଦାବନ ପ୍ରବଣ ଅଞ୍ଚଳ ପାଇଁ ଏକ ପାସେଞ୍ଜର ଟ୍ରେନ ସକାଳ ବେଳା ରାୟପୁର - ଭୁବନେଶ୍ୱର ଦୈନିକ ଚାଲିଲେ ହଜାର ହଜାର ଲୋକ ଉପକୃତ ହୁଅନ୍ତେ ବୋଲି ଅଞ୍ଚଳବାସୀଙ୍କ ଉପରୋକ୍ତ ଦାବି ରହିଛି। ଉପରୋକ୍ତ ଦାବି ପ୍ରତି ରେଳ ମନ୍ତ୍ରୀ ଓ କଳାହାଣ୍ଡି ସାଂସଦ ଦୃଷ୍ଟି ଦେଲେ ଅଞ୍ଚଳର ବହୁଦିନର ସମସ୍ୟା ସମାଧାନ ହୁଅନ୍ତା ବୋଲି ଅଞ୍ଚଳବସୀଙ୍କ ଆଶଶ ରହିଛି ।

# ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତ୍ୟାହାର ଦାବିରେ ବିଇଓଙ୍କ ଦ୍ୱାରସ୍ଥ କନ୍ଦାଗଡ଼ ଗ୍ରାମବାସୀ

କୋକସରା,(ସବ୍ୟୁ): କୋକସରା ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା ଆମପାଣି ପଞ୍ଚାୟତ କନ୍ଦାଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୂଚନା ମତେ କୋକସରା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଚିଠି ସଂଖ୍ୟା ୧୫୬୨ ତା,୧୩/୦୮/୨୫ ବିଦ୍ୟାଳୟରେ ନିୟୋଜିତ ଥିବା ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି ପୁରୋହିତଙ୍କୁ ଅନ୍ୟ ସ୍କୁଲକୁ ବିଇଓ ଡେପୁଟେସନରେ ବଦଳି ଆଦେଶ ଦେଇଛନ୍ତି। ତେବେ ଶିକ୍ଷୟିତ୍ରୀଙ୍କ ବଦଳି ଆଦେଶକୁ ପ୍ରତ୍ୟାହାର ନେଇ ସ୍କୁଲର ଅଭିଭାବକ,ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ମାନେ ପ୍ରତିବାଦ କରି ଗୁରୁବାର କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଏକ ଲିଖିତ ଅଭିଯୋଗ ସମ୍ପର୍କିତ ଦାବିପତ୍ର ବିଇଓ ଅନୁପସ୍ଥିତ ଥିବାରୁ ବରିଷ୍ଠ କିରାଣୀଙ୍କୁ ପ୍ରଦାନ କରିଛନ୍ତି। ଯଦି ଗୁରୁବାର ସନ୍ଧ୍ୟା ସୁଦ୍ଧା ଶିକ୍ଷୟିତ୍ରୀଙ୍କ ବଦଳି ନିର୍ଦ୍ଦେଶ ପ୍ରତ୍ୟାହାର କରାନଯାଇ ତାହେଲେ ଶୁକ୍ରବାର ହେବାକୁ ଥିବା ସ୍ୱାଧୀନତା ଦିବସ ପାଳନ କରିବୁ ନାହିଁ । ଆସ ସ୍କୁଲ ଯିବା କାର୍ଯ୍ୟକ୍ରମରେ ଅସହଯୋଗ କରିବା ଓ ଦରକାର ପଡ଼ିଲେ ବିଦ୍ୟାଳୟରେ ତାଲା ପକାଇ ପ୍ରତିବାଦ କରିବାକୁ ଚେତାବନୀ ଦେଇଥିଲେ । ଏହାସହ ପୂର୍ବରୁ ଡେପୁଟେସନରେ ଥିବା ଶିକ୍ଷକ ଲକ୍ଷ୍ମୀକାନ୍ତ ସେଠିଙ୍କୁ ମଧ୍ୟ ପୁନର୍ବାର ଫେରାଇ ଦେବାକୁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଆମପାଣି ପଞ୍ଚାୟତ ନାଏବ ସରପଞ୍ଚ ଭବାନୀ ଶଙ୍କର ପୁରୋହିତ, ଭାସ୍କର ନାଏକ, ରଷିମଣି ମାଝୀ, ବୈଷ୍ଣବ ମାଝୀ, ଯୁଗଳ କିଶୋର ମାଝୀ, ଡମ୍ବରୁ ଧର ମାଝୀ, ଜ୍ୟୋତି ରଞ୍ଜନ ମାଝୀ, ହେମରାଜ ଛାତ୍ରୀଆ, କୁମଚନ୍ଦ୍ର ମାଝୀ ସମେତ ଅଭିଭାବକ,ପରିଚାଳନା କମିଟିର ସଦସ୍ୟ ଓ କନ୍ଦାଗଡ଼ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କ ପ୍ରତିକ୍ରିୟା ନେବାରୁ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଛି । ଯଦି ଅଭିଭାବକ ଓ ଗ୍ରାମବାସୀଙ୍କ ଅଭିଯୋଗ ଅଛି, ସେନେଇ ବିଦ୍ୟାଳୟ ପରିଚାଳନା କମିଟି ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ସାପ କାମୁଡାରେ ନାବାଳିକା ମୃତ

ସୋର,(ସବ୍ୟୁ): ଘରେ ଶୋଇଥିବା ବେଳେ ସାପ କାମୁଡିବାରୁ ୪ବର୍ଷର ଜଣେ ନାବାଳିକାର ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ନାବାଳିକା ଜଣଙ୍କ ହେଲେ ସୋର ଥାନା ମୁଳିସିଂ ଗ୍ରାମର ସୁକାନ୍ତ ଦଳେଇଙ୍କ ବଡ ଝିଅ ଦେବାଂଶୀ ଦଳେଇ (୪)। ଦେବାଂଶୀ ଗତକାଲି ସଂଧ୍ୟାରେ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କ ଗୋଡକୁ କାମୁଡିଥିଲା। ପରିବାର ଲୋକେ ଜାଣିପାରି ତୁରନ୍ତ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୁଲିସ ମେଡିକାଲରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ୭ଟିକିଆ ହାତୀପଲଙ୍କ ଉପଦ୍ରବ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ବଡବାହାଲ ରେଞ୍ଜ ଭରତାପୁର ପଞ୍ଚାୟତ ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମରେ ୭ଟିକିଆ ହାତୀପଲଙ୍କ ଉପଦ୍ରବ ଯୋଗୁଁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି।

ପ୍ରକାଶ ଯେ, ବୁଧବାର ରାତିରେ ବିଶ୍ୱନାଥପୁର ଗ୍ରାମର ପ୍ରମୋଦ ଦେହୁରୀ, ରସାନନ୍ଦ ପ୍ରଧାନ,ଶେଷଦେବ ଦେହୁରୀଙ୍କ ଧାନ କିଆରୀରେ ହାତୀ ପଲ ପଶି ଧାନ ଗଛ ଖାଇବା ସହ ମାଡ଼ି ଦଳି ନଷ୍ଟ କରିଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି । ଖବର ପାଇ ବନବିଭାଗ ପହଞ୍ଚି ହାତୀମାନଙ୍କୁ ଘଉଡାଇବା ସହ ଫସଲ ନଷ୍ଟର ଆକଳନ କରି ଶୀଘ୍ର କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ବନ ବିଭାଗ ତରଫରୁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ଜିଲ୍ଲା ପ୍ରଶାସନ ପକ୍ଷରୁ ୫୦୦ମିଟର ତ୍ରିରଙ୍ଗା ଶୋଭାଯାତ୍ରା




ବଲାଙ୍ଗିର,(ସବ୍ୟୁ): ସ୍ୱାଧୀନତା ଦିବସ ପାଳନ ଅବସରରେ ଗୁରୁବାର ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଥିଲା । ହର ଘର ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ପାଳନ ଅବସରରେ ସ୍ଥାନୀୟ ସର୍କିଟ ହାଉସରୁ ଶୋଭାଯାତ୍ରା ବାହାରି ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା । ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାର କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟା ନନ୍ଦ ସେଠୀ, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ପି ଡି, ଡି ଆର ଡି ଏ,ତରଣୀ ସେନ ସୁନା, ଉପ ଜିଲ୍ଲାପାଳ ଆଲୋକ ପଟେଲ, ପୌର ପରିଷଦ ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ସମେତ ଜିଲ୍ଲାର ପ୍ରଶାସନିକ ଅଧିକାରୀ ଓ ବିଜେପିର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ୫୦୦ ମିଟର ଲମ୍ବ ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରା କରାଯାଇଥିଲା । ଏହି ଶୋଭାଯାତ୍ରାରେ ବିଭିନ୍ନ ସ୍କୁଲ କଲେଜର ଛାତ୍ର ଛାତ୍ରୀ ଓ ସାଧାରଣ ନାଗରିକ ମାନେ ସାମିଲ ହୋଇଥିଲେ ।

# ତ୍ରିରଙ୍ଗା ଯାତ୍ରାରେ ସାମିଲ ହେଲେ ମୁଖ୍ୟମନ୍ତ୍ରୀ

ଫୁଲନଖରା,(ସବ୍ୟୁ): କଟକସଦର ଅନ୍ତର୍ଗତ ବୟାଳିଶମୌଜା ବିଜେପି ମଣ୍ଡଳ ତରଫରୁ ଏକ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହୋଇଯାଇଛି । ଏହି ତ୍ରିରଙ୍ଗା ଯାତ୍ରା ଝିଙ୍କିରିଆ ରଣେଷଣ୍ଡି ମନ୍ଦିର ଠାରୁ ଚାନ୍ଦୁଲି ନୀଳକଣ୍ଠ ମନ୍ଦିର ପର୍ଯ୍ୟନ୍ତ କଟକସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ । ତେବେ କଟକଗସ୍ତରେ ଥିବାବେଳେ ମୁଖ୍ୟମନ୍ତ୍ରୀ ହଠାତ୍ ୧୧ଟାରେ ବୟାଳିଶମୌଜା ଗସ୍ତ ପାଇଁ ସ୍ଥିର ହୋଇଥିଲା । ଜିଲ୍ଲାର ସାଧାରଣ ପ୍ରଶାସନ ଓ ପୁଲିସ ପ୍ରଶାସନର ୫୦ରୁ ଊର୍ଦ୍ଧ୍ୱ ସରକାରୀ ଗାଡି ଏହି ତ୍ରୀରଙ୍ଗା ଯାତ୍ରାରେ ଯାଉଥିବା ବେଳେ ଏକ ଖୋଲା ଜିପରେ ବିଧାୟକ ଓ ମୁଖ୍ୟମନ୍ତ୍ରୀ ଛିଡାହୋଇ ସାଧାରଣ ଜନତାଙ୍କର ଅଭିବାଦନ ଗ୍ରହଣ କରୁଥିଲେ । ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ , ଡିସିପି ଋଷିକେଶ ଖିଲାରଙ୍କ ସମେତ ଉପଜିଲ୍ଲାପାଳ, କଟକସଦର ବିଡିଓ, ତହସିଲଦାର, ସମସ୍ତ ଅତିରିକ୍ତ ତହସିଲଦାର, ସମସ୍ତ ପ୍ରଶାସନିକ ଅଧିକାରୀ ସାମିଲ ହୋଇଥିଲେ ।

# ବୋଲେରୋ ଚୋରି ଅଭିଯୋଗରେ ଦୁଇ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ହୀରାକୁଦ ଥାନା ପୋଲିସ ଏକ ବୋଲେରୋ ଚୋରି ଅଭିଯୋଗରେ ୨ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ଚୋରି ବୋଲେରୋ ପିକ୍‌ଅପ୍ ଓ ବ୍ୟବହୃତ ବାଇକକୁ ଜବତ କରାଯାଇଛି । ସୂଚନାଯୋଗ୍ୟ, ହୀରାକୁଦ ଥାନା ପଥର ଲେନ୍ ଅଞ୍ଚଳର ରବିନ୍ଦ୍ର କୁମାର ରଣାଙ୍କ ବୋଲେରୋ ଗାଡି ନମ୍ବର( ଓଡି୧୫ଜି-୮୬୪୬)କୁ କେହି ଦୃବୁର୍ତ୍ତ ଘର ସମ୍ମୁଖରୁ ଗତ ୧୧ତାରିଖ ରାତିରେ ଚୋରି କରି ନେଇଥିବା ଅଭିଯୋଗ କରିଥିଲେ । ଏନେଇ ପୋଲିସ ୧୪୪/୨୫ରେ ଏକ ମାମଲା ରୁଜୁ କରି ଏହାର ତଦନ୍ତ କରିଥିଲା । ତଦନ୍ତ ବେଳେ ଦୁଆନପାଲିର ଜିତେନ୍ଦ୍ର ଜମିଦାର(୧୯) ଓ ହୀରାକୁଦ ଟାଙ୍କିପଡାର ମହେଶ ସିଂହ(୩୧)ଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ହୀରାକୁଦ ଥାନାରେ ମାମଲା ରହିଛି ।

# ଅସ୍ତ୍ର ପରିତ୍ୟାଗ କଲେ ୬ଜଣ ମାଓବାଦୀ

ମାଲକାନଗିରି,(ସବ୍ୟୁ): ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦୀ କଥାଗୁଡମ ଜିଲ୍ଲା ପୁଲିସ ନିକଟରେ ୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ଏସିଏମ ଜଣେ, ପାର୍ଟି ସଦସ୍ୟ ୨ ଜଣ ଏବଂ ୩ ଜଣ ମଲିସିଆ ଅଟନ୍ତି। ଗୁରୁବାର ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସପି, ୮୧ ଓ ୧୪୧ ସିଆରପିଏଫ ବାଟାଲିୟନର ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତେଲେଙ୍ଗାନା ସରକାରଙ୍କ ତରଫରୁ ଅପରେସନ ଚେୟୁଥା କାର୍ଯ୍ୟକ୍ରମରେ ପ୍ରଭାବିତ ହୋଇ ମାଓ ଆତ୍ମ ସମର୍ପଣ କରିଥିବା କହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ମାଡକମ ଲଖମେ(୩୦), ସୋଡି ରାଜେ(୨୫), ମାଡ଼କମ ଭୀମା(୩୬), ମାଡବି ସୋନା(୩୫), ସୋଡି ଭୀମେ(୩୦) ଏବଂ ମାଡ଼ବୀ ଭୀମେୟା(୫୨)। ତେଲେଙ୍ଗାନାର ଭଦ୍ରାଦୀ କଥାଗୁଡମ ଜିଲ୍ଲା ପୁଲିସ ନିକଟରେ ୬ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତିଛି। ଏମାନଙ୍କ ମଧ୍ୟରୁ ଏସିଏମ ଜଣେ, ପାର୍ଟି ସଦସ୍ୟ ୨ ଜଣ ଏବଂ ୩ ଜଣ ମଲିସିଆ ଅଟନ୍ତି ।

ମାଓବାଦୀ କ୍ୟାଡରମାନେ ଉପର କ୍ୟାଡରଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଇଚ୍ଛୁକ ନୁହଁନ୍ତି ଏବଂ ଦଳ ଛାଡ଼ି ପରିବାର ସହିତ ଶାନ୍ତିପୂର୍ଣ୍ଣ ଜୀବନଯାପନ କରିବା ପାଇଁ ନିଜ ଜନ୍ମଭୂମିକୁ ଫେରିବାକୁ ଚାହାଁନ୍ତି । କାରଣ ସିପିଆଇ (ମାଓବାଦୀ) ବିଲୁପ୍ତ ହେବାର ଶେଷ ପର୍ଯ୍ୟାୟରେ ଅଛି । ଏହାର ଏକ ଅଂଶ ସ୍ୱରୂପ, ଏପର୍ଯ୍ୟନ୍ତ ୩୦୬ ଜଣ ସିପିଆଇ (ମାଓବାଦୀ) କ୍ୟାଡର କେବଳ ଏସପି ଭଦ୍ରାଦ୍ରି କୋଠାଗୁଡେମ ଜିଲ୍ଲାରେ ଆତ୍ମସମର୍ପଣ କରିସାରିଛନ୍ତି ।

ତେଲେଙ୍ଗାନା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପୁନର୍ବାସ ଟଙ୍କାରେ ସେମାନଙ୍କ ପରିବାର ସହିତ ଶାନ୍ତିପୂର୍ଣ୍ଣ ଜୀବନଯାପନ କରୁଛନ୍ତି । ଏହା ମଧ୍ୟ ଜାଣିବାକୁ ମିଳିଛି ଯେ ସିପିଆଇ (ମାଓବାଦୀ) କ୍ୟାଡରମାନେ ଅସୁସ୍ଥ ହୋଇପଡ଼ିଛନ୍ତି ଏବଂ ପାଖ ଜଙ୍ଗଲ ଅଞ୍ଚଳରେ ରହୁଥିବା ସ୍ଥାନୀୟ ଆଦିବାସୀ ଲୋକଙ୍କ ଖାଦ୍ୟ, ସମର୍ଥନ ଏବଂ ସହଯୋଗର ଅଭାବରୁ ଚାଲିପାରୁନାହାଁନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତ ନକ୍ସଲଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହଯୋଗ କରାଯାଇଥିଲା । ଆଗାମୀ ଦିନରେ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଯିବ ବୋଲି ପୁଲିସ କହିଛି।

# ଜିଲ୍ଲା ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଦାବିପତ୍ର



ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ଶିକ୍ଷକ ମାନଙ୍କର ବିଭିନ୍ନ ଦାବୀ ନେଇ ମୁଖ୍ୟମନ୍ତ୍ରୀ ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀଙ୍କୁ ଜିଲ୍ଲପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛି । ଶିକ୍ଷକ ମାନଙ୍କର ଦୀର୍ଘ ଦିନର ଦାବୀ ୬ ଟି ଇନକ୍ରିମେଣ୍ଟ ସହିତ ୬ ବର୍ଷର କଣ୍ଟ୍ରାକଚୁଆଲ ପିରିୟଡ଼କୁ ମୂଳ ଚାକିରୀରେ ଗଣନା କରିବା । ୪୨୦୦ ଗ୍ରେଡ଼ପେ ପ୍ରଦାନ କରିବା, ଦୁଇବର୍ଷ ଧରି ବନ୍ଦ ଥିବା ପଦୋନ୍ନତିକୁ କାର୍ଯ୍ୟକାରୀ କରିବା, ବିଦ୍ୟାଳୟ ମାନଙ୍କରେ ଖାଲିଥିବା ପ୍ରଧାନ ଶିକ୍ଷକ ପଦବୀ ପୂରଣ କରିବା, ଛାତ୍ର ଛାତ୍ରୀ ଅନୁପାତରେ ଶିକ୍ଷକ ନିଯୁକ୍ତି, କଣ୍ଟ୍ରାକଚୁଆଲ ନିଯୁକ୍ତି ଉଚ୍ଛେଦ ସହିତ ୟୁଏଏସ ପୋର୍ଟାଲକୁ ଉଚ୍ଛେଦ କରିବା ଏବଂ ପୁରଣା ପେନସନକୁ ଲାଗୁକରିବାକୁ ଦାବୀ କରାଯାଇଛି । ବୌଦ୍ଧ ଟାଉନହଲ ଠାରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଦେଇ ଜିଲ୍ଲପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରା ରେ ବରିଷ୍ଠ ଶିକ୍ଷକ ବିରଞ୍ଚି ନାରାୟଣ ପ୍ରଧାନ, ସାଧୁ ଚରଣ ଦେହୁରୀ, କୁମୁଦ ଚନ୍ଦ୍ର ପ୍ରଧାନ, ଆଲୋକ ମେହେର, ଶିଶିର ଖଟୁଆ, ଶମ୍ଭୁ ଗିରି, ମହେଶ ସେଠୀ, ରାଜକୁମାର ପ୍ରଧାନ, ହୃଦାନନ୍ଦ ପ୍ରଧାନ, ଉତ୍ତମ ନାୟକ, ଅଶୋକ ଘିବେଲା, ବସନ୍ତ ବିଶ୍ୱାଳ, ପ୍ରଜିଣା ପାଢ଼ୀ, ନିରାକାର ସାହୁ, ଅନିତା ହୋତା, ପଦ୍ମନାଭ ପ୍ରଧାନ, ସୁଶାନ୍ତ ପ୍ରଧାନ, ନାରାୟଣ ସାହୁ, ଯୁଧିଷ୍ଠିର କହଁର, ବିଶ୍ୱାମିତ୍ର କହଁର, ସୁଶୀଲ ତ୍ରିପାଠୀ, ବିଜୟ କୁମାର ସାହୁ, ସୁରେନ୍ଦ୍ର ସାହୁଙ୍କ ସହିତ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ସାମିଲ ଥିଲେ ।

# ବାଇକ ଚୋରି ଅଭିଯୋଗରେ ଦୁଇ ଗିରଫ

ସମ୍ବଲପୁର,(ସବ୍ୟୁ): ବାଇକ ଚୋରି ଅଭିଯୋଗରେ ସମ୍ବଲପୁର ଟାଉନ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୨ଟି ବାଇକ ଓ ୧ଟି ସ୍କୁଟି ଜବତ ହୋଇଛି । ଏନେଇ ପୋଲିସ ୨୪୫/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ୨ଟି ଓ ଗୁଜୁରାତି କଲୋନୀରୁ ଗୋଟିଏ ସ୍କୁଟି ଚୋରି ହୋଇଥିବା ବେଳେ ଟାଉନ ପୋଲିସ ପକ୍ଷରୁ ଯାନବାହାନ ଯାଞ୍ଚବେଳେ ଧରା ପଡିଥିଲା । ଏହି ଅଭିଯୋଗରେ ସିଦ୍ଧେଶ୍ୱରବେର୍ଣ୍ଣା ଅଞ୍ଚଳର ରିଙ୍କୁ ବାରିକ(୩୬) ଓ ବାହାଲପଡାର ଦୁର୍ଜୀ ଦୀପ(୨୩)ଙ୍କୁ ଗିରଫ କରାଯାଇଛି ।

# ପ୍ରେମରେ ପ୍ରତାରଣା ଶେଷରେ ଆତ୍ମହତ୍ୟା

ରାୟଗଡା,(ସବ୍ୟୁ): ପ୍ରେମରେ ପ୍ରତାରଣା ଶେଷରେ ଆତ୍ମହତ୍ୟା ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ସହରର ଡିଏଫ୍‌ଓ କଲୋନୀରେ। ମୃତ ଯୁବକ ଜଣକ ହେଲେ ରାକେଶ ପରିଡ଼ା (୨୨)। ପରିବାର ଲୋକେ ରାତି ଶୋଇଥିବା ବେଳେ ଘରର ଫ୍ୟାନରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ଏନେଇ ରାୟଗଡ଼ା ଟାଉନ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମୃତଦେହ ଉଦ୍ଧାର କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ତେବେ ରାକେଶକୁ ଭଲ ପାଉଥିବା ଝିଅ ମାନସିକ ନିର୍ଯାତନା ଦେବାରୁ ସେ ଆତ୍ମହତ୍ୟା କରିବାକୁ ବାଧ ହେଲା ବୋଲି ମୃତ୍ୟୁ ରାକେଶଙ୍କ ମାଁ ସରସ୍ୱତୀ ପରିଡ଼ା ଅଭିଯୋଗ କରିବା ସହ ଏନେଇ ଥାନାରେ ଏକ ଏତଲା ଦେଇଛନ୍ତି। ଦୀର୍ଘଦିନ ହେବ ସଂପୃକ୍ତ ଯୁବତୀ ରାକେଶଙ୍କୁ ଭଲ ପାଉଥିବା ବେଳେ ଉଭୟ ପରିବାରର ଜାଣତରେ ବିବାହ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ କୌଣସି କାରଣବଶତଃ ଦୁହିଁଙ୍କ ସମ୍ପର୍କରେ ଫାଟ ହୋଇ ତିକ୍ତତା ବଢିଥିଲା। ତେବେ ପୁଅକୁ ବାରମ୍ବାର ମାନସିକ ନିର୍ଯାତନା ପାଇବା ପରେ ଆତ୍ମହତ୍ୟା କରିବାକୁ ବାଧ ହେଲା ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

# ପିଏମ ବିଶ୍ୱକର୍ମା ଯୋଜନାରୁ ବଞ୍ଚିତ କଂସା ପିତ୍ତଳ ଶିଳ୍ପୀ

କଣ୍ଟିଲୋ,(ସବ୍ୟୁ): ସରକାର ବିଭିନ୍ନ କୁଶଳୀ କାରିଗର ଙ୍କୁ ସ୍ୱବଲମ୍ବୀ କରିବା ପାଇଁ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ପ୍ରଣୟନ କରିଛନ୍ତି ମାତ୍ର ଉକ୍ତ ଯୋଜନା ରେ କଂସା ପିତ୍ତଳ କାରିଗରଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହେଉଛି। ଉକ୍ତ ଯୋଜନା ରେ କାରିଗର ଙ୍କୁ ପରିଚୟ ପତ୍ର ପ୍ରଦାନ ଓ ବିନା ଗ୍ୟାରେଣ୍ଟି ରେ ୧ଲକ୍ଷ ଟଙ୍କାର ଲୋନ ବାର୍ଷିକ ୫ ପ୍ରତିଶତ ସୁଧ ରେ ଯୋଗାଇ ଦିଆ ଯାଉଛି। ମାତ୍ର କଂସା ବାସନ ଶିଳ୍ପ କୁ ସାମିଲ କରାଯାଇନଥିବାରୁ ବହୁ କାରିଗର ଏହି ଯୋଜନା ଲାଭ ରୁ ବଞ୍ଚିତ ହେଉଛନ୍ତି।ସୂଚନା ଯୋଗ୍ୟ କଣ୍ଟିଲୋ କଂସା ବାସନ ଶିଳ୍ପ ବେଶ ପ୍ରସିଦ୍ଧ। ଗ୍ରାମରେ ପ୍ରାୟ ୧ହଜାରରୁ ଉର୍ଦ୍ଧ କଂସାରୀ ପରିବାର ବାସ କରୁଛନ୍ତି।ଏହି ଗ୍ରାମକୁ ମିଳିଛି ଐତିହ୍ୟ ଗ୍ରାମମାନ୍ୟତା। ତେବେ କୁଶଳୀ କାରିଗରଙ୍କୁ ପ୍ରଦାନ କରାଯାଉଥିବା ବିଶ୍ୱକର୍ମା ଯୋଜନାରେ କଂସା ବାସନ ଶିଳ୍ପୀଙ୍କୁ ସାମିଲ କରାଗଲେ ହଜାର ହଜାର କାରିଗର ଉପକୃତ ହୋଇପାରନ୍ତେ ବୋଲି କାରିଗରମାନେ ଦାବୀ କରିଛନ୍ତି।

## ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘ ସାଧାରଣ ପରିଷଦ ବୈଠକ

# ପୂର୍ଣ୍ଣଚନ୍ଦ୍ର ସଭାପତି , ଆଦିତ୍ୟ ସାଧାରଣ ସମ୍ପାଦକ



ପିପିଲି ,(ସବ୍ୟୁ): ବୁଧବାରଦିନ ପିପିଲି ସ୍ଥିତ ମାଣିକ ଗାର୍ଡେନ ଠାରେ ଉତ୍କଳ ସାମ୍ବାଦିକ ସଂଘ ଅନୁବନ୍ଧିତ ପୁରୀଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ରାଜ୍ୟର ଅନ୍ୟତମ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ,ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ବିଶିଷ୍ଟ ସାହିତ୍ୟିକ ଓ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ ଏବଂ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ଶାଖା ସଭାପତି ହରିହର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ । ସଭାମଞ୍ଚରେ ସାମ୍ବାଦିକ ସଞ୍ଜୟ ପତି ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ ଜିଲ୍ଲାର ସଭାପତି ପାଇଁ ପ୍ରସ୍ତାବ ରଖିଥିଲେ ।ଉପସ୍ଥିତ ସମସ୍ତ ସଦସ୍ୟ କରତାଳି ଦେଇ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ନବ ନିଯୁକ୍ତ ସଭାପତି ଙ୍କ ପ୍ରସ୍ତାବ କ୍ରମେ ଆଦିତ୍ୟ ରାଉତଙ୍କୁ ସାଧାରଣ ସମ୍ପାଦକ, ସମୀର କରଙ୍କୁ କୋଷାଧକ୍ଷ ଏବଂ ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ତୁଷାର ଦୀକ୍ଷିତ, ବିଚିତ୍ରା ନନ୍ଦ ସାହୁ ଓ ଅକ୍ଷୟ ବେହେରାଙ୍କୁ ପରାମର୍ଶ ଦାତା ଭାବେ ମନୋନୀତ କରାଯାଇଅଛି । ଏହି ଅବସରରେ ସଂଘର ପ୍ରାକ୍ତନ ସଭାପତି ସ୍ୱର୍ଗତ ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସାମ୍ବାଦିକ ଅଜିତ ମଲିକଙ୍କ ପାଇଁ ନିରବ ପ୍ରାଥନା କରାଯାଇଥିଲା ।ସଞ୍ଜୟ ପତି ମଞ୍ଚ ପରିଚାଳନା କରିଥିବାବେଳେ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି, ବିଜୟ କୁମାର ମହାପାତ୍ର,ହେମନ୍ତ ସେଠି, ଆଦିତ୍ୟ ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।ଏଥିରେ ପୁରୀ ଜିଲ୍ଲାର ୧୧ ଟି ବ୍ଲକରୁ ୧୦୬ ଜଣ ସାମ୍ବାଦିକ ଯୋଗଦେଇଥିଲେ ।

# ଅଲଟ୍ରାଟେକ ସିମେଣ୍ଟ କାରଖାନା ସମ୍ପ୍ରସାରଣ ନେଇ ଜନଶୁଣାଣି

ଝାରସୁଗୁଡା,(ସବ୍ୟୁ): ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଓ ତହସିଲ ଅନ୍ତର୍ଗତ ଅର୍ଡା- ଧୁତରା ଗ୍ରାମ ସ୍ଥିତ ଝାରସୁଗୁଡା ଅଲଟ୍ରାଟେକ ସିମେଣ୍ଟ ୱାର୍କସ ୟୁନିଟ ଠାରେ ନୂତନ -୨(୩.୦ ନିୟୁତଟିପିଏ) ସ୍ଥାପନ ଦ୍ୱାରା ସିମେଣ୍ଟ ଉତ୍ପାଦନ କ୍ଷମତାକୁ ୫.୧ ନିୟୁତ ଟିପିଏକୁ ବୃଦ୍ଧି କରିବା ନିମନ୍ତେ ଭାରତ ସରକାରଙ୍କ ପରିବେଶ , ଜଙ୍ଗଲ ଏବଂ ଜଳବାୟୁ ମନ୍ତ୍ରଣାଳୟ ( ଏମଓଇଏଫ ଏଣ୍ଡସିସି ) ଗଭମେଣ୍ଟ ଅଫ ଇଣ୍ଡିଆ ଦ୍ୱାରା ପରିବେଶୀୟ ପଡୁଥିବା ସର୍ବସାଧାରଣ ଜନ ଶୁଣାଣୀ ଗୁରବାର ଅର୍ଡା ମୌଜା ସ୍ଥିତ ଖାତା ନଂ. ୬୧୯ (ରକ୍ଷିତ) ପ୍ଲଟ. ୪୭୭୩(ପି) , ୦.୮୦ ଏକର ଅଞ୍ଚଳ ଗୋଚର କିସମ ଜମିରେ ଝାରସୁଗୁଡା ଜିଲ୍ଲା ପ୍ରଶାସନିକ ଅଧିକାରୀ ଏଡିଏମ କିଶୋର ଚନ୍ଦ୍ର ସ୍ୱାଇଁ ଓ ଆଞ୍ଚଳିକ ପ୍ରଦୁଷଣ ବିଭାଗୀୟ ଅଧିକାରୀ ହିରଣ୍ୟ କୁମାର ନାୟକଙ୍କ ସମ୍ମୁଖରେ ଅର୍ଡା , ଧୁତରା , ଚମ୍ପାପଡା , ସିଆଲରମା , ବନ୍ଧପାଳି ,ପୁଡେଇଡିହି , ଭୂର୍ଷିମାଲ , ସାରସପାଲି ତଥା ଆଖପାଖ ଅଞ୍ଚଳର ଜନପ୍ରତିନିଧି , ବୁଦ୍ଧିଜୀବୀ , ଶିକ୍ଷାବିତ , ଯୁବଗୋଷ୍ଠୀ , ବିଶିଷ୍ଟ ଓ ବରିଷ୍ଠ ନାଗରିକଙ୍କ ସହ ଶତାଧିକ ମହିଳା ସାମିଲ ଥିଲେ । କାର୍ଯ୍ୟକ୍ରମରେ ଅର୍ଡା ସରପଞ୍ଚ ବିଣାପାଣୀ ପୋଡ , ପୂର୍ବତନ ସରପଞ୍ଚ ଅଶ୍ୱିନୀ ଦଣ୍ଡପାଟ , ପୂର୍ବତନ କିର୍ମିରା ବ୍ଲକ ଉପାଧକ୍ଷ ଗୋପାଳ କଳାର , ବନ୍ଧପାଳି ସରପଞ୍ଚ ତପି ମରେଇ , ଅଲଟ୍ରାଟେକ କାରଖାନା କର୍ମଚାରୀ ସଂଘ ସଭାପତି ସନ୍ତୋଷ କୁମାର ବାଗ , ଆଞ୍ଚଳିକ ବିକାଶ ପରିଷଦ ଅଧକ୍ଷ ଦୁଃଖବନ୍ଧୁ ବାଗ , ସିଆଲରମା ଗାନ୍ଧି କ୍ରିୟାନୁଷ୍ଠାନ କମିଟି ଅଧକ୍ଷ ପଦ୍ମଲୋଚନ ବୁଡୁଲା , ଶିକ୍ଷାବିତ ଗିରିଧାରୀ ପଟେଲ ପ୍ରମୁଖ କାରଖାନା ସଂପ୍ରସାରଣ ସମ୍ବନ୍ଧରେ ନିଜ ନିଜ ମତ ଦେଇଥିଲେ । କାର୍ଯ୍ୟକ୍ରମରେ ଅର୍ଦ୍ଧାଧିକ ବ୍ୟକ୍ତି କାରଖାନା ସଂପ୍ରସାରଣ ସପକ୍ଷରେ ମତ ପ୍ରକାଶ କରିଥିବା ବେଳେ କାରଖାନାର ଶୁଭାରମ୍ଭ ସମୟରେ ପୂର୍ବତନ ସ୍ଥାନୀୟ କଂଗ୍ରେସ ବିଧାୟକ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ଦ୍ୱାରା ୧୯୮୯ ରେ ପ୍ରତିଷ୍ଠିତ ଲାର୍ସନ ଟୁବ୍ରୋ (ଏଲଏଣ୍ଟି) ସିମେଣ୍ଟ କାରଖାନା ଦ୍ୱାରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଉଦ୍ଦ୍ୟେଶମୂଳକ ଅନୁସାରେ ବିକାଶ ସମ୍ଭବପର ହୋଇପାରୁନାହିଁ ବୋଲି ମତ ପ୍ରକାଶ ପାଇଥିଲା । ଏଣୁ ପୂର୍ବତନ ଏଲଏଣ୍ଡଟି ବର୍ତ୍ତମାନରେ ହୋଇଥିବା ଅଲଟ୍ରାଟେକ ସିମେଣ୍ଟ କାରଖାନାକୁ ଅଞ୍ଚଳର ବିକାଶପାଇଁ ରାସ୍ତାରେ ବିଜୁଳି ଆଲୁଅ , ରାସ୍ତାଘାଟ ନିର୍ମାଣ ସହ ଗମନାଗମନ ବ୍ୟବସ୍ଥା, ଝାରସୁଗୁଡା ଜିଲ୍ଲା ସହର ପାର୍ଶ୍ୱବର୍ତ୍ତି ଅଞ୍ଚଳରେ ଗଢି ଉଠୁଥିବା ଅନେକ କଳକାରଖାନା ଯୋଗୁଁ ମାଟି , ପାଣି , ପବନ ପ୍ରଦୁଷଣ ହେତୁ ଲୋକଙ୍କୁ ବିଶୁଦ୍ଧ ଜଳ , ବୃକ୍ଷରୋପଣ , ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥାର ସୁଧାର ସହ ଅଲଟ୍ରାଟେକ କାରଖାନାର ସଂପ୍ରସାରଣରେ ସ୍ଥାନୀୟ ନିଯୁକ୍ତି ପ୍ରତି ସମସ୍ତଙ୍କ ଧ୍ୟାନ ଆକର୍ଷଣ ସହ ମତ ପ୍ରକାଶ ପାଇଥିଲା । ଜନଶୁଣାଣୀ ଏତେ ବଡ କାର୍ଯ୍ୟକ୍ରମରେ ବିଶେଷ ଜନଗହଳି ସତ୍ତ୍ୱେ କୌଣସି ଅପ୍ରିତିକର , ଅସାମାଜିକ , ଅମାନବୀୟ ଭାଷା , ହୋହାଲ୍ଲା ବିନା ଶେଷ ହେବା ଶ୍ରେୟ ଅଞ୍ଚଳର ଯୁବପୀଢୀ ପ୍ରତି କେବଳ ନୁହେଁ ସାରା ଜିଲ୍ଲା ପାଇଁ ଏକ ଜ୍ୱଳନ୍ତ ଉଦାହରଣ ସୃଷ୍ଟି କରିପାରିଛି । ଅର୍ଥାତ ଯୁବପୀଢୀଙ୍କ ପାଇଁ ରୋଜଗାର ହିଁ ସର୍ବସ୍ୱ । ଏଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନିକ ଓ କାରଖାନା କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଗୋଚର ପାଇଁ ଜନସାଧାରଣରେ ଚର୍ଚ୍ଚା ଜୋର ଧରିଛି ।

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୧୬)
-ମୋକ୍ଷଯୋଗଃ-
(ଶ୍ରୀଭଗବାନୁବାଚ )

**ତତ୍ରୈବଂ ସତି କର୍ତ୍ତାରମାତ୍ମାନଂ କେବଳନ୍ତୁ ଯଃ ।**
**ପଶ୍ୟତ୍ୟକୃତବୁଦ୍ଧିତ୍ୱାନ୍ନ ସ ପଶ୍ୟତି ଦୁର୍ମତିଃ ।। ୧୬ ।।**

ତତ୍ର (ସର୍ବସ୍ମିନ୍ କର୍ମଣି) (ଏତେ ପଞ୍ଚ ହେତବଃ ଇତି) ଏବଂ ସତି କେବଳଂ (ନିରୁପାଧିସଙ୍ଗଂ) ଆତ୍ମାନଂ ତୁ ଯଃ କର୍ତ୍ତାରଂ ପଶ୍ୟତି, ଅକୃତବୁଦ୍ଧିତ୍ୱାତ୍ ( ଅସଂସ୍କୃତବୁଦ୍ଧିତ୍ୱାତ୍) ସଃ ଦୁର୍ମ୍ମତିଃ (ସମ୍ୟକ୍) ନ ପଶ୍ୟତି ॥ ୧୬ ॥

# ଅଶୀରୁ କମ୍ ଗୋଟିଏ ବର୍ଷର ସ୍ୱାଧୀନତା

ସେଦିନର ସେହି ଶୁଭ ମୁହୂର୍ତ୍ତ ଥିଲା ୧୯୪୭ ଅଗଷ୍ଟ ୧୪ ତାରିଖ ମଧ୍ୟରାତ୍ର । ଆମେ ଆମର ସ୍ୱାଧୀନତା ଫେରି ପାଇଥିଲୁଁ- ମାତ୍ର ଦେଶ ବିଭାଜନ ସର୍ତ୍ତରେ । ଚତୁର ବ୍ରିଟିଶ ଶାସକଗଣ ଅଖଣ୍ଡ ଭାରତକୁ ଦ୍ୱିଖଣ୍ଡିତ କରିଦେଲେ ନାହିଁ କେବଳ, ଉଭୟ ଭାରତ ଓ ପାକିସ୍ତାନ ମଧ୍ୟରେ ଅଶାନ୍ତିର ଅନଳ ଜାଳି ଦେଇଗଲେ । ସେ ଅନଳ ଆଉ ନିର୍ବାପିତ ହୋଇ ପାରୁନାହିଁ-ସ୍ୱାଧୀନତା ହାସଲର ଅଶୀରୁ କମ୍ ଗୋଟିଏ ବର୍ଷରେ ଅର୍ଥାତ୍ ସ୍ୱାଧୀନତାର ଅଣାଅଶୀ ବର୍ଷରେ । ଅବଶ୍ୟ ସମୟ ବଦଳି ଯାଇଛି । ୨୦୨୧ରେ ଭାରତର ଅର୍ଥନୀତି ୟୁ.କେ. ବା ବ୍ରିଟିଶ ରାଷ୍ଟ୍ରଠାରୁ ଜିଡିପ (ଆର୍ଥିକ ବର୍ଷର ଉତ୍ପାଦ ଓ ସେବା କ୍ଷେତ୍ରରେ ଲାଭ) ହାରରେ ଆଗୁଆ ରହିଛି । ଭାରତ ଓ ୟୁ.କେ. ମଧ୍ୟରେ ବାଣିଜ୍ୟିକ ଚୁକ୍ତି ପାଇଁ ଏବେ ୟୁ.କେ. ଆଗ୍ରହ ପ୍ରକାଶ କରିଛି । ଗତ ଜୁଲାଇ ୨୩ ଓ ୨୪ (୨୦୨୫)ରେ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ, ୟୁ.କେ.ର ପ୍ରଧାନମନ୍ତ୍ରୀ ସାର୍ କେର୍ ଷ୍ଟାରମରଙ୍କୁ ଭେଟିବା ବେଳେ ଏହା ଜଣା ପଡ଼ିଥିଲା । ଏବେ ତ ପାକିସ୍ତାନରେ ସ୍ଥିର ଶାସନ ନାହିଁ । ସ୍ୱାଧୀନତା ପରେ ପାକିସ୍ତାନର ଗଣତନ୍ତ୍ର ଭୁଷୁଡି ପଡ଼ିଛି । ସାମରିକ ଶାସନ ଓ ଆତଙ୍କବାଦ ସେ ଦେଶରେ ମୁଣ୍ଡଟେକି ରହିଛି ଓ ସାଧାରଣ ଲୋକେ ଅଶାନ୍ତି ମଧ୍ୟରେ କାଳ କାଟୁଛନ୍ତି । ଏକା ସାଙ୍ଗରେ ସ୍ୱାଧୀନତା ହାସଲ କରିଥିଲେ ମଧ୍ୟ ଭାରତ ସେପରି ଦୁର୍ଦ୍ଦଶା ଅବଶ୍ୟ ଭୋଗୁ ନାହିଁ ।

ମହାତ୍ମା ଗାନ୍ଧିଙ୍କ ଡାକରାରେ ସ୍ୱାଧୀନତା ଆନ୍ଦୋଳନର ଅନ୍ତିମ ପର୍ଯ୍ୟାୟରେ ଯେଉଁ ଅଗଷ୍ଟ ବିପ୍ଳବ ବା ଭାରତଛାଡ଼ ଆନ୍ଦୋଳନ ଭାରତୀୟମାନଙ୍କୁ ଅହିଂସା ଆନ୍ଦୋଳନ ଜରିଆରେ ଏକାଠି କରିଥିଲା, ତାହା ଥିଲା ବ୍ରିଟିଶ ସରକାରଙ୍କ ବିରୋଧରେ ସବୁଠାରୁ ବଡ଼ ଗଣ ଆନ୍ଦୋଳନ । ୧୯୪୨ ଅଗଷ୍ଟ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନକୁ ଦମନ କରିବା ସକାଶେ ତତ୍କାଳୀନ ବ୍ରିଟିଶ ଶାସକଗଣ ବହୁ ଉଦ୍ୟମ ଆରମ୍ଭ କରିଥିଲେ । ଏ ସମ୍ପର୍କରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର କନିଷ୍ଠ ପୁତ୍ର ଗୌରଚନ୍ଦ୍ର ମହାପାତ୍ର ଲେଖିଛନ୍ତି, 'ପରିଶେଷରେ ଆସିଲା ୧୯୪୨ ମସିହାର ଭାରତଛାଡ଼ ଡାକରା । ଗାନ୍ଧିଜୀଙ୍କୁ ନିସ୍ତବ୍ଧ ରାତିରେ ଆରେଷ୍ଟ କରାଗଲା । ଜନପ୍ରିୟ ଗାନ୍ଧିଜୀଙ୍କୁ ଦିନରେ ବନ୍ଦୀ କଲେ କାଳେ ଜନଗହଳିଙ୍କୁ ରୋକାଯାଇ ପାରିବ ନାହିଁ, ସେହି ଭୟରେ ଇଂରେଜ ଫୌଜ ଗାନ୍ଧିଜୀଙ୍କୁ ନିସ୍ତବ୍ଧ ରାତ୍ରିର ନୀରବ ପ୍ରହରରେ ପ୍ରାୟ ତିନିଟା ସମୟରେ ନିଦ୍ରାରୁ ଉଠାଇ ବନ୍ଦୀ କଲେ । ଗାନ୍ଧିଜୀ ସେତେବେଳେ କେବଳ କେତେ ମିନିଟ ଅପେକ୍ଷା କରିବାକୁ କହିଥିଲେ । କାରଣ ସେ ପ୍ରାତଃକାଳୀନ ପ୍ରାର୍ଥନା କରି ନଥିଲେ । ଅଳ୍ପ ସମୟ ମଧ୍ୟରେ ଗାନ୍ଧିଜୀ ପ୍ରାର୍ଥନା ସାରି ବନ୍ଦୀଶାଳାକୁ ଯିବା ମୁହୂର୍ତ୍ତରେ ମାତ୍ର ଦୁଇଟି ଶବ୍ଦ ଉଚ୍ଚାରଣ କରିଥିଲେ ଭାରତବାସୀଙ୍କ ଉଦ୍ଦେଶ୍ୟରେ, ଏହା ସେ ଦେଇଗଲେ ଆଶ୍ରମବାସୀଙ୍କ ଜରିଆରେ ଭାରତବାସୀଙ୍କୁ । ସେ ଶବ୍ଦ ଦୁଇଟି ହେଲା 'କର ବା ମର' । ବିଦ୍ୟୁତ ବେଗରେ ଏ ଦୁଇଟି ଶବ୍ଦ ସାରା ଭାରତରେ ଖେଳିଗଲା । କେବଳ ଖେଳିଗଲା ନାହିଁ ଆବାଳ ବୃଦ୍ଧ ବନିତାଙ୍କ ଦେହରେ ଶିହରଣ ଓ ହୃଦୟରେ କଂପନ ସୃଷ୍ଟି କରିଥିଲା । ଆମ ଭଳି ଯୁବକ ଆଉ ସ୍ଥିର ହୋଇ ରହି ପାରିଲୁ ନାହିଁ ।'...(ସ୍ୱାଧୀନତା ଆନ୍ଦୋଳନ ବେଳର ସ୍ମୃତି, ପୃଷ୍ଠା ୫, ଅଗଷ୍ଟ ୨୦୦୭ ସଂଖ୍ୟା ଉତ୍କଳ ପ୍ରସଙ୍ଗ) ଅଗଷ୍ଟ ବିପ୍ଳବ ବା ଭାରତ ଛାଡ଼ ଆନ୍ଦୋଳନ ସଂପର୍କରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗୀୟ ଡକ୍ଟର ହରେକୃଷ୍ଣ ମହତାବ ଠାଏ ସୂଚନା ଦେଇଥିଲେ-'୧୮୫୭ର ସିପାହୀ ବିଦ୍ରୋହଠାରୁ ଏହା ଥିଲା ସ୍ୱତନ୍ତ୍ର ।' ପ୍ରକୃତରେ ଭାରତର ସ୍ୱାଧୀନତା ଆନ୍ଦୋଳନ ପାଇଁ ଏହି ଅନ୍ତିମ ପର୍ଯ୍ୟାୟର 'ଭାରତଛାଡ଼' ଆନ୍ଦୋଳନ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲା ।

ଅବଶ୍ୟ ସ୍ୱାଧୀନ ଭାରତରେ ଏବେ କଂଗ୍ରେସ ଦଳ ପକ୍ଷରୁ ବିହାର ନିର୍ବାଚନରେ ଭୋଟ କାରସାଦିକୁ ନେଇ ଆନ୍ଦୋଳନ ଚାଲିଛି । କଂଗ୍ରେସ ନେତା ଶ୍ରୀ ରାହୁଲ ଗାନ୍ଧି ଏହି ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି, ସଂସଦରେ ଉଭୟ ଗୃହକୁ ଅଚଳ କରାଯାଇଛି । ବିରୋଧୀ ଦଳର ପ୍ରକୃତ ଉଦ୍ଦେଶ୍ୟ କ'ଣ ? ୧୯୭୫ ଜୁନ୍ ମାସରେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଗମୋହନ ସିହ୍ନା, ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ୧୯୭୧ ଲୋକସଭା ନିର୍ବାଚନରେ, ନିର୍ବାଚନ କାରସାଦି କରି ଜିତି ଥିବାରୁ ତାଙ୍କ ବିରୋଧରେ ରାୟ ଦେଇଥିଲେ । ମାତ୍ର କ୍ଷମତାରେ ରହିବାକୁ ସେହି ରାୟ ବିରୋଧରେ ଯାଇ ଇନ୍ଦିରା ଗାନ୍ଧି ଦେଶରେ ଏମରଜେନ୍ସି ବା ଆପାଦକାଳୀନ ପରିସ୍ଥିତି ଜାରି କରି ଗଣତନ୍ତ୍ରର କଣ୍ଠରୋଧ କରିଥିଲେ । ଦମନଲୀଳା ମଧ୍ୟ ଚାଲିଥିଲା । ସମ୍ବାଦପତ୍ରର ପ୍ରକାଶନକୁ ସରକାରଙ୍କ ବିରୋଧରେ ନ ଲେଖିବାକୁ ତାଗିଦା କରାଯାଇଥିଲା । ଇତିମଧ୍ୟରେ ଏମରଜେନ୍ସିର ପଚାଶ ବର୍ଷ ଅତିକ୍ରାନ୍ତ ହୋଇ ସାରିଛି । ପ୍ରତି ଘରେ ଘରେ ତ୍ରିରଙ୍ଗା ଉଡାଇବାକୁ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ଅବଶ୍ୟ ଲୋକଙ୍କ ମଧ୍ୟରେ ଏବେ ନୂତନ ଉନ୍ମାଦନା ଦେଶ ପାଇଁ ସୃଷ୍ଟି କରୁଛି ।

**ସଙ୍କଳ୍ପ**

ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଇତିହାସ ପୃଷ୍ଠାରେ ଅଗଷ୍ଟ ୧୫



**ପ୍ରହଲାଦ କୁମାର ସିଂହ**

୧୯୪୭ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନ ହେଲା ଏବଂ ସେବେଠାରୁ ଏହି ଦିବସକୁ ଆମେ ସମ୍ମାନର ସହ ପାଳନ କରି ଆସୁଛୁ ସ୍ୱାଧୀନତା ଦିବସ ଭାବେ । ତେବେ ସ୍ୱାଧୀନତା ଦିବସ ଭାବେ ୧୯୪୭ ଅଗଷ୍ଟ ୧୫କୁ ବାଛିଥିଲା କିଏ? ବ୍ରିଟିଶ ପାର୍ଲିଆମେଣ୍ଟରେ ଏହି ଦିନକୁ ବାଛି କୌଣସି ନିର୍ଦ୍ଦିଷ୍ଟ ପ୍ରସ୍ତାବ ଗୃହୀତ ହୋଇନଥିଲା । ବ୍ରିଟେନର ମହାରାଣୀ କିମ୍ବା ପ୍ରଧାନମନ୍ତ୍ରୀ ବି ଏହି ତାରିଖ ଘୋଷଣା କରିନଥିଲେ । ମହାତ୍ମା ଗାନ୍ଧିଙ୍କ ସମେତ ସ୍ୱାଧୀନତା ଆନ୍ଦୋଳନର ନେତାମାନେ କିମ୍ବା ପାକିସ୍ତାନ ଗଠନ ପାଇଁ ଅଡି ବସିଥିବା ମହମ୍ମଦ ଅଲ୍ଲି ଜିନ୍ନା ବି ଅଗଷ୍ଟ ୧୫ ଦାବି ଉଠାଇ ନଥିଲେ । ତେବେ ଏହି ଦିନଟି ଆସିଲା କେଉଁଠୁ?

୧୯୨୯ ଡିସେମ୍ବର ୩୧ ଅର୍ଦ୍ଧରାତ୍ରରେ ଲାହୋରର ରାବୀ ନଦୀ କୂଳରେ ସେତେବେଳର କଂଗ୍ରେସ ସଭାପତି ପଣ୍ଡିତ ଜବାହାରଲାଲ ନେହେରୁ ତ୍ରିରଙ୍ଗା ଝଣ୍ଡା ଉତ୍ତୋଳନ ସହ ଅଧିବେଶନର ଶୁଭାରମ୍ଭ କରିଥିଲେ । ଜାନୁଆରୀ ୨ ତାରିଖରେ ଏହି ଅଧିବେଶନରେ ଗୃହୀତ ହୋଇଥିଲା ଏକ ଐତିହାସିକ ପ୍ରସ୍ତାବ । ଏହି ପ୍ରସ୍ତାବରେ ପୂର୍ଣ୍ଣ ସ୍ୱରାଜ ଘୋଷଣା ସହ ଜାନୁଆରୀ ୨୬ ତାରିଖକୁ ସ୍ୱାଧୀନତା ଦିବସ ଭାବେ ପାଳନ କରିବା ସହ ଦେଶର କୋଣ ଅନୁକୋଣରେ ଲୋକେ ସାମୂହିକ ଭାବେ ସଂକଳ୍ପପତ୍ର ପାଠ କରିବାକୁ ଆହ୍ୱାନ ଦିଆଯାଇଥିଲା । ଏଥିରେ କୁହାଯାଇଥିଲା ଯେ ବ୍ରିଟିଶ୍ ଶାସନର ବଶ୍ୟତା ସ୍ୱୀକାର କରିବା ହେଉଛି ଈଶ୍ୱର ଓ ମଣିଷ ଜାତି ନିକଟରେ ଏକ ଭୟଙ୍କର ଅପରାଧ । ଏହି ସଂକଳ୍ପପତ୍ରରେ ପୁଣି ଉଲ୍ଲେଖ ଥିଲା, ପୃଥିବୀର ସବୁ ମଣିଷଙ୍କ ଭଳି ଭାରତୀୟମାନଙ୍କର ବି ପୂର୍ଣ୍ଣ ସ୍ୱାଧୀନତା ପାଇବାର ଅଧିକାର ରହିଛି । ବଞ୍ଚିବା ପାଇଁ ସେମାନେ ଯେଉଁ ନିରନ୍ତର ପରିଶ୍ରମ କରନ୍ତି ତାହାର ସୁଫଳ ସେମାନଙ୍କୁ ମିଳିବା ଦରକାର । ଶାରୀରିକ ଓ ମାନସିକ ଅଭିବୃଦ୍ଧି ଲାଗି ସୁଯୋଗ ପାଇବାକୁ ସେମାନେ ହକ୍‌ଦାର । ବ୍ରିଟିଶ୍ ସରକାର ଭାରତୀୟମାନଙ୍କୁ ଏହି ଅଧିକାରରୁ ବଞ୍ଚିତ କରିଛି । ସୁସ୍ଥ ଓ ସ୍ୱଚ୍ଛଳ ଭାବେ ଆମକୁ ବଞ୍ଚିବାର ସୁଯୋଗ ଦେଉନାହିଁ । ସରକାର ଆମକୁ ଏ ଅଧିକାର ଦେଉନଥିବା ବେଳେ ଏହାକୁ ଛଡ଼େଇ ନେବା ଓ ସତ୍ୟାଗ୍ରହ ବଳରେ ସରକାରକୁ ଧ୍ୱଂସ କରିବାର ଅଧିକାର ସାଧାରଣ ଲୋକଙ୍କର ରହିଛି । ଇଂରେଜ ସରକାର ଭାରତୀୟମାନଙ୍କୁ ଶୋଷଣ କରିବା ସହିତ ଆମ ଆର୍ଥିକ, ରାଜନୈତିକ ଓ ସାଂସ୍କୃତିକ କ୍ଷେତ୍ରକୁ ବି ସମ୍ପୂର୍ଣ୍ଣ ନଷ୍ଟ କରୁଛନ୍ତି । ତେଣୁ ବ୍ରିଟିଶ୍ ସାମ୍ରାଜ୍ୟ ବାହାରେ ଭାରତ ପାଇଁ ଆମେ ପୂର୍ଣ୍ଣ ସ୍ୱରାଜ ଚାହୁଁଛୁ...।' ମହାତ୍ମା ଗାନ୍ଧିଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସଂକଳ୍ପପତ୍ରର ଏହା କିୟଦଂଶ ।

ସତ୍ୟାଗ୍ରହ ସଂଗ୍ରାମର ସେନାପତି ଗାନ୍ଧିଜୀ ଏକଦା ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ସ୍ୱାଧୀନତା ପାଇଁ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହୋଇଛି । ତମେମାନେ ଏଥିରେ ଭାଗୀଦାର ହୁଅ । ମୃତ୍ୟୁ ଭୟକୁ ଦୂରେଇ ଦିଅ । ଯେତେବେଳେ ଆମ ଦେଶର ସ୍ୱାଧୀନତା ସଂଗ୍ରାମର ନୂଆ ଇତିହାସ ରଚନା କରାଯିବ ସେଥିରେ ସ୍ୱାଧୀନତା ପାଇଁ ଲଢ଼େଇ କରି ମୃତ୍ୟୁବରଣ କରିଥିବା ଛାତ୍ରଛାତ୍ରୀମାନଙ୍କ ନାମ ରହିବ । ମୃତ୍ୟୁକୁ ସାମନା କରିବା ପାଇଁ ଶକ୍ତି ଆବଶ୍ୟକ । ଏ ଶକ୍ତି ସଂଖ୍ୟାର ଖେଳରେ ସୀମିତ ନୁହେଁ । ଏଥିପାଇଁ ଚରିତ୍ରବାନ, ଶକ୍ତିବାନ ଓ ନିର୍ଭୀକ ଯୁବକ ଯୁବତୀଙ୍କ ଆବଶ୍ୟକତା ରହିଛି । ଇତିହାସ କେବଳ ସେଇମାନଙ୍କୁ ମନେରଖେ, ଯେଉଁମାନେ ଦେଶ ମାତୃକା ପାଇଁ ନିଜ ଜୀବନକୁ ବଳିଦେବାକୁ ପ୍ରସ୍ତୁତ ଥାଆନ୍ତି ।' ବଳିଦାନର ଏହି ମହାପର୍ବରେ ଓଡ଼ିଶାର ଇରମ୍, ତୁରିଗଡ଼ିଆ, ଖଇରାଡିହି, ଲୁଣିଆ, ପାପଡ଼ାହାଣ୍ଡି, ମାଥିଲି, ନିମାପଡ଼ା, କାଇପଡ଼ା, କଳାମାଟିଆ ସମେତ ତାଳଚେର, ଢେଙ୍କାନାଳ, ନୟାଗଡ଼, ନୀଳଗିରି, ସୁବର୍ଣ୍ଣପୁର ଆଦି ଗଡ଼ଜାତର ଶହୀଦମାନେ କାଳ କାଳକୁ କୀର୍ତ୍ତି ରଖିଯାଇଛନ୍ତି ।

**ଜାନୁଆରୀ ୨୬କୁ ସ୍ୱାଧୀନତା ଦିବସ ଭାବେ ଗାନ୍ଧି ପାଳିଥିଲେ ୧୯୩୦ ମସିହାରେ ଅହମ୍ମଦାବାଦରେ ଅନୁଷ୍ଠିତ ଲକ୍ଷାଧିକ ଲୋକଙ୍କ ଜନସଭାରେ । ଜେଲ୍ ଭିତରେ ବି ସେ ୫ଥର ପାଳିଛନ୍ତି ଜାନୁଆରୀ ୨୬ । ମଦୁରାଇ, ଦିଲ୍ଲୀ, ସେବାଗ୍ରାମ, ବର୍ଦ୍ଦୋଳି, ୱାର୍ଦ୍ଧା, ମାଡ୍ରାସ୍ ଆଦିରେ ବି ବିଭିନ୍ନ ବର୍ଷରେ ଜାନୁଆରୀ ୨୬କୁ ସ୍ୱାଧୀନତା ଦିବସ ଭାବେ ପାଳନ ଅବସରରେ ଗାନ୍ଧିଜୀ ଦେଶବାସୀଙ୍କୁ ଦେଇଥିଲେ ପ୍ରେରଣାଦାୟୀ ଆହ୍ୱାନ ।**

ତେବେ ୧୯୪୬-୪୭ର ନୋଆଖାଲି ଶାନ୍ତିଯାତ୍ରା କାଳରେ ବନ୍‌ସାଠାରେ ଗୋଟିଏ ଗୋଷ୍ଠୀ ସବୁଜ ପତାକା, ଆଉ ଗୋଟିଏ ଗୋଷ୍ଠୀ ଗେରୁଆ ପତାକା ଓ ଆଉ କିଛି ସହଯାତ୍ରୀ ତ୍ରିରଙ୍ଗା ଝଣ୍ଡା ଉଡ଼ାଇବା ପାଇଁ ଜାନୁଆରୀ ୨୬ରେ ଜିଦ୍ ଧରିବା ପରିପ୍ରେକ୍ଷୀରେ ଗାନ୍ଧିଜୀ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ସ୍ଥଗିତ ରଖିଥିଲେ । ଏହା ତାଙ୍କ ମନରେ ଆଘାତ ପହଞ୍ଚାଇଥିଲା । ୧୯୩୦ରୁ ଦେଶବାସୀଙ୍କ ସହ ଜାନୁୟାରୀ ୨୬କୁ ସ୍ୱାଧୀନତା ଦିବସ ଭାବେ ପାଳନ କରୁଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ । ଭାରତ ଛାଡି ବିଦେଶରେ ଆଇଏନ୍‌ଏର ନେତୃତ୍ୱ ନେବାପରେ ୧୯୪୩ ଜାନୁୟାରୀ ୨୬ରେ ବର୍ଲିନ୍‌ଠାରେ ନେତାଜୀ ଭାରତର ସ୍ୱାଧୀନତା ଦିବସ ମହାସମାରୋହରେ ପାଳନ କରାଇ ମୁଖ୍ୟ ଅଭିଭାଷଣ ପ୍ରଦାନ କରିଥିଲେ ।


ଏହି ତ୍ରିରଙ୍ଗା ଝଣ୍ଡା ତଳେ ସ୍ୱାଧୀନତା ସଂଗ୍ରାମ କାଳରେ ଗାନ୍ଧିଜୀ ଦେଶବାସୀଙ୍କୁ ଆହ୍ୱାନ ଦେଇ କହିଥିଲେ ଇଂରେଜ ଶାସନର ଅବସାନ ପାଇଁ ଭାରତବର୍ଷକୁ ଯେଉଁ ଅପୂର୍ବ ସୁଯୋଗ ମିଳିଛି ତାକୁ ହାତଛଡ଼ା କରିବା ଚରମ ନିର୍ବୋଧତା । ଏଥିପାଇଁ ସେ ସତ୍ୟ ଓ ଅହିଂସା ଆଧାରରେ ସାମାଜିକ, ଆର୍ଥିକ, ରାଜନୈତିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଗ୍ରାମ୍ୟ ସ୍ତରରୁ ବ୍ୟାପକ ସଂସ୍କାର ଆଣି ଗ୍ରାମ ସ୍ୱରାଜର ପରିକଳ୍ପନା କରୁଥିଲେ । ସରକାର ପାଗଳ ହୋଇଗଲେ ଲୋକେ ତାଙ୍କ ପାଗଳାମୀର ଉତ୍ତର ପାଗଳପଣରେ ନ ଦେଇ ସୁସ୍ଥ ମସ୍ତିଷ୍କରେ ଦେଲେ ପରିସ୍ଥିତିକୁ ସହଜରେ ଜିଣିହେବ । ଅହିଂସା ହିଂସାଠାରୁ ଢେର୍ ଗୁଣ ଅଧିକ ଶକ୍ତିଶାଳୀ । ଶକ୍ତି ଦୈହିକ କ୍ଷମତାରୁ ଆସେନାହିଁ, ଆସେ ଦୃଢ଼ ଇଚ୍ଛାଶକ୍ତିରୁ । ଯେତେବେଳେ ଭାରତୀୟମାନେ ଅନୁଭବ କରିବେ ଯେ ଲକ୍ଷେ ଇଂରେଜ ଭାରତ ମାଟିରେ ୩୦ କୋଟି ଲୋକଙ୍କୁ ଦବାଇ ରଖିପାରିବେ ନାହିଁ ସେତେବେଳେ ଇଂରେଜମାନଙ୍କ ହାତରୁ ଅସ୍ତ୍ର ଖସିପଡ଼ିବ । ଏ ପରିପ୍ରେକ୍ଷୀରେ ଇଂରେଜମାନଙ୍କୁ ଆହ୍ୱାନ ଦେଇ ଗାନ୍ଧିଜୀ କହିଥିଲେ, ତୁମେ ଆମକୁ ଶୁଳୀରେ ଚଢ଼େଇ ପାର, କାରାଗାରରେ ଫିଙ୍ଗିପାର କିନ୍ତୁ ଆମ ସହଯୋଗ ପାଇବ ନାହିଁ । ଯାହାକିଛି ସହଯୋଗ ପାଇବ ତାହା ଫାଶୀ ଖୁଣ୍ଟରୁ ବା ଜେଲ୍‌ଖାନାରୁ... ଆଜିର ବ୍ରିଟିଶ୍ ସାମ୍ରାଜ୍ୟ ସଇତାନୀର ପ୍ରତୀକ । ଯେଉଁମାନେ ଈଶ୍ୱରଙ୍କୁ ଭଲ ପାଆନ୍ତି ସେମାନେ ସଇତାନକୁ ଭଲ ପାଇପାରିବେ ନାହିଁ । ବ୍ରିଟିଶ୍ ସାମ୍ରାଜ୍ୟ ଯେଉଁ ଜଘନ୍ୟ ଅତ୍ୟାଚାର କରିଛି ସେଥିପାଇଁ ସେମାନଙ୍କୁ ଉଭୟ ଈଶ୍ୱର ଓ ଭାରତବର୍ଷ ନିକଟରେ କ୍ଷମା ମାଗିବାକୁ ପଡ଼ିବ, ନ ହେଲେ ସେମାନେ ଧ୍ୱଂସ ହୋଇଯିବେ । ଯଦି ଇଂରେଜ ସରକାର କୃତ କର୍ମ ପାଇଁ କ୍ଷମା ନ ମାଗେ ତା'ହେଲେ ସେହି ସାମ୍ରାଜ୍ୟକୁ ସତ୍ୟାଗ୍ରହ ମାର୍ଗରେ ଧ୍ୱଂସ କରିବା ହେଉଛି ପ୍ରତ୍ୟେକ ଭାରତୀୟଙ୍କ ପରମ କର୍ତ୍ତବ୍ୟ ।' ଲାଠି ଗୁଳିର ସମ୍ମୁଖୀନ ସହ ଜେଲ୍ ବରଣ ପାଇଁ ସାରା ଦେଶ ପ୍ରସ୍ତୁତ ହେଲେ ସ୍ୱାଧୀନତା ସହଜରେ ଆସିବ ବୋଲି ଗାନ୍ଧିଜୀଙ୍କ ଆହ୍ୱାନକୁ ଗ୍ରହଣ କରି ହଜାର ହଜାର ଶହୀଦ ହେଲେ । ଲକ୍ଷ ଲକ୍ଷ ସଂଗ୍ରାମୀ କାରା ଓ ନିର୍ଯ୍ୟାତନା ବରଣ କଲେ ଏବଂ ସେମାନଙ୍କ ସାଧନା ବଳରେ ଆମେ ପାଇଲୁ ସ୍ୱାଧୀନତା । କିନ୍ତୁ ସ୍ୱାଧୀନତା ପ୍ରାପ୍ତିର ୬ ମାସ ନପୁରୁଣୁ ଗାନ୍ଧିଜୀଙ୍କୁ ହତ୍ୟା କରାଗଲା ୧୯୪୮ ଜାନୁଆରୀ ୩୦ ଅପରାହ୍ଣ ୫ଟା ୧୭ ମିନିଟ୍‌ରେ । ଆଉ ନେତାଜୀ ସଶସ୍ତ୍ର ସଂଗ୍ରାମ କରି ଦେଶ ମାତୃକାକୁ ଶୃଙ୍ଖଳମୁକ୍ତ ଲାଗି ଅଭିଯାନ ଅବ୍ୟାହତ ରଖିଥିବାବେଳେ ନିଖୋଜ ହୋଇଗଲେ ୧୯୪୫ ଅଗଷ୍ଟ ୨୩ ତାରିଖରୁ ।

୧୯୪୨ର ଭାରତ ଛାଡ଼ ଆନ୍ଦୋଳନ ପୂର୍ବରୁ ମୁସ୍‌ଲିମ୍ ଲିଗ୍ ଓ ହିନ୍ଦୁ ମହାସଭା ସାମ୍ପ୍ରଦାୟିକତାର ବିଷ ବୁଣିବାରେ ବ୍ୟସ୍ତ ଥାଆନ୍ତି । ଏମିତିକି ଏହି ଦୁଇ ସଙ୍ଗଠନ ଭାରତ ଛାଡ଼ ଆନ୍ଦୋଳନକୁ ସମର୍ଥନ କରିବା ତ ଦୂରର କଥା ଏହାର ନେତାମାନେ ବ୍ରିଟିଶ ସରକାରଙ୍କୁ ଖୋଲା ସମର୍ଥନ ଦେଉଥାନ୍ତି । ଭାରତ ଛାଡ ଆନ୍ଦୋଳନବେଳେ କଂଗ୍ରେସର ନେତାମାନେ ଜେଲ୍‌ରେ ଥିବାବେଳେ ଏହି ଦୁଇ ସଙ୍ଗଠନ ସେମାନଙ୍କ କାୟା ବିସ୍ତାର କରି ଚାଲିଥିଲେ । ପରବର୍ତ୍ତୀ ସମୟରେ କ୍ୟାବିନେଟ୍ ମିଶନ ପ୍ଲାନ୍ ମାଧ୍ୟମରେ ଦେଶ ବିଭାଜନର ସୂତ୍ରପାତ କରାଗଲା । ଗାନ୍ଧିଜୀ ଦେଶ ବିଭାଜନକୁ ଦୃଢ ଭାବରେ ବିରୋଧ କରୁଥିବାବେଳେ କଂଗ୍ରେସ୍ ଓ ମୁସ୍‌ଲିମ୍ ଲିଗ୍ ଏହାର ସପକ୍ଷରେ ଥାଆନ୍ତି । ୧୯୪୭ ଫେବୃୟାରୀ ୨୦ ତାରିଖରେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ କ୍ଲେମେ ଅଟ୍‌ଲି ତାଙ୍କ ସଂସଦରେ ଘୋଷଣା କଲେ ଯେ ୧୯୪୮ ଜୁନ୍ ୩୦ ପୂର୍ବରୁ ଯେ କୌଣସି ଦିନ ବ୍ରିଟିଶ ସରକାର ଭାରତୀୟମାନଙ୍କୁ କ୍ଷମତା ହସ୍ତାନ୍ତର କରିବେ । ଏହା ପରେ ପରେ ୱାଭେଲ୍‌ଙ୍କୁ ୱାପସ୍ ନେଇ ତାଙ୍କ ସ୍ଥାନରେ ବ୍ରିଟିଶ ସେନାର ଜଣେ ବରିଷ୍ଠ ଅଧିକାରୀ ତଥା ମହାରାଣୀ ଭିକ୍ଟୋରିଆଙ୍କ ଅଣନାତି ଲର୍ଡ ଲୁଇସ୍ ଫ୍ରାନ୍‌ସିସ୍ ଆଲବର୍ଟ ଭିକ୍ଟର ନିକୋଲାସ୍ ମାଉଣ୍ଟବ୍ୟାଟେନ୍‌ଙ୍କୁ ଭାରତର ଭାଇସ୍‌ରାୟ କରାଗଲା ଏବଂ ୧୯୪୭ ଜୁଲାଇ ୧୮ ତାରିଖରେ ବ୍ରିଟିଶ ପାର୍ଲିଆମେରେ 'ଦ ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ ବିଲ୍'ଗୃହୀତ ହେଲା । ଗାନ୍ଧିଜୀଙ୍କ ବିରୋଧ ସତ୍ତ୍ୱେ ଦେଶ ବିଭାଜନ ପାଇଁ ମାଉଣ୍ଟବ୍ୟାଟେନ୍‌ଙ୍କ ମାୟା ଜାଲରେ ଛନ୍ଦି ହୋଇଗଲେ ନେହେରୁ, ପଟେଲ୍ ଓ ଜିନ୍ନାଙ୍କ ଭଳି ନେତାମାନେ । ଅବଶ୍ୟ ଏହା ପୂର୍ବରୁ ଅନ୍ତରୀଣ ସରକାରରେ ମୁସ୍‌ଲିମ୍ ଲିଗ୍‌ର ମନ୍ତ୍ରିମାନେ ମିଳିତ ସରକାରକୁ ଅସ୍ୱୀକାର କରି ବିଭେଦକୁ ଚରମ ସୀମାର ପହଞ୍ଚାଇଥିଲେ । ୧୯୪୬ ଅଗଷ୍ଟ ୧୬କୁ ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ଦିବସ ଭାବେ ପାଳନ ପାଇଁ ଜିନ୍ନା ଯେଉଁ ଆହ୍ୱାନ ଦେଲେ, ତାହା ସାମ୍ପ୍ରଦାୟିକ ସଂଘର୍ଷକୁ ବ୍ୟାପକ କଲା । ଏଭଳି ସ୍ଥିତିରେ ସାର୍ ସେରିଲ୍ ରେଡ୍‌କ୍ଲିଫ୍‌ଙ୍କୁ ସୀମା ନିର୍ଦ୍ଧାରଣ କମିଶନ୍‌ର ମୁଖ୍ୟ ଭାବେ ନିଯୁକ୍ତ କରାଯାଇଥିଲା ଏବଂ ସେ ଏଥିପାଇଁ ଅନ୍ୟୂନ ବର୍ଷେ ସମୟ ଚାହିଁଥିଲେ ବି ମାଉଣ୍ଟବ୍ୟାଟେନ୍ ତାଙ୍କୁ ମାସକ ଭିତରେ କାମ ସାରିବାକୁ ଚାପ ପକାଇଥିଲେ । ଭାରତର ଇତିହାସ, ଭୂଗୋଳ ଓ ସଂସ୍କୃତି ବିଷୟରେ ସମ୍ପୂର୍ଣ୍ଣ ଅନଭିଜ୍ଞ ନବାଗତ ରେଡ୍‌କ୍ଲିଫ୍ ମାନଚିତ୍ରରେ ଗାର ଟାଣି ଯେଉଁ ରିପୋର୍ଟ ଦେଲେ ତାହାକୁ ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ମାଉଣ୍ଟବ୍ୟାଟେନ୍ ଗୋପନରେ ରଖିବା ଫଳରେ ଦେଶ ବିଭାଜନଜନିତ ଦଙ୍ଗା ଉଗ୍ର ରୂପ ନେଇଥିଲା । ୧୯୪୭ ଅଗଷ୍ଟ ୧୪ ତାରିଖ ମଧ୍ୟରାତ୍ରରେ ଦେଶ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲେ । ମାତ୍ର ୧୯୪୭ ଅଗଷ୍ଟ ୧୪ରେ ପାକିସ୍ତାନ ଓ ଅଗଷ୍ଟ ୧୫ରେ ଭାରତ ସ୍ୱାଧୀନତା ଦିବସ ପାଳନ କଲେ ।

ଦି ଇଣ୍ଡିଆନ୍ ଇଣ୍ଡିପିଣ୍ଡେନ୍ସ ଆକ୍ଟ ୧୯୪୭ ଜୁଲାଇ ୧୮ରେ ଲାଗୁ ହୋଇଥିବାବେଳେ ୧୯୪୮ ଜୁନ୍ ୩୦ ପର୍ଯ୍ୟନ୍ତ କ୍ଷମତା ହସ୍ତାନ୍ତର ପାଇଁ ପର୍ଯ୍ୟାପ୍ତ ସମୟ ଥିଲା । ତେବେ ସେ ସମୟରେ ଭାଇସ୍‌ରାୟ ମାଉଣ୍ଟବ୍ୟାଟେନ୍ ପ୍ରାୟ ୩ଶହ ଦେଶୀ, ବିଦେଶୀ ସାମ୍ବାଦିକଙ୍କ ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେବାବେଳେ କେଉଁଦିନ କ୍ଷମତା ହସ୍ତାନ୍ତର କରାଯିବ ବୋଲି ଜଣେ ସାମ୍ବାଦିକ ନିର୍ଦ୍ଦିଷ୍ଟ ଭାବେ ପଚାରିବାରୁ କିଛି ସମୟ ଚିନ୍ତିତ ରହି ମାଉଣ୍ଟବ୍ୟାଟେନ୍ କହିଥିଲେ ସେହି ଦିନଟି ହେଉଛି ୧୯୪୭ ଅଗଷ୍ଟ ୧୫। ପରବର୍ତ୍ତୀ ସମୟରେ 'ଫ୍ରିଡମ୍ ଆଟ୍ ମିଡ୍‌ନାଇଟ୍' ପୁସ୍ତକର ଯୁଗ୍ମ ଲେଖକ ଡୋମିନିକ୍ ଲାପିଆର୍ ଓ ଲାରି କଲିନ୍‌ସ ଏବଂ ଗାନ୍ଧିଜୀଙ୍କ ଜୀବନୀ ଲେଖକ ଲୁଇ ଫିସରଙ୍କୁ ସେ କହିଥିଲେ ଯେ, ଏହି ତାରିଖଟି ସତେ ଯେମିତି ସ୍ୱର୍ଗରୁ ଖସିଥିଲା । ତାଙ୍କ ସ୍ମୃତିରେ ଅଗଷ୍ଟ ୧୫ ଥିଲା ଚରମ ବିଜୟର ଦିବସ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସେ ବ୍ରହ୍ମଦେଶର ନିଘଞ୍ଚ ଜଙ୍ଗଲରେ ଜାପାନ ଓ ସୁଭାଷ ବୋଷଙ୍କ ଆଇଏନ୍‌ଏ ବିରୁଦ୍ଧରେ ଲଢୁଥିଲେ । ୧୯୪୫ ଅଗଷ୍ଟ ୧୫ରେ ସେ ବିଜୟ ହାସଲ କଲେ ଏବଂ ଏହିଦିନ ଜାପାନୀ ସେନା ତାଙ୍କ ନିକଟରେ ନିଃସର୍ତ୍ତ ଆତ୍ମସମର୍ପଣ କରିଥିଲେ । ନିଜ ବିଜୟ ସ୍ମାରକୀ ଦିନଟିକୁ ମାଉଣ୍ଟବ୍ୟାଟେନ୍ ଅବିସ୍ମରଣୀୟ କରି ରଖିବା ପାଇଁ ବାଛିଥିଲେ କ୍ଷମତା ହସ୍ତାନ୍ତର କରିବାକୁ ବୋଲି ସ୍ୱୀକାର କରିଥିଲେ । ତେବେ ୧୯୩୦ରୁ ଜାନୁଆରୀ ୨୬କୁ ସ୍ୱାଧୀନତା ସଂଗ୍ରାମ କାଳରେ ସ୍ୱାଧୀନତା ଦିବସ ଭାବେ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ସମ୍ବିଧାନ ପ୍ରଣୟନ ସଭାରେ ଆମ ପବିତ୍ର ସମ୍ବିଧାନ ୧୯୪୯ ନଭେମ୍ବର ୨୬ ତାରିଖରେ ଗୃହୀତ ହୋଇଥିଲେ ମଧ୍ୟ ଏହା ୧୯୫୦ ଜାନୁଆରୀ ୨୬ରୁ ଲାଗୁ କରିବାକୁ ନିଷ୍ପତ୍ତି ହୋଇଥିଲା । ଅଗଷ୍ଟ ୧୫କୁ ଆମେ ସ୍ୱାଧୀନତା ଦିବସ ଭାବେ ପାଳୁଥିବାବେଳେ ଜାନୁଆରୀ ୨୬କୁ ପାଳୁଛନ୍ତି ଗଣତନ୍ତ୍ର ଦିବସ ଭାବେ । ବସ୍ତୁତଃ ଏ ଦୁଇଟି ଜାତୀୟ ଦିବସ ହେଉଛି ଆମ କଷ୍ଟଲବ୍ଧ ଗଣତନ୍ତ୍ରର ଗଣପର୍ବ ।

ମୋ- ୯୪୩୭୦୧୭୩୯୫
E-mail: prahalladsinha@gmail.com

# ଲୀଳା ପୁରୁଷୋତ୍ତମ ଭଗବାନ ଶ୍ରୀକୃଷ୍ଣ



**ଅନନ୍ତ ଗୋପାଳ ପଣ୍ଡା**

ଯୁଗେ ଯୁଗେ ସୁର,ନର ତଥା ସାଧୁ ସନ୍ଥମାନଙ୍କୁ ଅସୁରମାନଙ୍କ ଉତ୍ପୀଡନରୁ ରକ୍ଷାକରିବା ସହିତ ଧରଣୀବକ୍ଷକୁ ପାପଭାରାରୁ ମୁକ୍ତ କରିବା ସଙ୍ଗେ ସଙ୍ଗେ ଧର୍ମର ଧ୍ୱଜାକୁ ଉଡ୍ଡୀୟମାନ କରିବାପାଇଁ ପ୍ରପଞ୍ଚାତୀତ ଧାମରୁ ପରମାତ୍ମା ପରଂବ୍ରହ୍ମ ସଗୁଣ ସାକାର ରୂପ ଗ୍ରହଣ ପୂର୍ବକ ଏହି ପ୍ରପଞ୍ଚ ବା ଜଗତରେ ହୁଅନ୍ତି ଆବିର୍ଭୂତ । ଗୋଲକଧାମ ପରିତ୍ୟାଗ କରି ଭୂଲୋକରେ ପ୍ରକଟିତ ହେବାକୁ କୁହାଯାଏ ଅବତାର । ସେହିପରି ଶ୍ୱେତବରାହ କଳ୍ପରେ ବୈବସ୍ୱତ ମନୁଙ୍କ ଅଷ୍ଟାବିଂଶତତମ ଚତୁର୍ଯୁଗ ମଧ୍ୟରେ ଦ୍ୱାପରଯୁଗର ଅନ୍ତିମ ଭାଗରେ ଏହି ପ୍ରପଞ୍ଚରେ ଅବତୀର୍ଣ୍ଣ ହୋଇଥିଲେ ଭଗବାନ ଶ୍ରୀକୃଷ୍ଣ । ରସରାଜ ରସିକେନ୍ଦ୍ରମଉଳିଙ୍କର ଏହି ମାନବୀୟ ଲୀଳା ଅତୀବ ଆନନ୍ଦମୟ, ରସମୟ, ପ୍ରେମମୟ, ଭାବମୟ, ତତ୍ତ୍ୱମୟ ଓ ଜ୍ଞାନମୟ । ପୂର୍ଣ୍ଣବ୍ରହ୍ମ ସ୍ୱରୂପ ଭାବେ ଅଭିହିତ, ବସୁଦେବଙ୍କ ସୂତ ବାସୁଦେବଙ୍କ ଦ୍ୱାରା ସଂପାଦିତ,ପ୍ରତ୍ୟେକଟି କାର୍ଯ୍ୟ ହେଉଛି ଲୀଳା ପଦବାଚ୍ୟ ଏବଂ ପ୍ରତିଟି କ୍ରିୟା ପୂର୍ଣ୍ଣତାପ୍ରାପ୍ତ ଏବଂ ଅଲୌକିକମୟ । ମହାଭାରତୀୟ ଧର୍ମଦର୍ଶନ, ଓ ଲୀଳା ପ୍ରଖ୍ୟାପନ କ୍ଷେତ୍ରରେ ଷୋଳକଳାଧାରୀ ଶ୍ରୀକୃଷ୍ଣ ହେଉଛନ୍ତି ଜଣେ ଅଦ୍ୱିତୀୟ, ଅତୁଳନୀୟ ତଥା ଲୀଳା ବିଧୃତ ଚରିତ୍ର ।

ଲୀଳାମୟ ଶ୍ରୀକୃଷ୍ଣ ଦେବକୀଙ୍କ ଅଷ୍ଟମ ଗର୍ଭରେ, ଭାଦ୍ରବମାସ କୃଷ୍ଣ ଅଷ୍ଟମୀ ତିଥିରେ, ଆଠଗୋଟି ଉଦ୍ଦେଶ୍ୟକୁ ଚରିତାର୍ଥ କରିବାପାଇଁ ନେଇଥିଲେ ଅବତାର । ଚତୁଃସନକଙ୍କ ଦ୍ୱାରା ଅଭିଶପ୍ତ ଦ୍ୱାରପାଳ ଜୟ ବିଜୟଙ୍କ ଶାପମୋଚନ, ସୁତପା ପ୍ରଜାପତି (ବସୁଦେବ) ଓ ପୃଷ୍ଣି (ଦେବକୀ)ଙ୍କ ମନସ୍କାମନା ପରିପୂର୍ଣ୍ଣ, ତ୍ରେତୟା ଯୁଗରେ ଶ୍ରୀରାମଙ୍କ ରୂପ ସନ୍ଦର୍ଶନରେ ବିମୋହିତ ମୁନିମାନଙ୍କ ଉଦ୍ଦେଶ୍ୟ ସାଧନ, ବାମନଙ୍କ ରୂପ ଦର୍ଶନରେ ବିମୋହିତା ବଳିକନ୍ୟା ରତ୍ନମାଳାର କାମନା ପୂରଣ, ଦ୍ୱାପର ଯୁଗରେ ଧରଣୀର ପାପ ଭାରା ନିବାରଣ, ଚନ୍ଦ୍ରଙ୍କ ଦୁଃଖ ଅପନୋଦନ, ଗିରିରାଜ ଗୋବର୍ଦ୍ଧନଙ୍କ ଇଚ୍ଛାକୁ ସମ୍ମାନ ତଥା ପୁଣ୍ୟତୋୟା ଯମୁନାର ଆକୁଳ ନିବେଦନକୁ ଗ୍ରହଣ ପୂର୍ବକ ଭଗବାନ ଶ୍ରୀକୃଷ୍ଣ ଏକାଧାରରେ ମଥୁରା, ଗୋକୁଳ, ବୃନ୍ଦାବନ ତଥା ଦ୍ୱାରୀକାରେ ମୁଖ୍ୟତଃ ଚାରିଗୋଟି ଲୀଳା ଯଥା- ଜନ୍ମଲୀଳା, ବାତ୍ସଲ୍ୟଲୀଳା, ମାଧୁର୍ଯ୍ୟଲୀଳା, ଏବଂ ଐଶ୍ୱର୍ଯ୍ୟଲୀଳା ପ୍ରଦର୍ଶନ କରିଥିଲେ । ଶ୍ରୀମଦ୍ ଭାଗବତଙ୍କ ପ୍ରଥମ ସ୍କନ୍ଧରେ କୁନ୍ତୀଙ୍କ ସ୍ତବ ମଧ୍ୟରେ ଦୁଇଗୋଟି ଲୀଳାକୁ ପ୍ରାଧାନ୍ୟ ଦିଆଯାଇଅଛି । ଯଥା-

*'କୃଷ୍ଣାୟ ବାସୁଦେବାୟ ଦେବକୀନନ୍ଦନାୟ ଚ,*
*ନନ୍ଦଗୋପ କୁମାରାୟ ଗୋବିନ୍ଦାୟ ନମୋ ନମଃ ।'*

ଅର୍ଥାତ୍ ମଥୁରାରେ ବସୁଦେବ ଓ ଦେବକୀଙ୍କ ପୁତ୍ର ଭାବରେ ଜନ୍ମସମୟରେ ଏବଂ ଦ୍ୱାରୀକାଲୀଳାରେ ପ୍ରଭୁ ଶ୍ରୀକୃଷ୍ଣ ଐଶ୍ୱର୍ଯ୍ୟ ଲୀଳା କରିଛନ୍ତି ପ୍ରଦର୍ଶନ । କିନ୍ତୁ ନନ୍ଦନନ୍ଦନ ଭାବରେ ଗୋକୁଳ ଏବଂ ବୃନ୍ଦାବନରେ ବାତ୍ସଲ୍ୟଲୀଳା ତଥା ମାଧୁର୍ଯ୍ୟଲୀଳା ସଂଗଠିତ କରାଇ ଗୋପୀଗୋପାଳଙ୍କୁ ସେହି ଲୀଳାର ଅମୀୟ ରସ ପାନ କରାଇଛନ୍ତି ।

ଭଗବାନ ଶ୍ରୀକୃଷ୍ଣ ପ୍ରକଟ ପ୍ରାରମ୍ଭରୁ ସ୍ୱଧାମ ଗମନ ପର୍ଯ୍ୟନ୍ତ ବହୁବିଡ଼ମ୍ବନାର ହୋଇଛନ୍ତି ସମ୍ମୁଖୀନ । ଜୀବନର ପ୍ରତିକୂଳ ପରିସ୍ଥିତିରେ ସେ ଭାଙ୍ଗିପଡ଼ିନାହାଁନ୍ତି ବରଂ ତାଙ୍କ ରଙ୍ଗ ଅଧରରେ ସଦାସର୍ବଦା ବିରାଜମାନ କରିଛି ସ୍ମିତ ହାସ୍ୟ ରେଖା । ଜନ୍ମ,ପ୍ରହରୀ ବେଷ୍ଟିତ ବନ୍ଦୀଶାଳାରେ । ତାଙ୍କ ଆଗମନରେ ଜଡ଼ ପାଇଛି ଜୀବନ୍ୟାସ । ଚେତନା ହୋଇଛି ସୁପ୍ତ । ବନ୍ଦୀଶାଳାର ରୁଦ୍ଧଦ୍ୱାର ହୋଇଛି ଉନ୍ମୁକ୍ତ ଏବଂ ଶୃଙ୍ଖଳ ହୋଇଛି ଛିନ୍ନ । ଜାଗ୍ରତ ପ୍ରହରୀ ପ୍ରାପ୍ତ ହୋଇଛନ୍ତି ସୁପ୍ତାବସ୍ଥା । ପ୍ରବଳ ପ୍ରତାପୀ କଂସାସୁରର ଭୟରେ ପ୍ରଭୁ ମାତାପିତାଙ୍କ ସ୍ନେହରୁ ବଞ୍ଚିତ ହୋଇ ବଢ଼ିଛନ୍ତି ଗୋପରେ । ମଥୁରା ତ୍ୟାଗ ସମୟରେ ପଥରୋଧ କରିଛନ୍ତି ଉଗ୍ରସେନ । ଆବର୍ତ୍ତକ, ସଂବର୍ତ୍ତକ, ଦ୍ରୋଣ ଓ ପୁଷ୍କରଙ୍କ ସମ୍ମିଳିତ ପ୍ରଭାବରେ ସୃଷ୍ଟି ହୋଇଛି ମୂଷଳ ଧାରାରେ ବର୍ଷା । ପ୍ରାରମ୍ଭରେ ଯମୁନାର ଉତ୍ତୁଙ୍ଗ ଲହରୀମାଳା କରିଛନ୍ତି ପଥରୋଧ । ଗୋକୁଳରେ ଅବସ୍ଥାନ କାଳରେ ଏନ୍ଥୁଡିର ଅଗ୍ନି ନିର୍ବାପିତ ହେବାପୂର୍ବରୁ ପ୍ରଭୁ ହୋଇଛନ୍ତି ଆକ୍ରମଣର ଶିକାର । ପୁତନା, ଶକଟାସୁର, ତୃଣାବର୍ତ୍ତ,ଅଘାସୁର ଓ ବକାସୁରମାନଙ୍କ ଆକ୍ରମଣର ଶିକାର ହୋଇ ମଧ୍ୟ ପ୍ରଭୁ ତାଙ୍କ ଲୀଳା ପ୍ରଦର୍ଶନ ରଖିଛନ୍ତି ଅବ୍ୟାହତ । ଲବଣୀ ଚୋର ଭାବରେ କାହ୍ନୁ ମଥାରେ ପରିଧାନ କରିଛନ୍ତି କଳଙ୍କର ଟିକା । ଯଶୋଦାମାତାଙ୍କ ଦ୍ୱାରା ଉଦୁଖଳରେ ହୋଇଛନ୍ତି ବନ୍ଧନଯୁକ୍ତ । ସମାଜର ସୁରକ୍ଷା ପାଇଁ କାଳୀୟର ମସ୍ତକରେ କରିଛନ୍ତି ନୃତ୍ୟ । ଗୋପାଙ୍ଗନାମାନଙ୍କୁ ମାୟାମୁକ୍ତ କରିବାପାଇଁ ସାଜିଛନ୍ତି ବସ୍ତ୍ର ଚୋର । ଇନ୍ଦ୍ରଙ୍କ ଗର୍ବକୁ ପ୍ରତିହତ କରିବା ପାଇଁ ସପ୍ତଦିବସ ବ୍ୟାପୀ କନିଷ୍ଠାଙ୍ଗୁଳିରେ ଧାରଣ କରିଛନ୍ତି ଗିରିରାଜ ଗୋବର୍ଦ୍ଧନଙ୍କୁ । ବ୍ରହ୍ମଙ୍କଠାରେ ସନ୍ଦେହ ପ୍ରକଟ କରି ବତ୍ସାହରଣ କରିଥିବା ବ୍ରହ୍ମାଙ୍କର କରିଛନ୍ତି ସନ୍ଦେହ ମୋଚନ । ଯମୁନା ପୁଳିନସ୍ଥ କୁଞ୍ଜକାନନରେ ସମବେତ ଗୋପୀମାନଙ୍କ ମନସ୍କାମନାକୁ ରାସୋତ୍ସବ ମାଧ୍ୟମରେ କରିଛନ୍ତି ଚରିତାର୍ଥ । ଫଳସ୍ୱରୂପ ଭକ୍ତ ପରୀକ୍ଷିତଙ୍କ ମନରେ ସୃଷ୍ଟି ହୋଇଛି ସନ୍ଦେହର ପ୍ରଶ୍ନବାଚୀ । ଯଥା:-

*'ଯା ନାମ ମୁକତି ପସରା, ସେ କିମ୍ପା କଲେ ପରଦାରା ।'*

ମାମୁଁଙ୍କ ଆଜ୍ଞାକୁ ସମ୍ମାନ ଦେବାକୁ ଯାଇ ମାତ୍ର ଏଗାର ବର୍ଷ ବୟସରେ ପାଳିତ ପିତାମାତାଙ୍କ ସ୍ନେହରୁ ବଞ୍ଚିତ ହୋଇ ଗମନ କରିଛନ୍ତ ମଥୁରାପୁରକୁ ।

ମଥୁରା ଆଗମନ କାଳରେ କୁଚକ୍ରୀ ମାତୁଳର ଇଙ୍ଗିତରେ ପ୍ରଭୁ ଶ୍ରୀକୃଷ୍ଣ କୁବଳୟା ହସ୍ତୀ ଓ ଅଷ୍ଟମଲ୍ଲଙ୍କର ଆକ୍ରମଣର ହୋଇଛନ୍ତି ଶିକାର । ମାମୁଁ କଂସଙ୍କ ନିଧନ ପରେ ମଧ୍ୟ ଶାନ୍ତିରେ ମଥୁରା ନଗରୀରେ କରିପାରିନାହାନ୍ତି ଅବସ୍ଥାନ । ଧର୍ମସଂସ୍ଥାପନ ପାଇଁ ଦୂତ ସାଜି ଧୃତରାଷ୍ଟ୍ରଙ୍କୁ ଭିକ୍ଷା କରିଛନ୍ତି ପାଞ୍ଚଗୋଟି ପଡ଼ା ଏବଂ ମହାଭାରତ ଯୁଦ୍ଧରେ ନନ୍ଦିଘୋଷ ରଥରେ ହୋଇଛନ୍ତି ପାର୍ଥଙ୍କ ସାରଥୀ । ଦ୍ୱାରକାର ସିଂହାସନ ପ୍ରତି ଲୋଭାସକ୍ତ ନହୋଇ ବଡ଼ଭାଇଙ୍କୁ କରିଛନ୍ତି ଅଭିଷିକ୍ତ । ସ୍ୟମନ୍ତକମଣି ଅପରହରଣକାରୀ ଭାବେ ମିଥ୍ୟା ଅପପ୍ରଚାରର ହୋଇଛନ୍ତି ସମ୍ମୁଖୀନ । ଉଚ୍ଛୃଙ୍ଖଳ ଆତ୍ମୀୟସ୍ୱଜନମାନଙ୍କ ପତନରେ ପ୍ରଭୁ ଦୁଃଖାନଳରେ ହୋଇନାହାନ୍ତି ଅଭିଭୂତ । ଜୀବନର ଶେଷ ଭାଗରେ ଜରା ଶବରର ଶରାଘାତକୁ ହସି ହସି କରିଛନ୍ତି ବରଣ । ଜୀବନର ପ୍ରତିଟି ପ୍ରତିକୂଳତାକୁ ସହାସ୍ୟ ବଦନରେ କରିଛନ୍ତି ସ୍ୱାଗତ । ଲୀଳା ପୁରୁଷୋତ୍ତମ ଭାବରେ ଜଗତକୁ ଦେଇଛନ୍ତି ଶିକ୍ଷା ।

ରସରାଜ ଶ୍ରୀକୃଷ୍ଣ ଷଡ଼ଐଶ୍ୱର୍ଯ୍ୟ ବା ଷଡ଼ ଭଗ ଯଥା- ଐଶ୍ୱର୍ଯ୍ୟ, ଯଶ,ବଳ,ଜ୍ଞାନ, ଶ୍ରୀ ଓ ବୈରାଗ୍ୟ ଯୁକ୍ତ ହୋଇ ଭଗବାନ ଭାବରେ ହୁଅନ୍ତି ଅଭିହିତ । ଏଥିସହିତ ପ୍ରଭୁ ଶ୍ରୀକୃଷ୍ଣ ଜଗନ୍ନାଥଙ୍କ ପରି ଷୋଳକଳା ମଧ୍ୟ କରିଛନ୍ତି ଧାରଣ । ସେହି କଳାମାନ ହେଲେ ଅମୃତା, ମାନଦା, ପୂଷା, ତୁଷ୍ଟି, ପୁଷ୍ଟି, ରତି, ଧୃତି, ଶଶନୀ, ଚନ୍ଦ୍ରିକା, କାନ୍ତି, ଜ୍ୟୋସ୍ନା,ଶ୍ରୀ ପ୍ରୀତି, ଅଙ୍ଗଦା, ପୂର୍ଣ୍ଣା ଓ ପୂର୍ଣ୍ଣମୃତା । ରୂପଗୋସ୍ୱାମୀଙ୍କ ଭକ୍ତିରସାମୃତସିନ୍ଧୁ ଅନୁଯାୟୀ ପ୍ରଭୁ ଶ୍ରୀକୃଷ୍ଣଙ୍କ ଠାରେ ଚଉଷଠି କଳା ପୂର୍ଣ୍ଣମାତ୍ରାରେ ରହିଛି ବିଦ୍ୟମାନ । ଶେଷ ଚାରିକଳା ଯଥା - ରୂପମାଧୁରୀ, ପ୍ରେମମାଧୁରୀ, ଲୀଳାମାଧୁରୀ ଏବଂ ବେଣୁ ମାଧୁରୀରେ ପ୍ରଭୁ ଶ୍ରୀକୃଷ୍ଣ ବାମନ, ନୃସିଂହ, ରାମ ଏବଂ ପର୍ଶୁରାମଙ୍କୁ ଅତିକ୍ରମ କରିଛନ୍ତି ।

ଷଡ଼ ଐଶ୍ୱର୍ଯ୍ୟ, ଷୋଳ କଳା, ତଥା ଚଉଷଠି କଳାରେ ପରିପୂର୍ଣ୍ଣ ଭଗବାନ ଶ୍ରୀକୃଷ୍ଣ ଅବତାରୀ ଭାବେ ଅଭିହିତ ହେଉଥିଲେ ମଧ୍ୟ ମାନବମାନଙ୍କୁ ସୁଶୃଙ୍ଖଳିତ ପଥରେ ପରିଚାଳିତ କରାଇବା ନିମନ୍ତେ ଗୋଲକରୁ ଅବତରୀ ଆସନ୍ତି ଭୂଲୋକକୁ । ଅର୍ଜୁନର ବିଷାଦକୁ ଗୀତା ଜ୍ଞାନ ପ୍ରଦାନ ମାଧ୍ୟମରେ ଦୂରୀଭୂତ କରିବା ପୂର୍ବକ କଳିହତ ମାନବମାନଙ୍କର ଉଦ୍ଧାର ନିମନ୍ତେ ଭଗବାନ ଶ୍ରୀକୃଷ୍ଣ ପ୍ରତିକୂଳ ପରିସ୍ତିତିରେ ଅନେକ ଦିବ୍ୟଲୀଳା ପ୍ରଦର୍ଶନ କରି ଲୀଳା ପୁରୁଷୋତ୍ତମ ନାମକରଣକୁ ସାର୍ଥକ କରିଛନ୍ତି ।

ଶ୍ରୀକ୍ଷେତ୍ରବିହାର, ଭୁବନେଶ୍ୱର
ମୋ-୯୮୬୧୪୭୦୧୯୮

# ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

## ଅପରେସନ୍....

ସିନ୍ଦୂର ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମ ନିର୍ଭର ଦକ୍ଷତାକୁ ପ୍ରମାଣ କରିଛି। ପହଲଗାମ ଆତଙ୍କୀ ଆକ୍ରମଣର ସଠିକ ଜବାବ ଦିଆଯାଇଛି। ଆତଙ୍କବାଦ ବିରୋଧରେ ଏ ଲଢ଼େଇ ଐତିହାସିକ ଉଦାହରଣ। ପହଲଗାମରେ ନିରିହ ନାଗରିକଙ୍କ ଉପରେ ହୋଇଥିବା ଆକ୍ରମଣ ଭିରୁତା ଓ ଅମାନବିକତା ଅପରେସନ ସିନ୍ଦୁର ଭାରତର ପ୍ରତିରକ୍ଷା ଦକ୍ଷତାକୁ ପ୍ରମାଣ କରିଛି। ଆକାଶ ଓ ବ୍ରହ୍ମସ୍ୱ ଭଳି ମିଶାଇଲ ସଠିକ ଲକ୍ଷ୍ୟ ହାସଲ କରିଛି। ପହଲଗାମ ଆତଙ୍କୀ ଆକ୍ରମଣ ପରେ ହୋଇଥିବା ଅପରେସନ୍ ସିନ୍ଦୂର ଯେଉଁମାନେ ଆମକୁ ବିଭାଜିତ କରିବା ପାଇଁ ସେମାନଙ୍କ ପାଇଁ ଏକ ସଠିକ ଜବାବ। ଭାରତର ଏହି ଭୂମିକାକୁ ସମଗ୍ର ବିଶ୍ୱ ଦେଖିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭର ଭାରତ ମିଶନର ପରୀକ୍ଷା ହୋଇଛି।

ରାଷ୍ଟ୍ରପତି କହିଛନ୍ତି ଯେ, ଅଗଷ୍ଟ ୧୫ ତାରିଖ ଆମ ସାମୂହିକ ସ୍ମୃତିରେ ଗଭୀର ଭାବେ ଅଙ୍କିତ ହୋଇରହିଛି। ଉପନିବେଶ ଶାସନର ଲମ୍ବା ଅବଧି ସମୟର ଆମକୁ ପୂର୍ବ ପୀଢ଼ୀ ଦେଶକୁ ସ୍ୱାଧୀନ କରିବା ଲାଗି ଅନେକ ସ୍ୱପ୍ନ ଦେଖିଥିଲେ। ଦେଶର ପ୍ରତ୍ୟେକ ଭାଗରେ ରହୁଥିବା ପୁରୁଷ, ମହିଳା, ବୟସ୍କ ଓ ଯୁବକ ବିଦେଶୀ ଶାସନର ସିକୁଳି ଫିଟାଇବା ଲାଗି ବ୍ୟାକୁଳ ଥିଲେ। ସେମାନଙ୍କ ସଂଘର୍ଷରେ ନିରାଶ ନୁହେଁ, ବରଂ ବଳଶାଳୀ ଆଶାର ଭାବନା ରହିଥିଲା। ଆସନ୍ତାକାଲି ତିରଙ୍ଗାକୁ ସଲାମ କରିବା ସମୟରେ ଆମେ ସମସ୍ତେ ଦେଶର ସ୍ୱାଧୀନତା ସଂଗ୍ରାମକୁ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା। ଆମ ଦ୍ୱାରା ଗ୍ରହଣ କରାଯାଇଥିବା ସମ୍ବିଧାନର ଆଧାର ଶୀଳା ଉପରେ ଆମ ଗଣତନ୍ତ୍ର ଭବନ ନିର୍ମିତ ହୋଇଛି। ଆମ ପାଇଁ ଆମ ସମ୍ବିଧାନ ଓ ଗଣତନ୍ତ୍ର ସର୍ବୋପରି। ବିଭାଜନ କାରଣରୁ ଭୟାଭହ ହିଂସା ଦେଖିବାକୁ ମିଳିଥିଲା। ଲକ୍ଷ ଲକ୍ଷ ଲୋକଙ୍କୁ ବିସ୍ଥାପିତ ହେବାକୁ ବାଧ କରାଯାଇଥିଲା। ଆଜି ଆମେ ଐତିହାସିକ ତ୍ରୁଟିର ଶିକାର ହୋଇଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛୁ। ଆମ ସମ୍ବିଧାନରେ ୪ଟି ମୂଳବୋଧ ରହିଛି। ଗଣତନ୍ତ୍ରକୁ ସୁଦୃଢ଼ କରି ରଖିବାରେ ୪ ସ୍ତମ୍ଭ ଅଛି। ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ବନ୍ଧୁତା ଏସବୁର ମୂଳ୍ୟ। ସ୍ୱାସ୍ଥ୍ୟସେବା ଓ ଶିକ୍ଷା ସୁବିଧା ସମସ୍ତଙ୍କ ପାଖରେ ପହଞ୍ଚିବା ଦରକାର। ଆର୍ଥିକ କ୍ଷେତ୍ରରେ ଆମର ସଫଳତା ସ୍ପଷ୍ଟ ଭାବେ ଦେଖାଦେଇପାରିବା ମୁଦ୍ରାସ୍ଫୁତିକୁ ନିୟନ୍ତ୍ରଣରେ ରଖାଯାଇଛି। ବହୁ ସଂଖ୍ୟକ ଲୋକଙ୍କୁ ଦାରିଦ୍ରରୁ ମୁକ୍ତ କରାଯାଇଛି। ଜଳ ଜୀବନ ମିଶନ ଅଧିନରେ ଗ୍ରାମାଞ୍ଚଳର ଘରକୁ ନଳକୂପ ପାଣି ଯୋଗାଇବାରେ ପ୍ରଗତି ହୋଇଛି। ଆୟୁଷ୍ମାନ ଭାରତ ଅଧିନରେ ବିଭିନ୍ନ ପଦକ୍ଷେପ ନିଆଯାଇଛି। ୨୦୪୭ ସୁଧା ଭାରତକୁ ବିଶ୍ୱ ଏଆଇ ହବ୍ କରିବାକୁ ଲକ୍ଷ୍ୟ ରଖାଯାଇଛି। ଆମ ସୀମାକୁ ସୁରକ୍ଷା ଦେଉଥିବା ସୈନିକ, ପୋଲିସ୍ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବଳକୁ ମୋର ବିଶେଷ ଧ୍ୟାନ ଦିଆଯାଉଛି। ନ୍ୟାୟପାଳିକ ଓ ପ୍ରଶାସନ ସେବାର ସଦସ୍ୟମାନଙ୍କୁ ଶୁଭକାମନା ଜଣାଯାଇଛି। ବିଦେଶରେ ଥିବା ଭାରତୀୟ ଦୂତବାସରେ କାର୍ଯ୍ୟରତ ଭାରତୀୟ ଅଧିକାରୀ ଏବଂ ପ୍ରବାସୀ ଭାରତୀୟମାନଙ୍କୁ ସ୍ୱାଧୀନତା ଦିବସରେ ହାର୍ଦ୍ଦିକ ଶୁଭକାମନା ଜଣାଉଛି।

## ଭିସୁଟରେ ଡ୍ରେସ୍ କୋଡ ଲାଗୁ

ସମ୍ବଲପୁର,(ସବ୍ୟୁ): ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଗ୍ରହଣ କରାଯାଇଛି। ୭୦ ବର୍ଷର ଇତିହାସରେ ପ୍ରଥମ କରି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଡ୍ରେସ୍ କୋଡ ଜାରି ହୋଇଛି। ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଏହା ଲାଗୁ ହୋଇଛି। ୨୦୨୫-୨୬ବର୍ଷ ପାଇଁ ନାମ ଲେଖାଇଥିବା ସମସ୍ତ ପ୍ରଥମବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଏହା ବାଧ୍ୟତାମୂଳକ ଅଟେ। ତେବେ ସ୍ନାତକୋତ୍ତର ଓ ପିଏଚଡ଼ିକୁ ଛାଡ଼ି ୯୨୦ ଜଣ ଛାତ୍ରଛାତ୍ରୀ ଏହାକୁ ପାଳନ କରିବେ। ସେହିପରି ଚଳିତ ଶିକ୍ଷାବର୍ଷରେ ନୂଆକରି ଆରମ୍ଭ ହେଉଥିବା ବିଟେକ ସେଫଟି ଓ ଫାୟାର ଇଞ୍ଜିନିୟରିଂ, ବାୟୋ ମେଡ଼ିକାଲ ଇଞ୍ଜିନିୟରିଂ ଏବଂ ମେକାନିକାଲ ଓ ସ୍ମାର୍ଟ ମେନୁଫେକଚରିଙ୍ଗ ଛାତ୍ରଛାତ୍ରୀ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଧାର୍ଯ୍ୟ ପୋଷାକ ପରିଧାନ କରିବେ। ଆସନ୍ତା ୧୮ ତାରିଖରୁ ଚଳିତ ଶିକ୍ଷାବର୍ଷର ନବାଗତ ଛାତ୍ରଛାତ୍ରୀ ମାନଙ୍କ ପାଇଁ ରିପୋର୍ଟିଂ ଆରମ୍ଭ ହେବ। ସେହି ଦିନ ଠାରୁ ନୂଆ ଡ୍ରେସ୍ କୋଡ କାର୍ଯ୍ୟକାରୀ ହେବ ବୋଲି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ ଦୀପକ କୁମାର ସାହୁ କହିଛନ୍ତି। ତେବେ ନୂଆୟୁନିଫର୍ମ ତିଆରି କରିବା ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ସମୟ ଦିଆଯିବ। ଛାତ୍ରଛାତ୍ରୀମାନେ ଅଗଷ୍ଟ ୨୦୨୫ ଶେଷ ସୁଦ୍ଧା ସେମାନଙ୍କୟୁନିଫର୍ମ ଯୋଗାଡ କରିବା ସହ ଡ୍ରେସ୍ କୋର୍ଡ ନିୟମ ପାଳନ କରିବେ ବୋଲି କୁହାଯାଇଛି। ଛାତ୍ରମାନେ ଆକାଶୀ ରଙ୍ଗର ସାର୍ଟ ଓ ଫର୍ମାଲ ପ୍ୟାଣ୍ଟ ଓ ଛାତ୍ରୀମାନେ ନେଭି ନୀଳ ରଙ୍ଗର ସାଲଓ୍ୱାର ଓ ପ୍ୟାଣ୍ଟ ପରିଧାନ କରିବେ। ବିଶ୍ୱବିଦ୍ୟାଳୟର ପରୀକ୍ଷାଗାର, ଗବେଷଣାଗାର, ଓ୍ୱାର୍କ ସପରେ ଅଧ୍ୟୟନ ସମୟରେ ସୁରକ୍ଷା ଦୃଷ୍ଟିରୁ ଛାତ୍ରୀ ମାନଙ୍କ ପାଇଁ ଦୁପଟ୍ଟା ବଦଳରେ ନେଭି ନିଳ ରଙ୍ଗର ଓ୍ୱେଷ୍ଟ କୋଟ ଧାର୍ଯ୍ୟ କରାଯାଇଛି। ଜିନ୍ସ ପ୍ୟାଣ୍ଟକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସମାନତା, ନିରପେକ୍ଷତା, ଶୃଙ୍ଖଳା ପାଇଁ ଏହି ଡ୍ରେସ କୋଡ ପ୍ରଯୁର୍ଯ୍ୟ ଅଟେ। ତେବେ ନିର୍ଦ୍ଧାରିତ ଡ୍ରେସ୍ କୋଡ୍ ପାଳନ ନକଲେ ଛାତ୍ରଛାତ୍ରୀମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଖଡଗପୁର ଡିଭିଜନରେ ପେ ଆଣ୍ଡ ୟୁଜ୍ ଟଏଲେଟ ଏବଂ ପାର୍କିଂ ଚୁକ୍ତି ପାଇଁ ଇ-ନିଲାମ ନୋଟିସ୍

ଇ-ନିଲାମ ନୋଟିସ ନଂ. : କେକିପି/ପିଏନୟୁ/୨୦୨୫/୦୮ ତାରିଖ : ୧୩.୦୮.୨୦୨୫ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଓ ପାଇଁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥ ଇ-ଅକ୍ସନ ଆହ୍ୱାନ କରୁଛନ୍ତି : ● ବାରିପଦା ରେଳ ଷ୍ଟେସନ ଠାରେ ଥିବା ନୂଆ ଷ୍ଟେସନ ବିଲଡିଂ ଏବଂ ସାନ୍ତ୍ରାଗାଛି ଠାରେ ଥିବା ଉତ୍ତର ପାର୍ଶ୍ୱ ପୁରୁଣା ବୁକିଂ ଅଫିସ ନିକଟ ଘଟଶିଳା ର ପ୍ଲାଟଫର୍ମ ନଂ.୧ (ଟାଟା ଏଣ୍ଡ), ଖଡଗପୁର ଠାରେ ଥିବା ପ୍ଲାଟଫର୍ମ ନଂ. ୩ ଓ ୪, ସାନ୍ତ୍ରାଗାଛି ଠାରେ ଥିବା ପ୍ଲାଟଫର୍ମ ୬/୭ରେ ବ୍ଲକ-୨ (ଓଏଚଇ ମାଷ୍ଟ ନଂ. ୭/୩୪ବି ନିକଟରେ ଅବସ୍ଥିତ) ଏବଂ ପେ ଆଣ୍ଡ ୟୁଜ୍ ଟଏଲେଟ୍ ବ୍ଲକ ନଂ.୧ (ଓଏଚଇ ମାଷ୍ଟ ନଂ. ୭/୩୮ଏ), ଖଡଗପୁର ସ୍ଥିତ ଦକ୍ଷିଣ ପାର୍ଶ୍ୱ ବୁକିଂ ଅଫିସ ନିକଟରେ ଅବସ୍ଥିତ ସାଧାରଣ ପେ ଆଣ୍ଡ ୟୁଜ୍ ଟଏଲେଟର ପରିଚାଳନା ଓ ରକ୍ଷଣାବେକ୍ଷଣ ଚୁକ୍ତି ୦୩ (ତିନି) ବର୍ଷ ଅବଧି ପାଇଁ । ନିଲାମ କ୍ୟାଟଲଗ ନଂ. : ପିଏନୟୁଟିଓଆଇ-କେକିପି-୨୫-୮, ନିଲାମ ତାରିଖ : ୨୭.୦୮.୨୦୨୫, ନିଲାମ ଆରମ୍ଭ/ ବନ୍ଦ ସମୟ : ୧୧.୦୦ ଓ ୧୨.୨୦ ଘଟିକା ଯଥାକ୍ରମେ ଯାହାକି https://www.ireps.gov.in / ୱେବସାଇଟ୍‌ରେ ସୂଚିତ ହୋଇଅଛି ।

ଇ-ନିଲାମ ନୋଟିସ ନଂ : କମର୍ସିଆଲ/କି-୩୦/୨/ପାର୍କିଂ/ସିପିଆଇଓ/୨୫/୧୧ ତାରିଖ : ୧୪.୦୮.୨୦୨୫ ● ସାଲିମାର ରେଳଷ୍ଟେସନ ଠାରେ ଦୁଇ ଚକିଆ ଇଭି, ତିନି ଚକିଆ ଇଭି ଓ ଚାରି ଚକିଆ ଇଭି ପାଇଁ ଇଭି ଚାର୍ଜିଂ ଓ ପାର୍କିଂ ସୁବିଧାର ସ୍ଥାପନ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ପାର୍କିଂ ଲଟ । ନିଲାମ କ୍ୟାଟଲଗ୍ ନଂ : ଏମଏସଏସ୍-ପାର୍କିଂ-ଇଭିସି, ନିଲାମ ତାରିଖ- ୨୮.୦୮.୨୦୨୫, ନିଲାମ ଆରମ୍ଭ ତାରିଖ : ୧୦.୪୫ ଘଟିକା ଓ ବନ୍ଦ ସମୟ : ୧୧.୧୫ ଘଟିକା ଏବଂ ବାରିପଦା, ଖଡଗପୁର (ଦକ୍ଷିଣ)/୨, ଦେଉଲଟି (ଦକ୍ଷିଣ), ପଶ୍ଚିହାଲ, ପାଂଶକୁରା (ଦକ୍ଷିଣ)/୧ ଏବଂ କଲେଇକୁଣ୍ଡା ଠାରେ ମିଶ୍ରିତ ପାର୍କିଂ ପାଇଁ ପାଂଶକୁରା ଠାରେ ଚାରି ଚକିଆ ଓ ଦୁଇ ଚକିଆ ପାଇଁ ପାର୍କିଂ ଲଟ । ନିଲାମ କ୍ୟାଟଲଗ୍ ନଂ : ପାର୍କିଂ କେକିପି-୨୫-, ନିଲାମ ତାରିଖ : ୨୮.୦୮.୨୦୨୫, ନିଲାମ ଆରମ୍ଭ ସମୟ : ୧୧.୧୫ ଘଟିକା ଓ ବନ୍ଦ ସମୟ : ୧୨.୪୫ ଘଟିକା ଏବଂ ଯାହାକି https://www.ireps.gov.in / ୱେବସାଇଟ୍‌ରେ ସୂଚିତ ହୋଇଅଛି । ଇ-ନିଲାମ ନୋଟିସ୍ ସମ୍ପର୍କରେ ସବିଶେଷ ବିବରଣୀ ଓ ତତ୍‌ସଂକ୍ରାନ୍ତ ସୂଚନା ପାଇଁ ଉପର ସୂଚିତ ୱେବସାଇଟ୍ ଦେଖିବାକୁ ଓ ଏଥିପ୍ରତି ଧ୍ୟାନ ଦେବାକୁ ଆଗ୍ରହୀ ପକ୍ଷ ଓ କଣ୍ଟ୍ରାକ୍ଟରମାନଙ୍କୁ ସୂଚିତ କରାଯାଉଛି । ଅଧିକ ଜାଣିବା ଲାଗି / ଯଦି କିଛି ସ୍ପଷ୍ଟୀକରଣ ଥାଏ ତେବେ ଦୟାପୂର୍ବକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-525) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡଗପୁର

ଦକ୍ଷିଣ ପୂର୍ବ ରେଳବାଇ
ଆମେ ହାସ୍ୟ ସହ ସେବା ପ୍ରଦାନ କରୁଛୁ

### ODISHA GRAMEEN BANK

INFORMATION TECHNOLOGY DEPARTMENT, HEAD OFFICE, GANDAMUNDA, KHANDAGIRI, BHUBANESWAR-751030 (ODISHA)

**Bid Number # GEM/2025/B/6528421** **dated: 13.08.2025**

**Odisha Grameen Bank** invites application for supply, implementation and maintenance of ESB and API Gateway Manager through bidding process from (Government e Marketplace) GeM. For details and application format please visit Bank's website: **www.odishabank.in**

**GENERAL MANAGER**

### REQUIRED

Required telecaller for NBFC and Banking collection agencies, good salary and incentive, preference will be ladies and experience candidates.

**Mob : 9853199221**

**Location : BBSR**

### AFFIDAVIT

I, MOHAMMAD WOIS, S/O- SK FAHIM, resident of At-Kesharpur, P.O-Buxi Bazar, P.S-Mangalabag, Dist- Cuttack, PIN-753001, ODISHA, Declare by this affidavit number-6952, dtd. 02/08/2025 that now onwards I shall be known as SK AWAIS AHMAD for all future purposes.

### AFFIDAVIT

I, MOHAMMAD WOIS, S/O- SK FAHIM, resident of At-Kesharpur, P.O.- Buxi Bazar, P.S.-Mangalabag, Dist- Cuttack, PIN-753001, ODISHA, Declare by this affidavit number - 6952, dtd. 02/08/2025 that now onwards I shall be known as SK AWAIS AHMAD for all future purposes.

### Notice (for Minor)

By virtue of an affidavit sworn before Notary Public Golekh Sahooo, At-Chitalpur, Po-Mandae, Ps-Gondia, Dist-Dhenkanal, Pin-759016 declare that I have changed the name of my son from Sibam Sahoo to Siba Sundar Sahoo. Henceforth, he shall be known as Siba Sundar Sahoo for all purposes.

(Golekh Sahoo)
(Applicant Name)

CAD-1456

idco | ODISHA NEW OPPORTUNITIES

### OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

Tender Call Notice No-BBSR / ELECT-II/E-372/25-26/1984 Dt. 12.08.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Supply, Installation, Testing and Commissioning of BMS System at Odisha Technology Centre, Bhubaneswar

| Procurement Officer | Bid Identification No. | Availability of Tender on-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II,) IDCO, IDCO Tower, Janpath, Bhubaneswar | Bid ID No. BBSR/ELECT-II/ e-30/25-26 | 18.08.2025 at 12.00 Hrs. | 29.08.2025 at 16.00 Hrs. |

Further details can be seen from the e-procurement portal : **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in e-procurement portal as well as in IDCO website.

Sd/- Divisional Head (Elect-II)
IDCO, Bhubaneswar

OIPR : 14003/11/0227/2526

### ପୂର୍ବ ତଟ ରେଳପଥ

ସଂ. MCS/Stores/E-procure/Tender Notice/DOOR FOR TEJAS/265, ତା.07.08.2025ରିଖ

ଟେଣ୍ଡର ସଂ. 92255642

ବିବରଣୀ: TEJAS କୋଚ୍‌ଗୁଡ଼ିକ ନିମନ୍ତେ ସିଙ୍ଗଲ (Single) ଲିଫ୍ ଅଟୋମେଟିକ୍ ସ୍ଲାଇଡିଂ ମୁଖ୍ୟ ପ୍ରବେଶ ଦ୍ୱାର ପ୍ଲଗ୍‌ଡୋର (Plug door) ଇତ୍ୟାଦିର ଯୋଗାଣ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.09.2025 ରିଖ 1500 ଘଟିକାରେ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ।

ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/CRW/ ମଞ୍ଚେଶ୍ୱର, ଭୁବନେଶ୍ୱର

PR-475/Q/25-26

### ଦ.ପୂ. ରେଳପଥ-ଟେଣ୍ଡର

**ବାତିଲ**

ଇ-ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୨୫-୨୬-୪୯, ତାରିଖ. ୨୯.୦୭.୨୦୨୫ ଯାହାକି ସିନିୟର ଡିଭିଜନାଲ ସିଗନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଏହି ଖବରକାଗଜରେ ପୂର୍ବରୁ ପ୍ରକାଶ ପାଇଥିଲା ତାହା ବାତିଲ୍ ହୋଇଗଲା ବୋଲି ବିବେଚନା କରାଯାଇ ପାରେ । (PR-522/C)

### AFFIDAVIT

I, Ruchi Singhania, W/o. Saharsh Lath, resident of Cheruapara, Opposite Railway Water Tank, Po. Modipara, Ps. Town Thana, Dist. Sambalpur, Odisha, Pin-768002 declare by this affidavit No.-6710, dated 13/08/2025 that now onwards I shall be known as RUCHI LATH for all future purposes.

**Sd/- Ruchi Lath**

### AFFIDAVIT

By virtue of an affidavit sworn before Notary Public, Bhubaneswar dated 14/08/2025, I, HARAPRASAD MISRA, resident of 526/1177, Kokila Vihar, Lane 1, Pokkhariput, Bhubaneswar, Dist.: Khordha, Odisha, PIN-751020, have changed my name from Hara Prasad Mishra to HARAPRASAD MISRA. Henceforth, I shall be known as **HARAPRASAD MISRA** for all purposes

### OFFICE OF THE PRINCIPAL PANCHAYAT SAMITI DEGREE COLLEGE, MURIBAHAL, BALANGIR

E-mail-degreecollegemuribahal@gmail.com Ph : 06655-272007 Mob :-9438283147

**Tender Notice**

Sealed quotations are invited from the intending registered Suppliers/Dealers /forms having valid GST registration/Tax clearance certificate of last three years. Pan card for supply of a laboratory equipment and furniture of reputed brand to be purchased under Government Grant. Interested bidders may submit their quotation by Registered post/Speed post only within 7days of publication quotation received incomplete or after scheduled date and time shall be summarily rejected. The details of items, specifications. Terms and conditions can be obtained from the college during working hours. Interested bidders may get details of terms and conditions from college. The undersigned reserves the right to accept/reject or cancel any or all quotation without assigning any reasons thereof.

**Sd/- Principal**
**P.S. Degree College**
**Muribahal**

### GOVERNMENT OF ODISHA, "e" PROCUREMENT NOTICE
### OFFICE OF THE SUPERINTENDING ENGINEER. KHARIAR (R&B) DIVISION, KHARIAR.

E-mail : eeroads.khr@rediffmail.com

B-379

**E-Procurement Notice-10**

**No. 4006 Date 05.08.2025**

**Invitation For Bids**

**Bid Identification No. SER&BKHR-10/2025-26**

| | | |
|---|---|---|
| 1 | The Superintending Engineer, Khariar (R&B) Division"khariar on behalf of Govemor of Odisha, inites percentage rate bids in Single Cover system in ONLINE MODE only. | |
| 2 | Nature of work | Road work- Cow catcher & Drain. Wearing coat, SDBC, GSB. WMM. |
| 3 | No. of work | 03 No. works. |
| 4 | Tender Paper cost | As specified in the notice for the respective Work, to be remit online only. |
| 5 | Class of Contractor | As specified in the notice for the respective Work. |
| 6 | Availability or Bid Documents in the website | 10.00 hours of 21.08.2025 to 17.00 Hours of 30.08.2025 |
| 7 | Date of opening of Technical Bid | Dt. 02.09.2025 at 11:00 hours |
| 8 | EMD/Bid Security | As specified in the notice to be remitted on line only. |
| 9 | The Bidders shall have to participate in ONLINE bidding only. Further details can be seen from the website: **https://www.tendeersodisha.gov.in.** Any addendum / corrigendum / cancellation of tender can also be-- seen in the said website. The authority reserves the right to reject any or all-bids without assigning any reason thereof. | |

Sd/- Superintending Engineer
Khariar (R&B) Division, Khariar

OIPR : 34062/11/0034/2526

### GOVT. OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION-I, KEONJHAR

Tel. 06766-258094 (O)
Mail : eerwl_kjr@yahoo.com

O-595

**"e" Procurement Notice for Road Works**

**Identification No Online NCB-03/2025-26**

1. Name of the Work : 1 No. Building Work
2. Total Number of Work : 1 No.
3. Estimated Cost : Rs. 90.40 Lakhs
4. Class of Contractor : "B" Class
5. Period of Completion : As per annexure of e-Procurement Notice No. 03 of 2025-26
6. Other Details :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of Seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Keonjhar | Building Online NCB No. 03 | Dt.19.08.2025 at 11.00 A.M. | Dt. 30.08.2025 up to 5.00 P.M. | Dt. 29.08.2025 up to 5.00 P.M. | Dt. 01.09.2025 at 11.00 A.M. | Will be intimated later |

Further details can be seen from the Website **www.tendersodisha.gov.in**

OIPR : 25110/11/0019/2526 Sd/- Executive Engineer R.W. Division-I, Keonjhar

### GOVT. OF ODISHA : OFFICE OF THE CONSTRUCTION ENGINEER RURAL WORKS CIRCLE : SUNDARGARH

O-562

**Bid Identification No. Online-PMGSY/RWCCESNG-06 of 2025-26**

Letter No. 1926 // Date : 07.08.2025 Email ID : serw_sundargarh@gmail.com

1. Name of the work : Repair and Maintenance of Rural roads under PMGSY roads.
2. Total No of Packages : 05 Nos.
3. Estimated Cost of individual package : Rs. 87.49 lakh to 335.72 lakh
4. Period of Completion : 05 (Five) years (IR Part -90 Ninety days)
5. Other details :

| Procurement Officer | Bid Identification No. | No. of Packages | Availability of tender On-line for bidding | | Date & Time of Technical Bid opening | Date & Time of Financial Bid opening |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | PMGSY/ RWCCESNG-06 of 2025-26 | 05 Nos. | 18.08.2025 at 11.00 A.M. | 01.09.2025 upto 5.00 P.M. | 02.09.2025 at 11.00 A.M. | Will be intimated separately |

● Further details can be seen from the website : **www.pmgsytenders.gov.in**

Sd/- Chief Construction Engineer
Rural Works Circle, Sundargarh

OIPR : 25133/11/0059/2526

### GOVERNMENT OF ODISHA, "e"-PROCUREMENT NOTICE
### OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA WORKS DEPARTMENT

**Tender call Notice**

B-357

E-mail: rbcirclekhurda@gmail.com

**Bid Identification No. CCE-Khordha (R&B) Circle-07/2025-26 Memo No -2075 Dt. 29.07.2025**

The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Buildings works as detailed in the table below:

1. Nature of Work : Building Work
2. No of Work : 1 No
3. Tender Cost : Rs.10000.00 (On-Line)
4. Class of Contractor : A & B Class
5. Available of Bid document in the Website : From 10.00 AM of Dt.18.08.2025 up to 05.00 PM of Dt.02.09.2025 up to 5.00 PM
6. Date of opening of Bid : Dt 03.09.2025 at 11.30 AM
7. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Chief Construction Engineer
Khordha (R&B) Circle, Khordha

OIPR : 34127/11/0047/2526

### WORKS DEPARTMENT : OFFICE OF THE SUPERINTENDING ENGINEER, RAIRANGPUR (R&B), DIVISION

e-mail: - eerbrairangpur@yahoo.co.in

B-367

**Government of Odisha "e" Procurement Notice**

**Bid Identification No.SE 17 OF 2025-26**

1. Nature of work : Building Work
2. Number of works : 12 (Twelve)
3. Amount put to Tender : Rs. 77,80,000,00 to 64,34,200.00
4. Class of Contractor B Class
5. Date & Time of availability of bid document in the portal : Dt. 18.08.2025 at 10:00 AM
6. Last Date / Time of receipt of bid in the portal : Dt. 29.08.2025 up to 04:00 PM
7. Date of opening of bid : - Dt. 30.08.2025 at 11:00 AM
8. Name & address of the Office inviting bid : Superintending Engineer, Rairangpur (R&B)Division
9. The bidders have to participate in ONLINE bidding only Further details can be seen from the e-procurement portal **"http// tendersodisha.gov.in."** All future corrigendum will be available on ONLINE mode only.

Sd/- Superintending Engineer
Rairangpur (R&B) Division

OIPR : 34041/11/0011/2526

### GOVERNMENT OF ODISHA : OFFICE OF THE SUPERINTENDING ENGINEER, SUNDARGARH (R&B) DIVISION, SUNDARGARH

E-mail ID:pwd_sng@yahoo.co.in

ଓଡ଼ିଶା ସରକାର

B-396

**"e"-Procurement Notice**

**Bid Identification N0-SE-R&B-SNG-O8 OF 2025-26.**

Letter No.4777/ Date: 12.08.2025

| | | | |
|---|---|---|---|
| 1. | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution of Electrical & Building Works as detailed in DTCN. | | |
| 2. | Nature of Work | : | Electrical & Building Works |
| 3. | No. of work. | : | 02 (Two) Nos |
| 4. | Tender Cost | : | Rs.4000/- & Rs. 6000/- |
| 5. | Class of Contractor | : | MV with OEM (Original Equipment Manufacturer) Authorization and 'C' & 'B' |
| 6. | Availability of bid document in the website | : | From 10:00 A.M. Date-:18.08.2025 to 05:00 P.M Date-28.08.2025 |
| 7. | Date of opening of Bid | : | 11:00 A.M. on Dt.29.08.2025 |
| 8. | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum /corrigendum / cancellation of tender can also be seen in the said website only. | | |

Sd/- Superintending Engineer
Sundargarh (R&B) Division

OIPR : 34043/11/0042/2526

CAD-1464

### NOTICE INVITING TENDER
### Office of Chief CSO/ CSO-cum-District Managers Odisha State Civil Supplies Corporation Ltd.

**District BARGARH**

Tender No. for Level-H Transport Contractor for the Block/ULB & Level-I Transport Contractor for the biennial 2025-27:

1. Rajborasambar Block & Padampur NAC -3491/13.08.2025
2. Gaisilet Block- 3492/13.08.2025
3. Level-I Transport Contractor-3493/13.08.2025

District Manager, Odisha State Civil Supplies Corporation Ltd., Bargarh invites tender in Double Cover System through ONLINE MODE ONLY on e-procurement portal www.tendersodisha.gov.in for the works below.

| | | |
|---|---|---|
| 1 | Name of the Work | Selection and Appointment of Level-II Transport Contractors for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS) and Level-I Transport Contractor for transportation of Wheat from FCI to RRC-cum-DSCs in Bargarh District for the biennial 2025-27. |
| 2 | Availability of tender documents in the portal | From Dt. 15.08.2025 onwards |
| 3 | Last date & time for receipt of complete Tender Documents in the portal | Dt.21.08.2025 Up to 5:00 PM |
| 4 | Date & time for opening of Technical Bid | Dt.22.08.2025 at 10:30 AM for Level-II Transport Contractors at 11:00 AM for Level-I Transport Contractor |
| 5 | Name & address of the Officer Inviting Tender | District Manager, OSCSC Ltd., Bargarh |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov,in and www.bargarh.nic.in. Amendments /corrigendum/cancellation/re-tenders etc. if any shall be published only in above websites.

Sd/- Chief CSO-cum-District Manager
OSCSC Ltd.,Bargarh

OIPR : 07036/11/0010/2526

### DISTRICT PROJECT OFFICE, SAMAGRA SHIKSHA KEONJHAR

ସମଗ୍ର ଶିକ୍ଷା ସମଗ୍ର ଶିକ୍ଷା Samagra Shiksha

PWD road. In front of Govt Press. Keonjhar-758001
Ph. No-06766 254103. Fax-256420
Email Id: dpckeonjharssa.opepa@nic.in

**Advertisement**

**No. 2793 /PLG Date : 14.08.25**

Applications are invited from the eligible candidates in the proscribed format for the post of Warden, Accountant. Part Time Teacher (Mathmatics & Science). Part Time Teacher (English) and Part Time Teacher (Sanskrit/Hindi) against the vacancies in Netajee Subhas Chandra Bose Abasiya Vidyalayas (NSCBAV) of the district. This engagement is purely on contractual and temporary in nature and is renewable after 11 months subject to satisfactory performance.The complete application form, along with all relevant documents must be sent by Registered Post/ Speed Post only to the District Project Coordinator, Samagra shiksha, Keonjhar-758001. The application should be enclosed in a sealed envelope subscribed as. "APPLICATION FOR THE POST OF____________ (Name of tho Post) IN NSCBAV _______(Name of the NSCBAV)". Last date for submission of application is 15.09.2025 (up to 5:PM). Applications received after the due date or by any other mode will be summarily rejected. Detailed educational qualifications, vacancy details, eligibility criteria, application format, required documents and other informations are available on the notice board of the District Project Office. Samagra Shiksha. Keonjhar and the district website: **www.kendujhar.odisha.gov.in**. The undersigned reserves the right to modify or cancel the advertisement partially or fully without assigning any reason thereof. Applicants are advised to visit above website regularly for further notifications, corrigendum and updates.

By order of the Collector-cum-Chairman,
Samagra Shiksha, Keonjhar

Sd/- District Education Officer-cum-DPC,
Samagra Shiksha, Keonjhar

OIPR : 27120/11/0011/2526

### OFFICE OF THE CONSERVATOR OF FORESTS & STATE SILVICULTURIST, BHUBANESWAR

e-mail ID- state.silviculturist@odisha.gov.in

MM-159

**QUOTATION CALL NOTICE**

**No. 01 OF 2025-26**

Quotations are hereby invited to reach by (Speed Post/ Registered Post/ Courier / by hand) from intending authorized dealers/ suppliers in accordance with the Finance Department, Govt, of Odisha, Office Order No. 1492-FIN-COD-MISC-0008-2017/F dated 13.01.2021, for supply of 01 No. Pulverizer Machine for this office. The quotations must be submitted in sealed cover from dt.19.08.2025 to 30.08.2025 and shall be opened on 02.09.2025 at 11.30 AM in the presence of the bidders & the purchase committee of this office. The authority has reserved the right to cancel or modify or accept any or all quotations without assigning any reason thereof.

The supply shall conform to the following **Minimum Technical Specifications:** -

| Sl. No. | Parameters | Specification |
|---|---|---|
| 1. | Motor | 10 Hp to 15 Hp |
| 2. | Voltage | Single phase/ Double phase |
| 3. | Rpm | 1440 |
| 4. | Production Capacity (per hour) | 40kg to 50 kg |
| 5. | Body material | Stainless steel |
| 6. | Feeding container capacity | 20kg to 30 kg |
| 7. | Raw Material feeding size | 1mm to 30 mm |

**Additional Mandatory Terms and Conditions for Technical Bid Qualification :**

1. Payment will be made only after submission of the Installation Certificate, countersigned by the Assistant Conservator of Forests, O/o the Conservator of Forests & State Silviculturist, Bhubaneswar.
2. The scope of supply includes installation and commissioning at the designated office location, with GST charges included in the bid.
3. The following documents must be submitted with the Technical Bid:
   - Copy of GST Return
   - Income Tax Return for Assessment Year 2024-25
   - Copies of PAN Card and GST Registration
4. The OEM (Original Equipment Manufacturer) must have a Local Service Centre and a Registered Office preferably in Odisha so that AMC can be facilitated.
5. Authorization to the bidder must be verified by the OEM Local Manager, and shall be verified by this office during technical evaluation.
6. Non-compliance with any of the above terms and conditions will lead to rejection of the bid.

Conservator of Forests &
State Silviculturist, Bhubaneswar

OIPR : 08161/11/0003/2526

## ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ସାପ କାମୁଡ଼ାରେ ୪ ମୃତ

# ଘଷିପୁରାରେ ମା'ପୁଅ, ପାତ୍ରପୁରରେ ମାଈଁ-ଭାଣିଜୀ

କେନ୍ଦୁଝର/ବ୍ରହ୍ମପୁର, (ସ୍ୱପ୍ର/ସବ୍ୟୁ): ଗୁରୁବାର ରାଜ୍ୟର ଦୁଇ ଜିଲ୍ଲାରେ ପୃଥକପୃଥକ ସ୍ଥାନରେ ସାପ କାମୁଡ଼ାରେ ୪ ଜଣଙ୍କର ମୃତ୍ୟୁ ଘଟିଛି। କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ରାଧିକାଦେଇପୁରରେ ବୁଧବାର ରାତିରେ ସାପ କାମୁ ଜଣେ ମାଆ-ପୁଅଙ୍କର ମୃତ୍ୟୁ ଘଟିଛି। ମୃତ ମାଆ ଜେମା ମୁଣ୍ଡା(୩୨)ଓ ତାଙ୍କ ପୁଅ ାଁ ଗଣେଶ ମୁଣ୍ଡା(୮) ବୋଲି ଜଣାଯାଇଛି। ।ଜେମାଙ୍କ ସ୍ୱାମୀ ସୁନୀଲ ମୁଣ୍ଡା କହିଛନ୍ତି, ରାତିରେ ଖାଇସାରିବା ପରେ ଆମେ ସମସ୍ତେ ଶୋଇବାକୁ ଯାଇଥିଲୁ। ରାତି ଗୋଟାଏରେ ସେମାନଙ୍କର ପେଟ ବଥା ହେବା ସହ ବାନ୍ତି ହୋଇଥିଲା। ସେମାନଙ୍କୁ ବାଇକରେ କେଶଦୁରାପାଲ ଡାକ୍ତରଖାନାକୁ ନେଇଥିଲି। ସେ ଇଞ୍ଜେକ୍ସନ ଦେଇ କେନ୍ଦୁଝର ଡାକ୍ତରଖାନାକୁ ନେଇଯିବାକୁ କହିଥିଲେ। ଆମ୍ବୁଲାନ୍ସ ନଥିବାରୁ କେନ୍ଦୁଝର ଭାର କରି ଆନନ୍ଦପୁର ଡାକ୍ତରଖାନାକୁ ଯାଇଥିଲୁ। ସେତେବେଳକୁ ମାଆପୁଅଙ୍କ ମୃତ୍ୟୁ ହୋଇସାରିଥିଲା। ସେଠାରେ ଡାକ୍ତର କହିଲେ ଯେ ସେମାନଙ୍କୁ ସାପ କାମୁଡ଼ି ଥିଲା। ସେହିପରି ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକର ଦୁର୍ଗମ ବୁରାତାଲ ପଞ୍ଚାୟତର ବିଲୁଗାଁରେ ବୁଧବାର ରାତିରେ ସାପ କାମୁ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଉଛନ୍ତି ଦମୟନ୍ତୀ ଶବର ଓ ଲିମି କାର୍ଜୀ। ସେମାନେ ସଂପର୍କରେ ମାଈଁ-ଭାଣିଜୀ। ଲିମି ତାଳବା ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢୁଥିଲେ।ରାତିରେ ଶୋଇଥିବା ବେଳେ ସେମାନଙ୍କୁ ସାପ କାମୁ ଥିଲା। ଏହା ଜଣାପଡ଼ିବା ପରେ ସେମାନଙ୍କୁ ଡାକ୍ତରଖାନା ନେବା ପାଇଁ ବ୍ୟବସ୍ଥା କରାଯାଉଥିବା ବେଳେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ସକାଳେ ଉଭୟଙ୍କ ମୃତଦେହକୁ ଭାର ଯୋଗେ ଗାଁରୁ ପାହା ରାସ୍ତାରେ ତିନି କିଲୋମିଟର ଦୂର ବାତରା ସାହିକୁ ନିଆଯାଇଥିଲା। ପାହା ତଳେ ଥିବା ବାତରା ସାହିରେ ମୃତଦେହ ଦୁଇଟି ପହଞ୍ଚିବା ପରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ନିଆଯାଇଥିଲା ବ୍ୟବଚ୍ଛେଦ ପାଇଁ। ଦୁହିଁଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

## ନାବାଳିକାର ସନ୍ଦେହଜନକ ମୃତ୍ୟୁ : ହତ୍ୟା ଅଭିଯୋଗ

# ବାପା, ସାବତ ମା' ଙ୍କୁ ଗିରଫ ଦାବି କରି ଥାନା ଆଗରେ ପ୍ରକୃତ ମା'ର ଧାରଣା

ନିମାପଡା,(ସବ୍ୟୁ): ନିମାପଡା ଏନଏସି ଅନ୍ତର୍ଗତ ଅଣ୍ଡିଆସାହି ଗ୍ରାମର ଏକ ଭଡା ଘରେ ଜଣେ ୧୪ ବର୍ଷିଆ ନାବାଳିକା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ନାବାଳିକାର ପିତା ଥାନାରେ ଅଭିଯୋଗ କରିଥିବା ବେଳେ ତେବେ ମୃତାର ପ୍ରକୃତ ମା' ମୋ ଝିଅକୁ ସାବତ ମା',ବାପା,ବଡ ବାପା,ବଡ ମା ମିଶି ହତ୍ୟା କରିଥିବା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଝିଅକୁ ହତ୍ୟା କରିଥିବା ବାପା,ସାବତ ମା' ଙ୍କୁ ଗିରଫ ଦାବୀ କରି ନା ବାଳିକାର ପ୍ରକୃତ ମା' ଆଜି ନିମାପଡା ଥାନା ସମ୍ମୁଖରେ ଧାରଣା ଦେଇଥିଲେ । ପ୍ରକାଶ ଯେ, ନିମାପଡା ବ୍ଲକ ଅନ୍ତର୍ଗତ ଗଡତୋରିହଁ ଗ୍ରାମର ମାନସ ପ୍ରଧାନ,ଦିତ୍ୱୀୟ ପତ୍ନୀ ଓ ନାବାଳିକା ଝିଅ ସ୍ଥାନୀୟ ଅଣ୍ଡିଆସାହି ଗ୍ରାମରେ ଏକ ଭଡା ଘର କରି ରହିଆସୁଥିଲେ । ଗତ ବୁଧବାର ସକାଳେ ନା ବାଳିକା ଭଡା ଘର ଆଜବେଷ୍ଟସ ଓରାରେ ବେକରେ ଓଢଣି ବାନ୍ଧି ଝୁଲି ପଡିଥିଲେ । ସେହି ସମୟରେ ପିତା ଓ ମାତା ଘରେ କେହି ନଥିଲେ । ଆସି ଦେଖନ୍ତି ଝିଅ ଝୁଲି ରହିଛି । ନା ବାଳିକାକୁ ଉଦ୍ଧାର କରି ନିମାପଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ତେବେ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ । ଝିଅ ଆତ୍ମହତ୍ୟା କରିଛି ବୋଲି ପିତା ମାନସ ଥାନାରେ ଏକ ଅଭିଯୋଗ କରିବାରୁ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ



ପଠାଇଥିଲା । କିନ୍ତୁ ବୁଧବାର ରାତ୍ରରେ ଝିଅର ପ୍ରକୃତ ମା ସତ୍ୟଭାମା ପ୍ରଧାନ ନିମାପଡା ଥାନାରେ ପହଂଚି ଝିଅକୁ ତାର ପିତା,ସାବତ ମା',ବଡ ବାପା,ବଡ ମା' ମିଶି ମାରିଦେଇଥିବା ନେଇ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି । ଝିଅର ପିତା,ସାବତ ମା,ବଡ ବାପା ,ବଡ ମା ୪ ଜଣଙ୍କ ନାଁରେ ପୁଲିସ ହତ୍ୟା ମାମଲା ଦାୟର କରି ତଦନ୍ତ ଚଳାଇଛି । ପ୍ରକାଶ ଯେ, ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ ବିବାଦ କାରଣରୁ ସତ୍ୟଭାମା ୪ ବର୍ଷ ହେବ ନିଜ ବାପଘର କୋଣାର୍କରେ ରହି ଆସୁଛନ୍ତି । ମାନସ ପୁଣି ଦ୍ୱିତୀୟ ବିବାହ କରିଥିଲେ । ନାବାଳିକା ଜନ୍ମ କଲା ମା ସତ୍ୟଭାମାଙ୍କ ପାଖରେ ରହୁଥିଲା । ତେବେ ଝିଅର ପାଠପଢା ଏବଂ ଖାଇବାକୁ ଦେବାରେ ଅସମର୍ଥ ହେବାରୁ ଝିଅର ପିତା ମାନସ ଝିଅକୁ ନେଇ ଆସି ନିଜ ପାଖରେ ରଖିଥିଲେ । କିଛି ଦିନ ହେବ ଅଣ୍ଡିଆ ସାହିର ଏକ ଭଡା ଘରେ ପିତା ଓ ସାବତ ମାଙ୍କ ସହିତ ନାବାଳିକା ରହୁଥିଲା । ନାବାଳିକାର ଏହି ସନ୍ଦେହ ଜନକ ମୃତ୍ୟୁର ରହସ୍ୟପୁଲିସ କେବେ ଖୋଲୁଛି ସମସ୍ତଙ୍କ ନଜର ରହିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ବାମଦେବ ସ୍ୱାଇଁ ତାଙ୍କୁ ବୁଝାସୁଝା କରିବା ପରେ ସେ ଧାରଣାରୁ ନିବୃତ ହୋଇଥିଲେ ।

# ସାଇବର ଠକେଇ : ଆସାମୀକୁ ୩ ବର୍ଷ ଜେଲ

ସୋର,(ସବ୍ୟୁ): ସାଇବର ଠକେଇ ମାମଲା ଆସାମୀକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କଲେ ସୋର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ମାନ୍ୟବର ରାଜେଶ କୁମାର ଦାସ। ୨୦୨୩ ମସିହା ଏପ୍ରିଲ ମାସ ୩ ତାରିଖରେ ଖଇରା ଗୋବିନ୍ଦ ଜୀଉ ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ପ୍ରଦୀପ ବେହେରାଙ୍କୁ ୩ ଏପ୍ରିଲ ୨୦୨୩ରେ ଏକ ଅଜଣା ନମ୍ବରରୁ ଫୋନ କରି ବ୍ଲକ ଅଧିକାରୀଙ୍କ ପରିଚୟ ଦେଇ ବିଦ୍ୟାଳୟ ସାନିଟାଇଜେସନ ବାବଦକୁ ୪୦ ହଜାର ଟଙ୍କା ଆସଛି। ଷ୍ଟେଟ ବ୍ୟାଙ୍କର ୟୋନୋ ଆପ ଖୋଲିଲେ ଟଙ୍କା ଯିବ ବୋଲି କହିଥିଲେ। ଶିକ୍ଷକ ଜଣଙ୍କ ୟୋନୋ ଆପ ଖୋଲିବା ପରେ ତାଙ୍କ ବ୍ୟାଙ୍କ ଖାତାରୁ ସଙ୍ଗେ ସଙ୍ଗେ ୨୦ ହଜାର ଟଙ୍କା କଟିଯାଇଥିଲା। ଆସିଥିବା ଫୋନ ନମ୍ବରକୁ ଫୋନ କରିବାରୁ ତାହା ସୁଇଚ ଅଫ ଥିବା ଜାଣିବା ପରେ ଶ୍ରୀପାଠି ସାଇବର ଥାନାରେ ୫ ଏପ୍ରିଲ ୨୩ ରେ ଏକ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ମୂଳେ ପୋଲିସ ୪୪୫/୨୩ ମୂଳେ ମାମଲା ରୁଜୁ କରି ତଦନ୍ତ କରିବା ସହ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅଞ୍ଚଳର ପରକୁଳା ଗ୍ରାମର ଜିତେନ୍ଦ୍ର ସାହୁ (୩୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲା ବିଚାର କରି ସୋର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ରାଜେଶ କୁମାର ଦାସ ୩ ବର୍ଷ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିବା ସହ ୩ ହଜାର ଟଙ୍କା ଜରିମାନା କରିଛନ୍ତି । ଯଦି ଜରିମାନା ଅନାଦେୟ ହୁଏ ତେବେ ଅତିରିକ୍ତ ଏକ ମାସ ଦଣ୍ଡ ବିଧାନ କରିଛନ୍ତି। ଉକ୍ତ ମାମଲା କୁ ସରକାରୀ ଓକିଲ ଚକ୍ରଧର ବେହେରା ପରିଚାଳନା କରିଥିଲେ।

## ମାଛ ଚାଷ ପାଇଁ ଗାଁ ପୋଖରୀ ମହିଳା ଗୋଷ୍ଠୀଙ୍କ ନିଲାମ ଦାବି

# ଗୁଣ୍ଡା ଆଣି ହତ୍ୟା ଧମକ ଅଭିଯୋଗ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗାଁରେଇ ପଞ୍ଚାୟତ ଫଟାମୁଣ୍ଡା ଗ୍ରାମରେ ଥିବା ୩ଟି ପୋଖରୀକୁ ମାଛଚାଷ ପାଇଁ ନିଜ ଗ୍ରାମର ହିଁ ଏକ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନିଲାମ ଦାବୀ ନେଇ ୧୫ଟି ଗୋଷ୍ଠୀ ଜିଲ୍ଲାପାଳ ଓ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପଞ୍ଚାୟତରେ ଅନୁଷ୍ଠିତ ନିଲାମ ଡାକ ବେଳେ କେତେକ ବାହାର ଅଞ୍ଚଳର ଗୁଣ୍ଡା ଶ୍ରେଣୀୟ ବ୍ୟକ୍ତି ମହିଳା ଗୋଷ୍ଠୀଙ୍କ ସହ ଗଣ୍ଡଗୋଳ କରି ହତ୍ୟା ଧମକ ଦେଇଥିବାରୁ ଗୋଷ୍ଠୀ ପକ୍ଷରୁ ଥାନାରେ ଏତଲା ହୋଇଛି। ଫଟାମୁଣ୍ଡା ଗ୍ରାମରେ ଥିବା ନୂଆଁବନ୍ଧ,କଦଳୀମୁଣ୍ଡା ଓ ସୁଣ୍ଡିମୁଣ୍ଡା ପୋଖରୀକୁ ମାଛଚାଷ ପାଇଁ ନିଲାମରେ ଆଣିବା ନିମନ୍ତେ ଗ୍ରାମର ୧୫ଟି ମହିଳାଗୋଷ୍ଠୀ ପଞ୍ଚାୟତରେ ଅନୁଷ୍ଠିତ ନିଲାମରେ ଭାଗ ନେଇଥିଲେ। ନିଜ ଗ୍ରାମରେ ଥିବା ୧୫ଟିରୁ ଗୋଟିଏ ଗୋଷ୍ଠୀ ନାମରେ ନିଲାମ ଡାକ ଆଣିବାକୁ ସେମାନେ ଯାଇଥିଲେ। କିନ୍ତୁ ଗ୍ରାମର ଦିଗବଲ ବେହେରା ଓ ଗଣ୍ଡିଧନ ବେହେରା ପାଖ ଅସୁରମୁଣ୍ଡା ଗ୍ରାମର ମା ସନ୍ତୋଷୀ ମହିଳା ଗୋଷ୍ଠୀର ସଭାନେତ୍ରୀ ଓ ସମ୍ପାଦିକାଙ୍କ ସହ ବହୁ ଗୁଣ୍ଡାଶ୍ରେଣୀୟ ଯୁବକଙ୍କୁ ଆଣି ନିଲାମ ନେବା ପାଇଁ ଚକ୍ରାନ୍ତ କରିଥିଲେ। ବୁଧବାର ପଞ୍ଚାୟତରେ ଅନୁଷ୍ଠିତ ନିଲାମରେ ଭାଗ ନେବାକୁ ୧୫ଟି ମହିଳା ଗୋଷ୍ଠୀ ଯାଇଥିଲେ। ସେମାନଙ୍କୁ ଗ୍ରାମର ଉଭୟଙ୍କ ସହ ବଙ୍ଗୋମୁଣ୍ଡାର ୨ଜଣ, ହଳଦୀର ଜଣେ ଓ ଗାଁରେଇ ଗ୍ରାମର ୨ଜଣ ଅସାମାଜିକ ମାଛ ବେପାରୀ ଦଲାଲ ଅନ୍ୟ ବହୁ ଗୁଣ୍ଡା ଶ୍ରେଣୀୟ ଯୁବକଙ୍କୁ ଆଣି ଗଣ୍ଡଗୋଳ କରିଥିଲେ। ମହିଳା ଗୋଷ୍ଠୀ ସଦସ୍ୟାଙ୍କୁ ଅତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତୁମକୁ ଓ ତୁମ ସ୍ୱାମୀମାନଙ୍କୁ ବଙ୍ଗୋମୁଣ୍ଡା,ହଳଦୀ,ଗାଁରେଇ ଗଲେ ଜୀବନରୁ ମାରିଦେବୁ ବୋଲି ଧମକଚମକ ଦେଇଥିଲେ। ଫଳରେ ପଞ୍ଚାୟତରେ ଅନୁଷ୍ଠିତ ହେବାକୁ ଥିବା ନିଲାମ ଡାକକୁ ପ୍ରଶାସନ ପକ୍ଷରୁ ବାତିଲ କରାଯାଇଥିଲା। ଗୁରୁବାର ଗ୍ରାମର ସମସ୍ତ ୧୫ଟି ମହିଳା ଗୋଷ୍ଠୀ ଓ ଗ୍ରାମବାସୀ ପ୍ରଥମେ ବିଡ଼ିଓ ବାସନ୍ତୀ ସେଠୀଙ୍କୁ ଦାବିପତ୍ର ପ୍ରଦାନ କରି ନିଜ ଗାଁର ମହିଳା ଗୋଷ୍ଠୀଙ୍କୁ ନିଲାମ ଦାବୀ କରିଥିଲେ। ବିଡ଼ିଓ ଶ୍ରୀମତୀ ସେଠୀ ଆଉ ଏକ ତାରିଖ ଧାର୍ଯ୍ୟ କରାଯାଇ ନିଲାମ ଡାକ କରାଯିବ ବୋଲି ମହିଳା ଗୋଷ୍ଠୀଙ୍କୁ ବୁଝାଇଥିଲେ। ପରେ ଥାନାରେ ୧୫ଟି ଗୋଷ୍ଠୀ ପକ୍ଷରୁ ପାଟମେଶ୍ୱରୀ ଗୋଷ୍ଠୀ ସମ୍ପାଦିକା କଳାବତୀ ବାଗ ଗଣ୍ଡଗୋଳ ଓ ହତ୍ୟା ଧମକକାରୀଙ୍କ ନାମରେ ଏତଲା ଦେଇଥିଲେ। ଅଭିଯୋଗ ସମ୍ପର୍କରେ ତଦନ୍ତ କରାଯିବ ବୋଲି ଥାନା ଆଇଆଇସି ସନାତନ ସାହୁ ପ୍ରକାଶ କରିଥିଲେ । ପରେ ୧୫ଟି ମହିଳା ଗୋଷ୍ଠୀ ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟକୁ ଯାଇ ଜିଲ୍ଲାପାଳ ଓ ଏସପିଙ୍କୁ ଦାବିପତ୍ର ଦେଇ ମହିଳା ଗୋଷ୍ଠୀଙ୍କୁ ନିଲାମ ଦେବା ସହ ସୁରକ୍ଷା ଦାବୀ କରିଥିଲେ। ଗ୍ରାମର ହିଁ ଏକ ମହିଳା ଏସଏଚଜିକୁ ପୋଖରୀ ନିଲାମ ଦିଆଯିବ ବୋଲି ଉଭୟ ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ବେଳେ ଗ୍ରାମର ପାଟମେଶ୍ୱରୀ ଗୋଷ୍ଠୀ ସଭାନେତ୍ରୀ ରୋଶନୀ ରଣା,ସିଆରପି ପାଲନ୍ଦ୍ରୀ ଭଇଁସାଲ,ପଦ୍ମିନୀ ମାହାକୁର,ଶିବାନୀ କେତକୀ,ଶାନ୍ତି ଠେଲା,ଜନନୀ ବାଗଙ୍କ ସହ ସମସ୍ତ ୧୫ଟି ମହିଳା ଗୋଷ୍ଠୀର ସଭାନେତ୍ରୀ,ସମ୍ପାଦିକା,ସଭ୍ୟା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ମଦ ଜବତ, ୩ ଗିରଫ

ବାଲୁଗାଁ ,(ସବ୍ୟୁ):ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଗୁରୁବାର ପୃଥକ ଭାବେ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ୨୨୭ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି । ଏହି ବେଆଇନ କାରବାରରେ ସମ୍ପୃକ୍ତ ୩ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି । ଗଞ୍ଜାମ ଜିଲ୍ଲା ଖଜୁରୀ ସାହି ଗ୍ରାମର ବିଶ୍ୱନାଥ ଶବର ଏବଂ ଅଭି ଶବର ଉଭୟ ହରିପୁର ଏବଂ ଦଣ୍ଡିଗଡ଼ିଆ ଛକରେ ମଦ ବିକ୍ରି କରୁଥିବା ବେଳେ ସେମାନଙ୍କ ଠାରୁ ୨୦୭ଲିଟର ଏବଂ ନାଚୁଣୀ ନିକଟ ସଲାପଡ଼ିହ ଅଞ୍ଚଳରୁ ବାସୁଦେବ ଭୋଳଙ୍କ ଠାରୁ ୨୦ ଲିଟର ମଦ ଜବତ ହୋଇଛି । ବିଭାଗୀୟ କେସ ନଂ ୧୧୧,୧୧୨ଏବଂ ୧୧୩/୨୫ ରେ ତିନୋଟି ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏ ଏସ ଆଇ ମୀନକେତନ ମହାଳିକ, ରଞ୍ଜିତ ପଟେଲ, ସୁନିତା ମହାରଣା ଏବଂ କାଳୁ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ।

# ପୃଥକ୍ ଦୁର୍ଘଟଣା : ୩ ଗୁରୁତର

ନିମାପଡା,(ସବ୍ୟୁ): ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର ଲକ୍ଷ୍ମୀବଜାର ଓ ଗଡ ଅମରପ୍ରସାଦ ଏହି ଦୁଇଟି ସ୍ଥାନରେ ଦୁର୍ଘଟଣା ଘଟି ୩ ଜଣ ଗୁରୁତର ଆହାତ ହୋଇଥିବା ଜଣାପଡିଛି । ପ୍ରକାଶ ଯେ, ଗୁରୁବାର ଅପରାହ୍ନରେ ଚାରିଛକ ଥାନା ତୁଳସୀପୁର ଲକ୍ଷ୍ମୀ ବଜାରରେ ଚାରିଛକ ପଟୁ ଯାଉଥିବା ଏକ କାର ଓଡି ୦୫କେ ୦୫୦୧ ବିପରୀତ ପଟୁ ଆସୁଥିବା ଏକ ବୁଲେଟ ଓଡି୦୨ସିଏକ୍ସ ୦୩୮୬ ସହିତ ମୁହାମୁହିଁ ଧକ୍କା ହୋଇଥିଲା । ଫଳରେ ବୁଲେଟ ଚାଳକ ବେଗୁନିଆ ଥାନା ଅ'ର୍ଗତ ପିତୁକୁଳି ସାନବାଡ ଗ୍ରାମର ସୟ ମହାନ୍ତି(୨୮) ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ତେବେ ସଂୟଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥାନାନ୍ତରିତ କରିଛନ୍ତି। । ସେହିପରି ଗଡ ଅମର ପ୍ରସାଦ ଗ୍ରାମ ନିକଟରେ ଏକ ଯାତ୍ରୀବାହୀ ରାଉତରାଣୀ ବସ ନଂ(ଓଡି୨୧ଜେ ୪୧୩୯) ସହିତ ଏକ ଟାଟା ଏସି ଗାଡି ନଂ (ଓଡି ୦୨ବିୟୁ ୫୫୬୮) ସହ ଧକ୍କା ହୋଇଥିଲା । ବସର ଜଣେ ମହିଳା ଯାତ୍ରୀ ଅଠାନ୍ତର ଅଂଚଳର ବିନୋତୀ ବସ୍ତିଆ (୪୭) ଓ ବସ ହେଲପର କାକଟପୁର ଲତାହରଣ ଗ୍ରାମର ମୃତୁଜା ଖାଁ (୨୮) ଗୁରୁତର ଆହତ ହୋଇଥିଲେ । ସେମାନଙ୍କୁ ପ୍ରଥମେ ଚାରିଛକ ଓ ପରେ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି । ଚାରିଛକ ପୁଲିସ ଦୁର୍ଘଟଣା ଗ୍ରସ୍ତ ଗାଡି ଗୁଡିକୁ ଜବତ କରି ତଦନ୍ତ ଚଳାଇଛି ।

# ଘର ତାଲା ଭାଙ୍ଗି ଚୋରି, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ଘର ତାଲା ଭାଙ୍ଗି ଚୋରି ଅଭିଯୋଗରେ ବୁର୍ଲା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକ ଜଣକ ବରଗଡ ଜିଲ୍ଲା ଭେଡେନ ଥାନା ବସେଇକେଲା ଗ୍ରାମର ମହେଶ କୁମାର ସାହୁ(୨୩) ବୋଲି ଜଣାପଡିଛି । ତାଙ୍କ ଠାରୁ ୨ହଳ ରୂପା ପାଉଁଜି, ୧ହଳ ରୂପା ଚୁଡି ଓ ୨ହଳ ସୁନା କାନଫୁଲ ଜବତ ହୋଇଛି । ଏନେଇ ବୁର୍ଲା ଥାନାରେ ୩୪୮/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅନ୍ତର୍ଗତ ୱାନଆର କଲୋନୀ ନିବାସୀ ଖୁଲଣା ସାହୁ(୩୫)ଙ୍କ ଘରେ ପଶି କେହି ଦୃବୃର୍ତ୍ତ ଗତ ୧୨ତାରିଖରେ ଚୋରି କରିଥିଲା । ଆଲମିରା ଭାଙ୍ଗି ୨ହଳ ରୂପା ପାଉଁଜି, ୧ହଳ ରୂପା ଚୁଡି ଓ ୨ହଳ ସୁନା କାନଫୁଲ ସହ ୧ହଜାର୧୫୦ଟଙ୍କା ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି ।

# ଯୁବତୀଙ୍କୁ ଦୁଷ୍କର୍ମ : ଯୁବକ ଗିରଫ

ସୋର,(ସବ୍ୟୁ): ସୋର ଥାନା ସବିରା ପଞ୍ଚାୟତ ମୁନି ସବିରା ଗ୍ରାମରେ ଜଣେ ଯୁବତୀକୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ସୋର ପୁଲିସ କୋର୍ଟ ଚାଲାଣ କରିଛି ।ସୂଚନା ଅନୁସାରେ ସୋର ଥାନା ସବିରା ପଞ୍ଚାୟତ ମୁନିସବିରା ଗ୍ରାମର ଲିପା ମାଝୀ (୪୫) ସେହି ଗ୍ରାମରେ ଘରେ କେହି ନଥିବାର ସୁଯୋଗ ନେଇ ଜଣେ ଯୁବତୀଙ୍କୁ ଦୁଷ୍କର୍ମ କରିଥିଲା । ଏନେଇ ଯୁବତୀଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ପୁଲିସ ଥାନାରେ କେଶ୍ ନମ୍ବର ୬୪୯/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତକାଲି ରାତିରେ ପୁଲିସ ଲିପାକୁ ଗିରଫ କରିଥିଲା । ଆଜି ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି।

# ହର ଘର ତ୍ରିରଙ୍ଗା ଉପଲକ୍ଷେ ଗଣଦୌଡ଼



ରାୟଗଡା,(ସବ୍ୟୁ): ରାୟଗଡ଼ ଜିଲ୍ଲା ପ୍ରଶାସନ ତରଫରୁ ହର ଘରେ ତ୍ରିରଙ୍ଗା ଅଭିଯାନ ଉପଲକ୍ଷେ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଲିଗୁଡା ନିକଟ ଠାରୁ ବାହାରି କଟଲାଗୁଡା ତରଣୀ ମନ୍ଦିର ପର୍ଯ୍ୟନ୍ତ ଗଣଦୌଡ଼କୁ ରାୟଗଡା ବିଧାୟକ କାଡ୍ରାକା ଆପାଲାସ୍ୱାମି , ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ ରମେଶ କୁମାର ଜେନା ପ୍ରମୁଖ ଯୋଗଦେଇ ଶୁଭାରମ୍ଭ କରିଥିଲେ । ପ୍ରତ୍ୟକ ନାଗରିକଙ୍କ ମଧ୍ୟରେ ଦେଶ ପ୍ରେମ ଜାଗ୍ରତ କରିବା ମୂଳ ଲକ୍ଷ ବୋଲି ବିଧାୟକ କାଡ୍ରାକା କହିଛନ୍ତି। ସେହିପରି ଜିଲ୍ଲାପାଳ କୁଲକର୍ଣ୍ଣି ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ହେଉଛି ସ୍ଥିର ଦେଶପ୍ରେମ ଜାଗ୍ରତ କରିବା, ନାଗରିକ ଗର୍ବକୁ ପ୍ରୋତ୍ସାହିତ କରିବା ଏବଂ ଆମର ଗଣତନ୍ତ୍ର ଏବଂ ସ୍ୱାଧୀନତାର ଏକ ଜୀବନ୍ତ ପ୍ରତୀକ ଭାବରେ ତିରଙ୍ଗାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ବର୍ଗର ଅଂଶଗ୍ରହଣ କରି ପ୍ରାୟ ୪କିମି ଦୂର ଦୌଡ଼ିଥିଲେ । ପୁରୁଷ ବର୍ଗର ଓ ମହିଳା ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବ୍ୟକ୍ତିଙ୍କୁ ସ୍ୱାଧୀନତା ଦିବସ ଦିନ ସ୍ଥାନୀୟ ଅଶୋକ କଲ୍ୟାଣ ମଣ୍ଡପରେ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରସ୍କୃତ କରାଯିବ ।

# ବରିଷ୍ଠ ଓକିଲ ଦେଶବନ୍ଧୁ ପଣ୍ଡାଙ୍କ ପରଲୋକ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲାର ବରିଷ୍ଠ ଓକିଲ ଦେଶବନ୍ଧୁ ପଣ୍ଡା କଲିକତାର ଏକ ଘୋରଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ପ୍ରାଣତ୍ୟାଗ କରିଛନ୍ତି । ସେ ଗତ ୦୪.୦୮.୨୦୨୫ ତାରିଖରୁ ସେଠାରେ ଚିକିତ୍ସିତ ହେଉଥିଲେ । ଶ୍ରୀ ପଣ୍ଡା ୧୯୭୪ ମସିହାରୁ ତାଙ୍କର ଓକିଲାତି ପେଶା ଆରମ୍ଭ କରିଥିଲେ । ୨୦୦୨ ମସିହାରେ ବୌଦ୍ଧ ସିଭିଲ ଓ କ୍ରିମିନାଲ କୋର୍ଟ ଓକିଲ ସଂଘ ଗଠିତ ହେବା ପରେ ସଂଘର ପ୍ରଥମ ସଭାପତି ଭାବେ ସେ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହା ପୂର୍ବରୁ ୧୯୯୫ ମସିହାରେ ଜିଲ୍ଲା ଓକିଲ ସଂଘର ସଭାପତି ଭାବେ ମଧ୍ୟ କାର୍ଯ୍ୟ ତୁଲାଇ ଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବୌଦ୍ଧ ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି । ମୃତ୍ୟୁ ସମୟରେ ତାଙ୍କର ଦୁଇ ପୁଅ ଉପସ୍ଥିତ ଥିଲେ।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

କଣ୍ଟାପଡ଼ା,(ସବ୍ୟୁ): କଣ୍ଟାପଡା ବ୍ଲକ ସ୍ତରୀୟ ଭିମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସ୍ଥାନୀୟ ଅଡଶପୁର ସ୍ଥିତ ପ୍ରାଚୀ ସରକାରୀ ନୋଡାଲ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି ଶିବିରରେ ବହୁ ସଂଖ୍ୟାରେ ବ୍ୟକ୍ତି ଭିନ୍ନକ୍ଷମ ପ୍ରମାଣପତ୍ର ପାଇବା ପାଇଁ ନାମ ପଞ୍ଜିକରଣ କରିଥିଲେ। କାର୍ଯ୍ୟକ୍ରମକୁ ନିଆଳି ବିଧାୟକ ଛବି ମଲ୍ଲିକ ଉଦ୍ଘାଟନ କରିଥିଲେ। ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ପଞ୍ଜିକୃତ ହୋଇଥିବା ବ୍ୟକ୍ତିଙ୍କ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରବଣ ବର୍ଦ୍ଧିତ ୧୬ଜଣ, ମାନସିକ ଅନଗ୍ରସର ୪୭ଜଣ, ଦୃଷ୍ଟି ବାଧିତ ୪୦ଜଣ ,ଶାରିରୀକ ଭିନ୍ନକ୍ଷମ ୪୯ଜଣ, ସ୍ନାୟୁ ବିଭାଗର ୮୭ଜଣ , ଏହିପରି ମୋଟ ୧୮୩ଜଣ ହିତାଧିକାରୀ ପଂଜିକୃତ ହୋଇଥିଲେ ।କଟକ ସ୍ଥିତ ମୁଖ୍ୟ ଚିକିତ୍ସାଳୟର ସମସ୍ତ ବର୍ଗର ବିଶେଷଜ୍ଞ ମାନେ ପଂଜିକୃତ ରୋଗୀମାନଙ୍କୁ ପରୀକ୍ଷା ନିରିକ୍ଷା କରି ରିପୋର୍ଟ ପ୍ରସ୍ତୁତ କରିଥିଲେ ।କାର୍ଯ୍ୟକ୍ରମରେ କଣ୍ଟାପଡା ତହସିଲଦାର ପ୍ରସନ୍ନ କୁମାର ସାମନ୍ତରାୟ,କଟକ ସଦର ଆରକ୍ଷୀ ଅଧିକ୍ଷକ କିରଣ ହେମ୍ବ୍ରମ୍,ବିଡିଓ ସ୍ୱପ୍ନୀତା ନାୟକ,ଏବିଡିଓ ରବି ତପସ୍ୱିନୀ ଦାସ,ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଧନଞ୍ଜୟ ସାମଲ,ଯୋଗାଣ ନିରୀକ୍ଷକ ମୋଚିରାମ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଦାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଓଲଟପୁର ଥାନା ଅଧିକାରୀ କାଦମ୍ବିନୀ ପରୀଡା ନିଜେ ଉପସ୍ଥିତ ରହି କିପରି ଶାନ୍ତିଶୃଙ୍ଖଳା ମଧ୍ୟରେ କାର୍ଯ୍ୟକ୍ରମ ସମାପିତ ହେବ ସେଥିପ୍ରତି ଦୃଷ୍ଟି ରଖିଥିଲେ।

# ଟିଭିଏସ୍ କମ୍ପାନୀର ନୂତନ ଶୋ ରୁମ୍ ଉଦ୍‌ଘାଟିତ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସହରର ଓ.ଟି. ରୋଡ଼ ତାମୁଲିଆ ଓଭର ବ୍ରିଜ୍ ନିକଟରେ ଟିଭିଏସ୍ କମ୍ପାନୀର ନୂତନ ଶୋ ରୁମ୍ ବାଲେଶ୍ୱର ଟିଭିଏସ୍ ସାଇ ଅନଙ୍ଗ ଅଟୋମୋବାଇଲସ୍ ଉଦଘାଟିତ ହୋଇଯାଇଛି । ଟିଭିଏସ୍ ମୋଟର୍ସର ଇଷ୍ଟଜୋନ୍ ରିଜିଓନାଲ ସର୍ଭିସ ମ୍ୟାନେଜର ସମୀର କୁମାର ସିଂହ ଏହି ନୂତନ ଶୋ ରୁମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସେହିପରି ଓଟି ରୋଡ଼ ଠାରେ ଥିବା ଷ୍ଟେଟ ଅଫ୍ ଦି ଆର୍ଟ ୱାର୍କସପ୍କୁ କମ୍ପାନୀର ଏରିଆ ସେଲସ ମ୍ୟାନେଜର ଦୀପକ କୁମାର ମହାପାତ୍ର ଓ ଶୁଭଦୀପ ଗାଙ୍ଗୁଲି ଉଦଘାଟନ କରିଥିଲେ । ଅନୁରୂପ ଭାବେ ଶୋରୁମ ର ପାର୍ଟସ କାଉଂଟରକୁ ଟେରିଟୋରୀ ସେଲସ ମ୍ୟାନେଜର ରବିକାନ୍ତ ଆନନ୍ଦ ଓ ଟେରିଟୋରୀ ସର୍ଭିସ ମ୍ୟାନେଜର ଅସିତ ଦତ୍ତ ଶୁଭାରମ୍ଭ କରିଥିଲେ । ବିଶେଷ କରି ଯୁବବର୍ଗଙ୍କ ମଧ୍ୟରେ ପ୍ରସିଦ୍ଧି ଲାଭ କରିଥିବା ଟିଭିଏସ କମ୍ପାନୀର ବାଇକ୍ ପାଇଁ ଏହି ଶୋରୁମ୍ ଖୋଲିବା ଖୁସିର ବିଷୟ ବୋଲି ଅତିଥି ମାନେ କହିବା ସହ ଏହାର ବ୍ୟବସାୟିକ ସଫଳତା କାମନା କରିଥିଲେ । ବାଲେଶ୍ୱର ଟିଭିଏସ୍ ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଲକ୍ଷ୍ମୀନାରାୟଣ ମହାନ୍ତି ଉଦଘାଟନୀ ଉତ୍ସବରେ ପୌରୋହିତ୍ୟ କରିବା ସହ ନୂତନ ଶୋରୁମ୍ର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ । ବାଲେଶ୍ୱରରେ ଟିଭିଏସ ର ଏହି ନୂତନ



ଶୋରୁମ୍ର ଆଶାନୁରୁପକ ସଫଳତା ନେଇ ସେ ଆଶା ପ୍ରକାଶ କରିଥିଲେ । ଏହାସହ ଗ୍ରାହକଙ୍କ ପାଇଁ ମଧ୍ୟ ଆକର୍ଷଣୀୟ ଅଫର ରହିଛି ବୋଲି ଡକ୍ଟର ମହାନ୍ତି ପ୍ରକାଶ କରିଥିଲେ । କମ୍ପାନୀର ଡିଲର ଡେଭଲପମେଂଟ ଅଫିସର ତରୁଣ କାନ୍ତି ମହାନ୍ତି ଏହି ଉଦଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ଏହି ଅବସରରେ ୨୦ ଜଣ ଗ୍ରାହକଙ୍କୁ ନୂତନ ଗାଡ଼ି ଚାବି ପ୍ରଦାନ କରାଯାଇଥିଲା । ସଦର ବିଧାୟକ ମାନସ କୁମାର ଦତ, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ,ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା ଜ୍ଞାନ ରଞ୍ଜନ ବେହେରା,ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ବାଲେଶ୍ୱର ପୌରଅଧ୍ୟକ୍ଷା ସବିତା ସାହୁ, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଆଲୋକ ସାହୁ, ବିଶିଷ୍ଟ ଶିଳ୍ପପତି ସଞ୍ଜୟ କୁମାର ଦାସ ଙ୍କ ସମେତ ସଞ୍ଜୟ କୁମାର ପାଣି, ଦୈନିକ ସମ୍ବାଦ ପତ୍ର ଆଜିକାଲିର ପ୍ରକାଶକ କିଶୋର ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଉଦଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ । ପୂର୍ବରୁ ଗାଡ଼ି କିଣିଥିବା ସମସ୍ତ ଗ୍ରାହକଙ୍କ ପାଇଁ ଲକି କୁପନ ବ୍ୟବସ୍ଥା କରାଯାଇଥିଲା । ଆଜି ଲକି ଡ୍ର କରାଯାଇ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରଥମ ବିଜେତା ଭାବେ ଦେବେନ୍ଦ୍ର କୁମାର ବେହେରାଙ୍କ ବିଦେଶ ଭ୍ରମଣ ପାଇଁ ଏବଂ ଦ୍ୱିତିୟ ବିଜେତାଙ୍କୁ କେରଳ ବୁଲିଯିବା ଶୋ-ରୁମ୍ ପକ୍ଷରୁ ଟିକେଟ ପ୍ରଦାନ କରାଯାଇଥିଲା । ସେହିପରି ଅନ୍ୟ ୭ଜଣଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା । ଶୋ ରୁମ୍ ନିର୍ଦ୍ଦେଶିକା ରଶ୍ମିତା ମହାନ୍ତି, ନିର୍ଦ୍ଦେଶକ ଦିବ୍ୟଜ୍ୟୋତି ମହାନ୍ତି, ଜ୍ୟୋତିରାଦିତ୍ୟ ମହାନ୍ତିଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଉଦଘାଟନ ପୂର୍ବରୁ ଏକ ବାଇକ୍ ରାଲି ଆୟୋଜିତ ହୋଇଥିଲା ।

# ବିକାଶକୁ ଅଣଦେଖା, ହାତରୁ ଖସିଯିବ ୪ ସୀମାନ୍ତ ଗାଁ

ରାୟଗଡ଼ା,(ସବ୍ୟୁ) : ଆନ୍ଧ୍ର ସୀମାନ୍ତରେ ଥିବା ଓଡ଼ିଶାର ୪ ଖଣ୍ଡ ଗାଁର ସ୍ଥିତି ଅବସ୍ଥିତ ବଦଳି ପାରୁନି। ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଗ୍ରାମବାସୀ ନାହିଁନଥିବା ଅସୁବିଧାରେ ଜୀବନ ବିତାଉଛନ୍ତି। ଯାତାୟାତ ପାଇଁ ନିତିଦିନିଆ ରାସ୍ତା ନାହିଁ। ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନଥିବାରୁ ଝରଣା ଓ ନାଳର ଗୋଳିଆ ପାଣିରେ ମେଣ୍ଟୁଛି ଶୋଷ। ସୀମାନ୍ତ ଗାଁର ବିକାଶକୁ ସରକାର ଫୋକସ୍ କରୁଥିବା ବେଳେ ପ୍ରଶାସନିକ ଅବହେଳା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ପଛରେ ପଡ଼ିଛି ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଗୋଗୁପାଡୁ ପଞ୍ଚାୟତର ଲାଉଗୁଡ଼ା, ବଡ଼ଗୁଡ଼ା, ଖପିରିଗୁଡ଼ା ଓ ଆମ୍ବଗୁଡ଼ା।

ଗୋଗୁପାଡୁ ପଞ୍ଚାୟତର ଲାଉଗୁଡ଼ା, ବଡ଼ଗୁଡ଼ା, ଖପିରିଗୁଡ଼ା ଓ ଆମ୍ବଗୁଡ଼ା ଗ୍ରାମ ଆନ୍ଧ୍ରପ୍ରଦେଶ ପାର୍ବତୀପୁର ମାନ୍ୟମ ଜିଲ୍ଲା ସୀମାନ୍ତରେ ଅବସ୍ଥିତ। ପୂର୍ବରୁ ଏହି ଅଞ୍ଚଳରେ ମାଓବାଦୀଙ୍କ ଚଳ ପ୍ରଚଳ ରହିଥିଲା। ମାଓ ଭୟରେ ସରକାରୀ ବାବୁ କିମ୍ବା କୌଣସି ରାଜନେତାଙ୍କ ପାଦ ଏହି ଅଞ୍ଚଳରେ ପଡୁନଥିଲା। ମାଓ ଭୟ ଦୂର ହେବା ପରେ ଲୋକଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଘଟିଛି। କିନ୍ତୁ ବଦଳି ପାରିନି ଗାଁ ବିକାଶର ଚିତ୍ର। ୪ ଖଣ୍ଡ ଗାଁରେ ୨୦୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସୁଲୁଡ଼ି ଛକରୁ ବଡ଼ଗୁଡ଼ା ଗାଁକୁ ସଂଯୋଗ କରୁଥିବା ରାସ୍ତା ଉପରେ ୪ ଗ୍ରାମବାସୀ ନିର୍ଭର କରୁଛନ୍ତି। ହେଲେ ସାମାନ୍ୟ ବର୍ଷାରେ ରାସ୍ତା କାଦୁଅ ପଚପଚ ହୋଇ ପଡୁଥିବାରୁ ନାହିଁନଥିବା ଅସୁବିଧାର ସମୁଖୀନ ଭୋଗୁଛନ୍ତି ଗ୍ରାମବାସୀ। ଜରୁରୀ ସମୟରେ ଗ୍ରାମକୁ ଆମ୍ବୁଲାନ୍ସ କିମ୍ବା ଅନ୍ୟ କୌଣସି ଗାଡ଼ି ଆସି ପାରୁନି। ଫଳରେ ରୋଗୀ ତଥା ଗର୍ଭବତୀଙ୍କୁ ଖଟିଆରେ ବୋହି ନେବାକୁ ପଡୁଛି। ପକ୍କା ରାସ୍ତା ପାଇଁ ପଞ୍ଚାୟତରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କୁ ଗ୍ରାମବାସୀ ଦାବି ଜଣାଇଛନ୍ତି। ଅଥଚ ସୁଫଳ ମିଳୁନି। ବିଶୁଦ୍ଧ ପାନୀୟ ଜଳ ପାଇଁ ଗ୍ରାମରେ ଥିବା ନଳକୂପ ଏକ ମାତ୍ର ଭରସା। ନଳକୂପ ଅଚଳ ହେଲେ ଝରଣା ଓ ନାଳର ଦୂଷିତ ପାଣି ବ୍ୟବହାର କରିବାକୁ ବାଧ ହେଉଛନ୍ତି ଗ୍ରାମବାସୀ। ଜୀବନ ଜୀବିକାଠୁ ଆରମ୍ଭ କରି ପ୍ରାୟ ସମସ୍ତ କ୍ଷେତ୍ରରେ ଗ୍ରାମବାସୀ ଆନ୍ଧ୍ର ଉପରେ ନିର୍ଭରଶୀଳ ଥିବାରୁ କେତେବେଳେ ଆନ୍ଧ୍ର ଆଧିପତ୍ୟ ଜାରି କରିବ ତାହା କହିହେବ ନାହିଁ। ରାମନାଗୁଡ଼ା ବିଡ଼ିଓ ପ୍ରଦ୍ୟୁମ୍ନ ମଣ୍ଡଳ କହିଛନ୍ତି, ସୀମାନ୍ତବର୍ତ୍ତୀ ଅଞ୍ଚଳଗୁଡ଼ିକ ଉପରେ ଜିଲ୍ଲା ପ୍ରଶାସନର ଫୋକସ ରହିଛି। ଖୁବ୍‌ଶୀଘ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା ନିର୍ମାଣ ଆରମ୍ଭ ହେବ। ମୌଳିକ ସୁବିଧା ସୁଯୋଗ ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ତେବେ ବିକାଶ ସ୍ରୋତରେ ସାମିଲ ହେବା ପାଇଁ ଦଶନ୍ଧି ଦଶନ୍ଧି ଧରି ଗ୍ରାମବାସୀଙ୍କୁ କେବଳ ପ୍ରତିଶ୍ରୁତିରେ ସନ୍ତୁଷ୍ଟ ହେବାକୁ ପଡୁଥିବାରୁ ଆଉ କେତେ ସମୟ ଦରକାର ବୋଲି ପ୍ରଶ୍ନ କରିଛନ୍ତି ବଡ଼ଗୁଡ଼ା ଗ୍ରାମର ଟୁନା ବିଡ଼ିକା, ହରପ୍ରିୟା ନିମାଲା, ଜୟନ୍ତୀ ଶବର, ଶିବ ବିଡ଼ିକା, ଲାଉଗୁଡ଼ା ଗ୍ରାମର ଜସ୍ମିନ୍ ଶବର। ଜୀବନ ଜୀବିକା ପାଇଁ ଆନ୍ଧ୍ର ଉପରେ ନିର୍ଭରଶୀଳ।

# ଆନନ୍ଦପୁର କଲେଜରେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ




ଆନନ୍ଦପୁର ,(ସବ୍ୟୁ): ଆନନ୍ଦପୁର ମହାବିଦ୍ୟାଳୟ (କଲେଜ)ରେ ହର ଘର ତ୍ରିରଙ୍ଗା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ବିରାଟ ଶୋଭାଯାତ୍ରାକୁ ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ନାରାୟଣ ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ଏହି ଶୋଭାଯାତ୍ରା ମହାବିଦ୍ୟାଳୟ ପରିସର ରୁ ବାହାରି ଶ୍ରୀଶ୍ରୀ ଦଧିବାମନ ଜୀଉ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା।ଏଥିରେ ଶତାଧିକ ଛାତ୍ର ଛାତ୍ରୀ ଯୋଗ ଦେଇ ଥିଲେ । ଆନନ୍ଦପୁର ଥାନା କର୍ମଚାରୀ ଥାନା ଅଧିକାରୀ ଫନିନ୍ଦ୍ର ଭୂଷଣ ନାୟକଙ୍କ ନେତୃତ୍ୱ ରେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।ଏହି ଶୋଭାଯାତ୍ରାରେ,ଅଧକ୍ଷ ଡକ୍ଟର ନାରାୟଣ ମିଶ୍ର,ଡକ୍ଟର ନିମାଇଁ ଚରଣ ରାଉତ,ଡକ୍ଟର ଶକ୍ତି ପ୍ରସାଦ ମହାପାତ୍ର,ପ୍ରଫୁଲ୍ଲ କୁମାର ପଣ୍ଡା,ରତିକାନ୍ତ ଦାସ,ଡକ୍ଟର ବଶିଷ୍ଠ କୁମାର ବେହେରା,କାହ୍ନୁ ଚରଣ ଜେନା,ପ୍ରକାଶ କୁମାର ସାହୁ,ସୁବ୍ରତ କୁମାର ପରିଡ଼ା,ସୁବ୍ରତ କୁମାର ସାହାଣୀ,ସଂଘମିତ୍ରା ରାଉତ,ସବୀନା ଆର ବେଗମ, ସ୍ରିଲେଖା ସାହୁ,ଅନିତା ଦାସ,ଭାରତୀ ସାହୁ, ଓଜେଲ ପଟ୍ଟନାୟକ,ନରେଶ ସାହା,ଦେବାଶିଷ ଆଚାର୍ଯ୍ୟ,ବିଶ୍ୱରଂଜନ ସାହୁ ଦେବବ୍ରତ ରାମ,ବିଶ୍ୱଜି ରାଉତ, ପୂର୍ଣାନନ୍ଦ ପାର୍ଥସାରଥୀ ଶଙ୍ଖୁଆ,ମଧୁସ୍ମିତା ସାହୁ,ମିତାଶ୍ରି ବେହେରା,ପ୍ରଦୀପ କୁମାର ପୂର୍ତ୍ତି ତଥା ଅଧାପକ,ଅଧାପିକା ଓ କର୍ମ ଚାରି ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ.

# ସ୍କୁଲରେ ତାଲା ପକାଇଲେ ଗ୍ରାମବାସୀ : ବଦଳିଲେ ପ୍ରଧାନଶିକ୍ଷକ



ଠାକୁରମୁଣ୍ଡା,(ସବ୍ୟୁ): ଠାକୁରମୁଣ୍ଡା ବ୍ଲକ ଅଖାପଲାଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସେନାପତିଙ୍କ ମନୋମୁଖୀ କାର୍ଯ୍ୟ ଏବଂ ସରକାରୀ ଅର୍ଥ ନିଜ କାମରେ ବ୍ୟବହାର କରୁଥିବା ଅଭିଯୋଗ ଆଣି ତୁରନ୍ତ ବଦଳି ଦାବିରେ ସ୍କୁଲରେ ତାଲା ପକାଇଲେ । ବଦଳି ଆଦେଶ ନମିଳିବା ପର୍ଯ୍ୟନ୍ତ ଗ୍ରାମବାସୀ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଜିଦ ଧରି ବସିଲେ । ସ୍କୁଲରେ ବିଇଓ କୁଞ୍ଜବିହାରୀ ପ୍ରଧାନ ଏବଂ ବିଡ଼ିଓ ସପ୍ନେଶର ବେହେରା ପ୍ରମୁଖ ପହଞ୍ଚି ଲୋକଙ୍କ ସହିତ ଆଲୋଚନା କରିଥିଲେ । ସରକାରୀ ଅର୍ଥ ନିଜେ ବ୍ୟବହାର କରୁଥିବା, ମାଧାନ୍ନ ଭୋଜନ ନିମ୍ନ ମାନର ଦେବା ସହିତ ଉପସ୍ଥାନ ଠାରୁ ଅଧିକ ଦେଖାଇବା, ପରିବେଶ ସଫା ନରଖିବା, ସ୍କୁଲ ଶୌଚାଳୟ ତାଲା ମାରି ରଖିବା ସହିତ ଲୋକଙ୍କୁ ଖରାପ ବ୍ୟବହାର କରିବା ଅଭିଯୋଗ ଆଣିଥିଲେ । ଅଭିଯୋଗ ସଠିକ ଥିବାରୁ ବିଇଓ ସେଠାରେ ଥାଇ ବଦଳି ଆଦେଶ ପ୍ରକାଶ କରିଥିଲେ । ସଙ୍ଗେ ସଙ୍ଗେ ପ୍ରଧାନ ଶିକ୍ଷକ ସୁଶାନ୍ତଙ୍କୁ ରିଲିଭ କରାଯାଇ ଢ଼ଙ୍ଗାଡିହା ସ୍କୁଲକୁ ପଠାଯାଇଥିଲା । ବଦଳି ଆଦେଶ ପ୍ରକାଶ ପାଇବା ଏବଂ ରିଲିଭ କରାଯିବା ପରେ ଲୋକେ ଆନ୍ଦୋଳନରୁ ଓହରିଥିଲେ।

# ଶହୀଦ ସଂଗ୍ରାମୀଙ୍କ ତ୍ୟାଗ ପ୍ରତି ଆମେ କୃତଜ୍ଞ-କୃଷ୍ଣଚନ୍ଦ୍ର

ଅସୁରାଳି,(ସବ୍ୟୁ): ଦେଶ ମାତୃକାର ମୁକ୍ତି ଯୁଦ୍ଧରେ ଆତ୍ମ ବଳିଦାନ ଦେଇଥିବା ସଂଗ୍ରାମୀମାନଙ୍କର ତ୍ୟାଗର ତୁଳନା ନାହିଁ। ଯାହା ଅବର୍ଣ୍ଣନୀୟ। ସଂଗ୍ରାମୀ ମାନଙ୍କ ନିକଟରେ ସମସ୍ତ ଭାରତୀୟ କୃତଜ୍ଞ ବୋଲି ଐତିହାସିକ ଲୁଣିଆ ଗୁଳିକାଣ୍ଡର ସ୍ମାରକୀ ପୀଠ ଧାମନଗର ବ୍ଲକର ସହିଦନଗର ଠାରେ ମୁଖ୍ୟ ଅତିଥି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼ାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ମତବ୍ୟକ୍ତ କରିଛନ୍ତି। । ଏହି ପରିପ୍ରେକ୍ଷୀରେ ସେ ଲୁଣିଆ ଗୁଳିକାଣ୍ଡରେ ଶହୀଦ ହୋଇଥିବା ୯ଜଣ ଦେଶପ୍ରେମୀଙ୍କ ଦାୟାଦଙ୍କୁ ସମ୍ମାନିତ କରିଥିଲେ। ଶହୀଦ ସ୍ମୃତି ରକ୍ଷା କମିଟିର ଉପସଭାପତି ସାମ୍ବାଦିକ ବୈକୁଣ୍ଠ ନାଥ ସାହୁ ପୂଜ୍ୟପୂଜା ଉତ୍ସବ ସଭାକୁ ସଂଯୋଜନା କରିଥିଲେ। ଭଦ୍ରକ ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା,ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ,ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ,ବରିଷ୍ଠ ନେତା ବଦ୍ରୀନାରାୟଣ ଧଳ,ଚର୍ତୃଭୂଜ ନାୟକ,ରଘୁନାଥ ଲେଙ୍କା,ରଘୁନାଥ ପାତ୍ର,ପ୍ରାକ୍ତନ ଜିଲ୍ଲା ପରିଷଦ ଉମାମଣି ସାହୁ,ପ୍ରାକ୍ତନ ସରପଂଚ ଅଞ୍ଜନା ଲେଙ୍କା,ଶହୀଦମଣ୍ଡଳ ସଭାପତି ରାଜେନ୍ଦ୍ର ସାହୁ,ଗ୍ରାମୀଣମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ,ମୁକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ ସୂତାର,ସରପଂଚ ସଞ୍ଜୀବ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶହୀଦ ସ୍ମୃତି ରକ୍ଷା କମିଟିର ସାଧାରଣ ସମ୍ପାଦକ ଗୟାଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସମୂହ ଛୁଟିରେ ଜିଲ୍ଲାର ୧୬୧ ରାଜସ୍ୱ ଅମଲା କର୍ମଚାରୀ

ଭଦ୍ରକ,(ସବ୍ୟୁ): ଜିଲ୍ଲା ପ୍ରଶାସନ ଓ ରାଜସ୍ୱ ମନ୍ତ୍ରୀଙ୍କ ତାଗିଦ୍ ସତ୍ତ୍ୱେ ୯ଦଫା ଦାବିରେ ସମୂହ ଛୁଟିରେ ରାଜସ୍ୱ ଅମଲା କର୍ମଚାରୀ। ଭଦ୍ରକ ଜିଲ୍ଲାରେ ସମୁଦାୟ ୧୬୧ଜଣ ରାଜସ୍ୱ ଅମଲା କର୍ମଚାରୀ ସମୂହ ଛୁଟି ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆନ୍ଦୋଳନରେ ବସିଛନ୍ତି। ଗତକାଲି ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ରାଜସ୍ୱ ଅମଲା କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ଯଥା ଶୀଘ୍ର କାର୍ଯ୍ୟରେ ଯୋଗ ଦେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଯୋଗା ନଦେଲେ ଦରମା କାଟ,ସର୍ଭିସ୍ ବୁକରେ ବ୍ରେକ ସର୍ଭିସ୍ ସହ ଡିଶିପ୍ଲିନାରୀ ଆକ୍ସନ ହେବ ବୋଲି ନିର୍ଦ୍ଦେଶ ରହିଛି। କିନ୍ତୁ ରାଜସ୍ୱ ଅମଲା ସଂଘ ଏବେ ଛୁଟିରେ ରହିଛନ୍ତି। ରାଜସ୍ୱ ଅମଲା ସଙ୍ଘ ଭଦ୍ରକ ଶାଖାର ଜିଲ୍ଲା ସମ୍ପାଦକ କହିଛନ୍ତି ଯେ ଦାବି ହାସଲ ପର୍ଯ୍ୟନ୍ତ ଆନ୍ଦୋଳନ ଓ ସମୂହ ଛୁଟି ଜାରି ରହିବ।

# ଭୁଲ ଇଞ୍ଜେକ୍ସନ ଦେଇ ରୋଗୀ ମୃତ୍ୟୁ ଅଭିଯୋଗ, ଶବରଖି ଧାରଣା

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭୁଲ ଇଞ୍ଜେକ୍ସନ ଦେଇଥିବାରୁ ରୋଗୀ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଏହାର କାର୍ଯ୍ୟାନୁଷ୍ଠାନ ଦାବିରେ ମେଡିକାଲରେ ଶବ ରଖି ଗୁରୁବାର ଧାରଣା ଦିଆଯାଇଛି। ବୁଧବାର ସନ୍ଧ୍ୟା ୬.୨୦ମି. ସମୟରେ ଡାହାଲା ପୁରିପଡା ଗ୍ରାମର ଅଶୋକ ରାଉତଙ୍କ ପତ୍ନୀ ବିନୋଦିନୀ(୨୯)ଙ୍କୁ ପେଟକାଟିବା ରୋଗର ଚିକିତ୍ସା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡ୍ୟୁଟିରେ ଥିବା ଡାକ୍ତର ୩ଟି ଇଞ୍ଜେକ୍ସନ ଦେଇଥିଲେ। ଏହାପରେ ରୋଗୀର ବାନ୍ତି ହୋଇଥିଲା। ଅବସ୍ଥାକୁ ଦେଖି ଡାକ୍ତର ତାଙ୍କୁ ଯାଜପୁର ମେଡିକାଲ କଲେଜକୁ ରେଫର କରିଦେଇଥିଲେ। ସେଠାରେ ଡାକ୍ତର ରୋଗୀକୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ମୃତକଙ୍କ ସ୍ୱାମୀ ଅଶୋକ ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ବ୍ୟବଚ୍ଛେଦ ପରେ ଶବକୁ ଧରି ସମ୍ପର୍କୀୟମାନେ ମେଡିକାଲରେ ଧାରଣା ଦେଇ ଭୁଲ ଇଞ୍ଜେକ୍ସନ ଦେଇଥିବା ଡାକ୍ତରଙ୍କୁ ଗିରଫ କରାଯିବା ଓ ମୃତକଙ୍କ ପୁତ୍ର ଥଇଥାନ ପାଇଁ ପ୍ରଶାସନିକ ସହଯୋଗ ଦାବି କରିଥିଲେ। ଉପଖଣ୍ଡ ପୁଲିସ ଅଧିକାରୀ ତ୍ରିଲୋଚନ ସେଠୀ,ଥାନାଧିକାରୀ କମଳାକାନ୍ତ ଦାସ ଓ ବିଡିଓ ଦେବଦତ୍ତ ଦାସ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରୁଥିବା ଜଣାଯାଇଛି।

## ୨୩ ହଜାର ତ୍ରିରଙ୍ଗା ଦେଲେ ମହିଳା ଗୋଷ୍ଠୀ

ଖଇରା,(ସବ୍ୟୁ): ଖଇରା ବ୍ଲକର ୮ ମହିଳା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ତ୍ରିରଙ୍ଗା ବ୍ଲକ ପ୍ରଶାସନକୁ ହସ୍ତାନ୍ତର କରାଯିବା ପରେ ପ୍ରଶାସନ ଏହାକୁ ୩୭ଟି ପଞ୍ଚାୟତରେ ବଣ୍ଟନ କରିଛି। ବ୍ଲକ ସ୍ତରୀୟ ମହିଳା ମହାସଂଘର ତତ୍ତ୍ୱାବଧାନରେ ବିଭିନ୍ନ ମହିଳାଗୋଷ୍ଠୀଙ୍କ ମାଧ୍ୟମରେ ୫ଦିନ ମଧ୍ୟରେ ୨୩ ହଜାର ୨ଶହ ତ୍ରିରଙ୍ଗା ପ୍ରସ୍ତୁତ କରିଥିଲେ । ଗୁରୁବାର ମହିଳା ମହାସଂଘର ସଭାପତି ସୁମିତ୍ରା ମହାପାତ୍ର,ସମ୍ପାଦିକା ସୁକାନ୍ତି ନାୟକ,କୋଷାଧକ୍ଷ ଝରଣା ସେଠୀ ବିଡିଓ ନାରାୟଣ ସାହୁ ଓ ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁଙ୍କୁ ଏହି ପତାକା ହସ୍ତାନ୍ତର କରିଥିଲେ । ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ସଂଯୋଜକ ସୁଚିସ୍ମିତା ପରିଡା,ବିପିଏମ ପିତବାସ ବିଶ୍ୱାଳ,ସିଡିପିଓ ଉର୍ମିଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ୬୫୦ ଫୁଟର ବିଶାଳ ତ୍ରିରଙ୍ଗା ଯାତ୍ରା

ନୀଳଗିର,(ସବ୍ୟୁ): ଗୁରୁବାର ପୂର୍ବାହ୍ନ ନୀଳଗିରିରେ ଏକ ୬୫୦ ଫୁଟର ବିଶାଳ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ଏହି ଯାତ୍ରା ନୀଳଗିରି ବସଷ୍ଟାଣ୍ଡ ଠାରୁ ଠାରୁ ବାହାରି ନୀଳଗିରି ବଜାର ପରିକ୍ରମା କରି ନୀଳଗିରି ଜଗନ୍ନାଥ ମନ୍ଦିର ସମ୍ମୁଖରେ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ପାଖା ପାଖି ୧୫୦୦ ସଂଖ୍ୟାରେ ଛାତ୍ର ଛାତ୍ରୀ , ରାଷ୍ଟ୍ର ପ୍ରେମୀ ଭାଇ ଓ ଭଉଣୀ ମାନେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ନଗର ସଭାପତି ସୂର୍ଯ୍ୟକାନ୍ତ ବିଶ୍ୱାଳ ଓ ଜିଲ୍ଲାପରିଷଦ ସଭ୍ୟା ୧୧ନଂ ସୁବର୍ଣ୍ଣା ମଞ୍ଜରୀ ସିଂ, ୧୨ନଂ ରଞ୍ଜିତା ସିଂ, ୨ନଂ ଉଷାରାଣୀ ରାଉଳ ଓ ୧୩ନଂ ଜିଲ୍ଲାପରିଷଦ ସଦସ୍ୟ ଗତୀକୃଷ୍ଣ ନନ୍ଦ ସହିତ କରୁଣାକର ପଣ୍ଡା, ସମର ଶଙ୍କର କାନୁନଗୋ, ଦେବାଶିଷ ଆଚାର୍ଯ୍ୟ, ଗୋପୀବଲ୍ଲଭ ରାଉତ, ତାପସ ମହାନ୍ତି, ରବି ନାୟକ, ପ୍ରଫୁଲ୍ଲ ଦଳେଇ, ମନରଞ୍ଜନ ବେହେରା, ଯୁବନେତା ଚନ୍ଦ୍ରଶେଖର ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

## କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାନ ପରିଦର୍ଶନ

ନୀଳଗିରି,(ସବ୍ୟୁ): କେନ୍ଦ୍ରୀୟ ବିଦ୍ୟାଳୟ ଜମି ଚିହ୍ନଟ ପାଇଁ ସରକାରଙ୍କ ନିର୍ଦ୍ଦେଶ ପରେ ପ୍ରଶାସନିକ ଅଧିକାରୀଙ୍କ ପରିଦର୍ଶନ। ନୀଳଗିରି ଆଦିବାସୀ ବହୁଳ ଅଞ୍ଚଳରେ ଗାଟିଏ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବହୁ ବାର ଚେଷ୍ଟା କରିଆସୁଥିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ମଧ୍ୟ ଚିଠି ଲେଖିଥିଲେ। ପରେ ନିଳଗିରି ବିଧାୟକ ସନ୍ତୋଷ ଖଟୁଆ ଏନେଇ ରାଜ୍ୟ ସରକାରଙ୍କୁ ଚିଠି ଲେଖିବା ସହ କେନ୍ଦ୍ରୀୟ ବିଦ୍ୟାଳୟର ଡେପୁଟି କମିଶନର ଙ୍କୁ ମଧ୍ୟ ଚିଠି ଲେଖି ଜଣାଇଥିଲେ। ସାଂସଦ ଶ୍ରୀ ଷଡ଼ଙ୍ଗୀ ଓ ବିଧାୟକ ଖଟୁଆ ଙ୍କ ନିବେଦନ କରିଥିବା ବେଳେ ଏହି ବିଷୟକୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଅନୁମୋଦନ କ୍ରମେ ନୀଳଗିରିରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟର ଏକ ଟିମ ଏବଂ ପ୍ରଶାସନିକ ଅଧିକାରୀ ବୁଧବାର ପୂର୍ବାହ୍ନ ରେ ଜାଗା ନିରୁପଣ ନିମନ୍ତେ ନୀଳଗିରିର ମିତ୍ରପୁର, ଜାମୁଡିଆ ଏବଂ ନରଣପୁରକୁ ଆସି ତିନୋଟି ସ୍ଥାନରେ ନୀଳଗିରି ଉପ-ଜିଲ୍ଲାପାଳ ଶ୍ରୀମତୀ ଡ. ମଧୁସ୍ମିତା ସାମନ୍ତରାୟ, ତହସିଲଦାର ସୋନମ୍ ଦାସ, ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା, ଡେପୁଟି କମିଶନର ସମେତ ଅନ୍ୟ ଅଧିକାରୀମାନେ ପରିଦର୍ଶନ କରିଛନ୍ତି। ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ସାଂସଦ ପ୍ରତାପ ଷଡ଼ଙ୍ଗୀ ଓ ବିଧାୟକ ସନ୍ତୋଷ ଖଟୁଆଙ୍କ ପ୍ରଚେଷ୍ଟା ପାଇଁ ଉଭୟଙ୍କୁ ଶୁଭେଚ୍ଛା ଦେଇଥିବା ଜଣାପଡିଛି।

# ଥମୁନି ହାତୀ ଆତଙ୍କ, ଘରଭାଙ୍ଗି ଖାଇଲେ ଚାଉଳ

କରଞ୍ଜିଆ, (ସବ୍ୟୁ): ଟିକିଆ ଝାଡ଼ଖଣ୍ଡୀ ହାତୀପଲଙ୍କ ଉପଦ୍ରବ ଥମିବାର ନାମ ନେଉନି।କେନ୍ଦୁଝର ବନଖଣ୍ଡ ଛାଡ଼ି ଆସିବା ପର ଠାରୁ କରଞ୍ଜିଆ ବନଖଣ୍ଡରେ ତାଣ୍ଡବଲୀଳା ଖେଳାଇ ଚାଲିଛନ୍ତି। ଏହି ହାତୀପଲ ପ୍ରଥମ ଦିନରେ ୫ ଦ୍ୱିତୀୟ ଦିନରେ ୬ ତୃତୀୟ ଦିନରେ ଗୋଟେ ଓ ଚତୁର୍ଥ ଦିନରେ ୨ ଘର ଭାଙ୍ଗି ଧାନ ଚାଉଳ ଖାଇ ଦେଇଥିବା ବେଳେ ଗୋଟିଏ ବିଦ୍ୟୁତ ସବ ଷ୍ଟେସନ ଭାଙ୍ଗିରୁଜି ଦେଇଥିଲେ। ବିଦ୍ୟୁ ବିଭାଗ ପକ୍ଷରୁ ମରାମତି ସମାପ୍ତ ହୋଇ ନଥିବାରୁ ଦେଉଳୀ ଗାଁ ବର୍ତ୍ତମାନ ମଧ୍ୟ ଅନ୍ଧାରରେ ଥିବା ଜଣାପଡ଼ିଛି। ବୁଧବାର ବିଳମ୍ବିତ ରାତିରେ ସିଙ୍ଗଡ଼ା ସେକ୍ସନ ପୋଖରିଆ ଗାଁର ଦେବେନ୍ଦ୍ର ଜେରାଇ ଓ ଟଙ୍ଗାବିଲା ସେକ୍ସନ ଶିରୋମଣିପୁର ଗାଁରେ ପଶି ସେହି ଗାଁର ଶୁକ୍ରରା ଭୁମିଜଙ୍କ ଘର ଭାଙ୍ଗି ଧାନ ଚାଉଳ ଖାଇ ଦେଇଛନ୍ତି। ତେବେ ବର୍ତ୍ତମାନ ଏହି ବନଖଣ୍ଡରେ ୯ ଟି ସ୍ଥାନରେ ୨୬ ଟି ଦନ୍ତା,୨୩ ଟି ମାଇ ଓ ୧୨ ଟି ଛୁଆ ମୋଟ ୬୧ ଟି ହାତୀ ରହି ଲୋକମାନଙ୍କୁ ଆତଙ୍କିତ ଅବସ୍ଥାରେ ରଖିଛନ୍ତି।ଏତେ ସଂଖ୍ୟାରେ ହାତୀ ଆସୁଥିବାରୁ ଏହା ତାଙ୍କର ନୂତନ ଆବାସସ୍ଥଳୀ ଭାବେ ପରିଗଣିତ ହୋରେ ଲାଗିଛି। ସେମାନେ କେତେବେଳେ ଗାଁରେ ପଶି ଘରଦ୍ୱାର ଭାଙ୍ଗି ଦେଉଛନ୍ତି ତ ଆଉ କେତେବେଳେ ରଆ ଧାନ ମାଡ଼ି ନଷ୍ଟଭ୍ରଷ୍ଟ କରି ପକାଉଛନ୍ତି। ଏହି ହାତୀପଲ ପଡେଇଧୁଡା ସଂରକ୍ଷିତ ଜଙ୍ଗଲରେ ଗୋଟିଏ,ପୋଖରିଆ ସଂରକ୍ଷିତ ଜଙ୍ଗଲରେ ୩୧,ବାଦାମପାହାଡ଼ ସଂରକ୍ଷିତ ଜଙ୍ଗଲରେ ୬,ବୁଢ଼ିପାଟ ସଂରକ୍ଷିତ ଜଙ୍ଗଲରେ ଗୋଟିଏ,ହାତୀମୁଣ୍ଡି ସଂରକ୍ଷିତ ଜଙ୍ଗଲରେ ୩, ଖେଜୁରୀଆ ସଂରକ୍ଷିତ ଜଙ୍ଗଲରେ ୨,ଦିରବା ସଂରକ୍ଷିତ ଜଙ୍ଗଲରେ ୨,ସାତକୋଶିଆ ସଂରକ୍ଷିତ ଜଙ୍ଗଲ ୧(ବି) ୩ ଓ ସାତକୋଶିଆ ସଂରକ୍ଷିତ ଜଙ୍ଗଲରେ ୧୨ ଟି ରହିଛନ୍ତି।ବନ ବିଭାଗ କର୍ମଚାରୀ ମାନେ ହାତୀ ଓ ମଣିଷ ଯେପରି ସୁରକ୍ଷିତ ରହନ୍ତି ବିଶେଷ ଧାନ ଦିଆଯିବା ଉପରେ ଗୁରୁତ୍ୱ ଦେବାକୁ ବନଖଣ୍ଡ ଅଧିକାରୀ ବୈଦ୍ୟନାଥ ମାଝୀ କହିଛନ୍ତି।ରାତିଦିନ ସେମାନଙ୍କ ଗତିବିଧି ଉପରେ ନଜର ରଖି କ୍ଷୟକ୍ଷତି ପରିମାଣ ଯେପରି ବୃଦ୍ଧି ନହେବାପାଇଁ ଧାନ ଦେବାକୁ ବନ କର୍ମଚାରୀ ମାନଙ୍କୁ କରଞ୍ଜିଆ ବନଖଣ୍ଡ ଅଧିକାରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

# ପାଣିରେ ଉବୁଟୁବୁ ଶହଶହ ଏକର ଧାନଚାଷ ଜମି

ଆଗରପଡ଼ା,(ସବ୍ୟୁ):ଲଘୁଚାପ ଜନିତ ଲଗାଣ ବର୍ଷାରେ ବଡ଼ବର୍ଚ୍ଚିକୟାଁ ପଞ୍ଚାୟତ ଅନ୍ତର୍ଗତ ଆପ୍ତିରା ଅଂଚଳରେ ଥିବା ଶହଶହ ଏକର ଧାନଚାଷ ଜମିରେ ନିଷ୍କାସିତ ହୋଇ ନପାରି ପାଣି ଜମି ରହିଛି। ଏଥିରେ ଧାନଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଥିନେଇ ଚାଷୀମାନେ ଚିନ୍ତାଗ୍ରସ୍ତ ହୋଇ ପଡ଼ିଛନ୍ତି। ମୁଣ୍ଡଳୀ ମାଇନର କାଡ଼ାନାଳରୁ ଅତ୍ୟଧିକ ପାଣି ନିର୍ଗତ ହେଉଛି ଓ ଏଠାରେ ଥିବା କାଡ଼ା ନାଳରୁ ପାଣି ନିଷ୍କାସିତ ହେବାପାଇଁ ସୁବ୍ୟବସ୍ଥା ହୋଇପାରିନାହିଁ। ଏହି ନାଳ ଦୀର୍ଘ ଦିନ ହେବ ସଫା ହୋଇ ନଥିବାରୁ ନାଳ ପୋତି ହୋଇଯାଇଛି। ମୁଖ୍ୟ ରାସ୍ତାରେ ସଂକୀର୍ଣ୍ଣ ଶୋଠରେ ଅଧିକ ପରିମାଣରେ ପାଣି ନିଷ୍କାସିତ ହୋଇ ପାରୁନାହିଁ। ଜଳସେଚନ ବିଭାଗ ପକ୍ଷରୁ ନିର୍ମିତ ଶାଖା କେନାଲକୁ ପାଣି ଆସିବା ପାଇଁ ପୁରୁଷଣ୍ଡ ମୁଖ୍ୟ କେନାଲରେ ଥିବା ଲୁହା ଗେଟ ଲକ ଅଚଳ ହୋଇ ପଡ଼ିଛି। ଯଦ୍ଦ୍ୱାରା ଲୋକମାନେ ମାଛ ଧରିବା ପାଇଁ ନିଜ ସୁବିଧା ମୁତାବକ ଏହି ଗେଟକୁ ବାରମ୍ବାର ଟେକି ଦେବାରୁ ଅଧିକ ପରିମାଣରେ ଏହି ଅଂଚଳକୁ ପାଣି ମାଡ଼ି ଆସୁଛି ଓ ଏଠାରେ ଥିବା ଚାଷଜମି ଜଳମଗ୍ନ ହୋଇ ରହୁଛି। ଗେଟ ଲକ ସଜଡ଼ା ହେବାପାଇଁ ଦିଆଯାଇଛି ବୋଲି ବିଭାଗୀୟ କନିଷ୍ଠ ଯଂତ୍ରୀ କହିଛନ୍ତି। ଅନ୍ୟପକ୍ଷରେ କାଡ଼ା ବିଭାଗ କନିଷ୍ଠ ଯଂତ୍ରୀଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ସେ କଲ ରିସିଭ କରି ନଥିଲେ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରିବା ସହ ତୁରନ୍ତ ଯଦି ସମସ୍ୟାର ସମାଧାନ ନ ହୁଏ,ତେବେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚାଷୀମାନେ ଦୃଢ଼ ଚେତାବନୀ ଦେଇଛନ୍ତି।

## ଜଳିଗଲା ଲୁହା ବୋଝେଇ ଟ୍ରକ

କେନ୍ଦୁଝର,(ସ୍ୱପ୍ର) : କେନ୍ଦୁଝରରୁଲୁହା ଧରି ପାରାଦୀପ ଯାଉଥିବା ସମୟରେ ଘଟଗାଁ ଥାନା ପୋଇଜାମୁଳା ଛକ ନିକଟରେ ଜଳିଯାଇଛି। ସର୍ଟ ସର୍କିଟ ଯୋଗୁଁ ଉକ୍ତ ଟ୍ରକଟି ଜଳିଯାଇଥିବା ସନ୍ଦେହ କରାଯାଉଛି। ଟ୍ରକଟି ଜଳିଯାଉଥିବା ଦେଖି ସ୍ଥାନୀୟ ଲୋକ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଟ୍ରକ ଚାଳକ ସୁରକ୍ଷିତ ଥିବା ସୂଚନା ମିଳିଛି।

## ମିଳୁନି ପିଡ଼ିଏସ କିରାସିନି ହିତାଧିକାରୀଙ୍କ ଅସନ୍ତୋଷ

ଭୋଗରାଇ,(ସବ୍ୟୁ): ବାଲେଶ୍ୱରଜିଲା ଭୋଗରାଇ ବ୍ଲକ ଆରୁହାବୃତ୍ତି ୧ ଗ୍ରାମରେ ଦୀର୍ଘ ମାସ ଧରି ପିଡ଼ିଏସ କିରୋସିନି ମିଳିନଥିବାର ଉକ୍ତ ଗ୍ରାମର ଲୋକେ ଅଭିଯୋଗ କରିଛନ୍ତି ।ବନ୍ୟାପ୍ରପୀଡ଼ିତ ଅଞ୍ଚଳରେ ଘନ ଘନ ବିଦ୍ୟୁତ କାଟ ଜନଜୀବନକୁ ପ୍ରଭାବିତ କରିଥିବାବେଳେ ଆରୁହାବୃତ୍ତି ଗ୍ରାମର ୧ ୩ ଜଣରୁ ଉର୍ଦ୍ଧ ବ୍ୟକ୍ତି କିରୋସିନି ଅଭାବରୁ ନାହିଁନଥିବାର ଅସୁବିଧାର ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଛନ୍ତି ।ଉକ୍ତ ଗ୍ରାମର ରବି ନାରାୟଣ ଦତ୍ତ, ସୁବାସିନୀ ମୁଖୀ, ବାସନ୍ତୀ ମୁଖୀ, ବିକାଶ ମୁଖୀ, ମାଳତୀ ମୁଖୀ,ତଅପୋଇ ବେହେରା, ସବିତା ମୁଖୀ ପ୍ରମୁଖ ନିୟମିତ କିରୋସିନି ପାଇନଥିବାର ଅଭିଯୋଗ କରିଛନ୍ତି ଝ ଡିଲର ମିହିର କୁମାର ଦାସକୁ ପଚାରିବାରୁ ୧ ୨ ଶହ୩ ୫ କାର୍ଡ ରେ ସମସ୍ତ କିରୋସିନି ଇସୁ କରାଯାଉଥିବା ବେଳେ କେତେକ ହିତାଧିକାରୀ କିରୋସିନି ନେଉନଥିବାରୁ ଡ୍ରାମରେ କିରୋସିନି ଗଛିତ ରହି କ୍ଷତି ସହିବାକୁ ପଡୁଛି ଓ ନିୟମିତ କିରୋସିନି ଦିଆ ଯାଉଛି ବୋଲି ସେ କହିଛନ୍ତି ।ଏହି ଘଟଣାରେ ଭୋଗରାଇ ଯୋଗାଣଧିକାରୀ ସମେଶ୍ୱର ବେହେରା ତଦନ୍ତ ହେବ ବୋଲି ସୂଚନା ଦେଇଛନ୍ତି ।

# ସାଷ୍ଟାଙ୍ଗ ଦଣ୍ଡବତ ହୋଇ ଘଟଗାଁ ଅଭିମୁଖେ ଯୁବକ

ଠାକୁରମୁଣ୍ଡା,(ସବ୍ୟୁ): ବାଲେଶ୍ୱର ରୁ ଘଟଗାଁ ତାରିଣୀ ପୀଠକୁ ଯାତ୍ରା । ସେ ପୁଣି ଏକ ଭିନ୍ନ ଢଙ୍ଗରେ । ଯାହା ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛି । ମା କରିଥିବା ମାନସିକ ପାଇଁ ପୁଅର କଠୋର ତପସ୍ୟା । ଯେଉଁଠି ବାପା ମା ଙ୍କୁ ପିଲାମାନେ ହତାଦର କରୁଥିବା ଖବର ଆସୁଛି ସେଇଠି ଏଭଳି ପୁଅ ସମାଜ ପାଇଁ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି ।ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ସାର୍ଥା ଗ୍ରାମର ସଞ୍ଜୟ ବିଜୁଳି ।ମାଆ ଟୁଣୀ ବିଜୁଳି ମନସ୍କାମନା ପୂରଣ ହେଲେ ପୁଅ ଦଣ୍ଡ ମାରି ତାରିଣୀ ପୀଠ ପର୍ଯ୍ୟନ୍ତ ଯାଇ ପୂଜା କରିବାକୁ ସଂକଳ୍ପ ନେଇଥିଲେ । ମନସ୍କାମନା ପୂରଣ ହୋଇଥିବାରୁ ସଞ୍ଜୟ ଜୁଲାଇ ୨୩ ତାରିଖ ରାତି ଘରୁ ବାହାରିଛନ୍ତି । ୨୪ ଦିନରେ ଠାକୁରମୁଣ୍ଡା ପହଞ୍ଚି ପୂର୍ତ୍ତ ବିଭାଗ ବଙ୍ଗଳାରେ ଆଶ୍ରୟ ନେଇଥିଲେ । ୧୪ ତାରିଖ ସକାଳେ ଠାକୁରମୁଣ୍ଡା ଛାଡି ଘଟଗାଁ ଅଭିମୁଖେ ଯାତ୍ରା କରିଥିଲେ । ସ୍ୱର୍ଗତ ଜଗଦୀଶ ବିଜୁଳିଙ୍କ ୪ ପୁଅ ଝ ସଞ୍ଜୟ ୩ ନମ୍ବର ପୁଅ ଝ ମାଙ୍କ ସଂକଳ୍ପ ରକ୍ଷା ପାଇଁ ଅଣ୍ଟା ଭିଡି ଘରୁ ବାହାରିଛନ୍ତି । ସଞ୍ଜୟ ମଧ୍ୟ ବିବାହିତ ଝ ତାଙ୍କର ୩ ବର୍ଷର ଝିଅଟିଏ ଥିବା ସେ କହିଛନ୍ତି । ତେବେ ତାଙ୍କର ଏହି କଷ୍ଟ ସାଧ ଯାତ୍ରାରେ ସେ ୧୮୦ କିମି ରୁ ଅଧିକ ରାସ୍ତା ଅତିକ୍ରମ କରିବେ ।

# ଧରଣୀଧର ବିଶ୍ୱବିଦ୍ୟାଳୟରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା



କେନ୍ଦୁଝର ,(ସବ୍ୟୁ): ଗୁରୁବାର ଦିନ ଧରଣୀଧର ବିଶ୍ୱବିଦ୍ୟାଳୟ ଅନୁକୁଲ୍ୟରେ ହର ଘର ତ୍ରିରଙ୍ଗା ଅଭିଯାନ ନିମନ୍ତେ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋ ଯାଇଛି । ଏହି କାର୍ଯ୍ୟକ୍ରମରେ ବିଶବିଦ୍ୟାୟର କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି , ପିଜି କାଉନସିଲ ଚେୟାରମେନ ପ୍ରଭୁପ୍ରସାଦ ଦାସ ଯୋଗଦାନ କରିଥିଲେ । ବିଶବିଦ୍ୟାଳୟର ୧୦୦ ରୁ ଉର୍ଦ୍ଧ କର୍ମଚାରୀ ଓ ୧୫୦୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗଦାନ କରି ଥିଲେ । ଏହି ପଦଯାତ୍ରାଟି ବିଶବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ସିରାଜଉଦିନ ଛକ ପର୍ଯ୍ୟନ୍ତ ହୋଇଥିଲା । ଛାତ୍ର ଛାତ୍ରୀ ମାନେ ୫୦୦ ମିଟର ତ୍ରିରଙ୍ଗା ପତାକା ଧରି ଶୋଭାଯାତ୍ରା କରିଥିଲେ । ସମସ୍ତ ନାଗରିକ ମାନଙ୍କୁ ହର ଘର ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଜାଗୃତ କରି ସାଧୀନତା ଦିବସ କୁ ଗର୍ବର ସହ ପାଳନ କରିବା ଏହାର ମୂଳ ଉଦ୍ଦେଶ୍ୟ ଥିଲା । ଛାତ୍ରଛାତ୍ରୀ ମାନେ ସ୍ଲୋଗାନ ଦେଇଥିଲେ ଏବଂ ଶବ୍ଦ ପ୍ରଣାଳୀ ମାଧ୍ୟମରେ ଦେଶାତ୍ମବୋଧ ସଙ୍ଗୀତ ମାଧ୍ୟମରେ ସଚେତନତା ସୃଷ୍ଟି କରି ଏହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଜାତୀୟ ସେବା ଯୋଜନା ବ୍ୟୁରୋର ସଂଯୋଜିକା ଡ.ସରିତା ନାୟକ ସଂଯୋଜନା କରି ଥିଲେ ।

# ଅଗଷ୍ଟର ଆତ୍ମାକୁ ସ୍ମରଣ କଲା ଏଫ୍ଏମ୍ ବିଶ୍ୱବିଦ୍ୟାଳୟ




ବାଲେଶ୍ୱର,(ସବ୍ୟୁ): ସ୍ୱାଧୀନତା ଦିବସ ପୂର୍ବସନ୍ଧ୍ୟାରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ କ୍ରାନ୍ତି ଠାରୁ ମୁକ୍ତି: ଅଗଷ୍ଟର ଆତ୍ମାକୁ ସ୍ମରଣ ଶୀର୍ଷକରେ ଏକ ପ୍ରେରଣାଦାୟୀ ସେମିନାର ଆୟୋଜିତ ହୋଇଅଛି । ସେମିନାରର ଉଦଘାଟନ କରି, କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ନିଜ ଉଦବୋଧନ ପ୍ରଦାନ କରିଥିଲେ। ବିଶେଷକରି ୧୯୪୨ର ଅଗଷ୍ଟ କ୍ରାନ୍ତି (ଭାରତ ଛାଡ଼ୋ ଆନ୍ଦୋଳନ) ଭଳି ଗଣ ଆନ୍ଦୋଳନମାନଙ୍କ ପରିବର୍ତ୍ତନଶୀଳ ପ୍ରଭାବ ବିଷୟରେ ଆଲୋଚନା କରିବା ସହ ଆଜିର ଯୁବ ସମାଜକୁ ସେହି ସହନଶୀଳତା, ଏକତା ଓ ଦେଶଭକ୍ତିକୁ ଅନୁସରଣ କରି ଆଧୁନିକ ସମସ୍ୟାମାନଙ୍କ ସମାଧାନରେ ନିୟୋଜିତ ହେବାକୁ ଆହ୍ୱାନ କରିଥିଲେ ଓ ବିଭିନ୍ନ ପ୍ରକାର ତଥ୍ୟ ସଂଗ୍ରହ କରିବା ପାଇଁ ମନୋମୁକ୍ତତା ସହିତ ଜ୍ଞାନ ଅର୍ଜନ କରିବାର ପରାମର୍ଶ ଦେଇଥିଲେ ।ମୁଖ୍ୟ ବକ୍ତା ଭାବେ ଡା. ସୋମା ଚାନ୍ଦ (ପୂର୍ବତନ ବିଭାଗାଧ୍ୟକ୍ଷ, ଇତିହାସ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ) ଯୋଗଦେଇ, କ୍ରାନ୍ତି (ବିପ୍ଲବୀୟ ଉତ୍ତାନ) ଠାରୁ ମୁକ୍ତି (ସ୍ୱାଧୀନତା) ପର୍ଯ୍ୟନ୍ତ ଭାରତ ଓ ଓଡ଼ିଶାର ଯାତ୍ରାକୁ ଉଲ୍ଲେଖ କରି, ସ୍ୱାଧୀନତା ସଂଗ୍ରାମର ଆଦର୍ଶଗୁଡ଼ିକ କିପରି ପ୍ରଭାବିତ କରୁଛି, ସେଥିରେ ଆଲୋକ ପାତ କଲେ । ଡକ୍ଟର ଶିଖାଶ୍ରୀ ରାୟ, , ଡକ୍ଟର ପବିତ୍ର ମୋହନ ନାୟକ, ନିଜ ଭାଷଣରେ ଅଗଷ୍ଟ ଆନ୍ଦୋଳନର ଆତ୍ମାକୁ ଆଜାଦୀ କା ଅମୃତ ମହୋତ୍ସବ ସହିତ ଯୋଡ଼ିବା ସହ ଏହାର ଜାତି ଗଠନରେ ଭୂମିକା ତଥା ମହତ୍ତ୍ୱ କୁ ବାଖ୍ୟା କରିଥିଲେ। ଇତିହାସ ଓ ପୁରାତତ୍ତ୍ୱ ବିଭାଗ, ସମାଜିକ ବିଜ୍ଞାନ ବିଭାଗ ଓ ଏନଏସଏସର ସହଯୋଗରେ ଆୟୋଜିତ, ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧାପକ, କର୍ମଚାରୀ ଓ ବହୁ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ଉପସ୍ଥିତ ରହିଥିଲେ । କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଅଭୟ କୁମାର ନାୟକ ପରିଚାଳନା କରିଥିଲେ ଓ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଧନ୍ୟବାଦ ଜ୍ଞାପନ କରିଥିଲେ ।ଏହା ସହିତ, ହର ଘର ତିରଙ୍ଗା ଅଭିଯାନକୁ ସଫଳ ଓ ଉତ୍ସବମୁଖର କରିବା ପାଇଁ, ଭାରତୀୟ ଜାତୀୟ ପତାକା ତ୍ରିରଙ୍ଗାକୁ ହାତରେ ନେଇ ବହୁ ଛାତ୍ରଛାତ୍ରୀ, ଅଧାପକ-ଅଧାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କ ଅଂଶଗ୍ରହଣରେ ଏକ ଭବ୍ୟ ଫ୍ଲାଗ ମାର୍ଚ୍ଚ ଆୟୋଜନ କରାଯାଇଥିଲା ।

# ଦିବଂଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ଜୟନ୍ତୀ ପାଳିତ



ବାଲେଶ୍ୱର,(ସବ୍ୟୁ): ବିଜେପି ପୂର୍ବତନ ଜିଲ୍ଲା ସଭାପତି ତଥା ସଦର ନିର୍ବାଚନମଣ୍ଡଳୀର ଦିବଂଗତ ବିଧାୟକ ମଦନ ମୋହନ ଦତ୍ତ (ମଙ୍ଗୁ ଭାଇ)ଙ୍କ ୬୮ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ମଙ୍ଗୁଭାଇ ସ୍ମୃତି କମିଟି ପକ୍ଷରୁ ବାଲେଶ୍ୱର ସହରର ଓ ଟି ରୋଡ଼ର ଶୋଭାରାମପୁର ଛକରେ ସ୍ଥାପିତ ସ୍ୱର୍ଗତଃ ଦତ୍ତଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା। ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଲକ୍ଷ୍ମୀ ନାରାୟଣ ମହାନ୍ତି, ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଲକ୍ଷ୍ମୀ ଘୋଷ, ଚନ୍ଦ୍ର ମୋହନ ଦାସ, ସୀତାକାନ୍ତ ସ୍ୱାଇଁ, ଚିତ୍ତରଞ୍ଜନ ପଣ୍ଡା, ଲୋକନାଥ ଭୂୟାଁ, ସୁଷମା ବିଶ୍ୱାଳ, ଉପେନ୍ଦ୍ର ଶତପଥି, ଅନନ୍ତ ନାୟକ, ସତ୍ୟ ଶିବ ସୁନ୍ଦର ଦାଶ, ନିତ୍ୟ ଗୋପାଳ ସିଂ, ସସ୍ମିତା ନାଥ, ନିରୁପମା ଦାଶ, ତ୍ରୈଲୋଚନ ଦାଶ, ହରେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ଚାଟାର୍ଜୀ ପ୍ରମୁଖ ମଙ୍ଗୁ ଭାଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧୀରଜ ମହାନ୍ତି, ବିକାଶ ପାଢ଼ୀ, ସୁଧାଂଶୁ ପଣ୍ଡା, ମନ୍ମୟ ଦାସ, ପବନ କମିଳା, ମନୋହର ପେରିୱାଲ, ଯୋଗେନ ରଣା, ଉମେଶ ବେହେରା, ଜିତୁ ପରମାଣିକ, ମନୋରଞ୍ଜନ ନନ୍ଦି, ବିଜୟ ପୃଷ୍ଟି, ଜୀବନ ପାତ୍ର, ପର୍ଶୁ ମହାନ୍ତି, ଶ୍ରୀହରି ଶୁକ୍ଳା, କାର୍ତ୍ତୀକ ରାଉତ, ପିଣ୍ଟୁ ପାଣିଗ୍ରାହୀ, ମନୋଜ ଧଳ, ସସ୍ମିତା ଦାଶ, ସୁକାନ୍ତି ଦେବ ଗୋସ୍ୱାମୀ, ଶ୍ରୀୟା ଦାସ, ବିଳାସିନୀ ଦାସ, ସସ୍ମିତା ପଣ୍ଡା, ଆଶାଲତା ବାଡ଼ି, ପ୍ରିୟଙ୍କା ପ୍ରଧାନ, ଅନୁପମା ଦାସ ପ୍ରମୁଖ ଉପସ୍ଥିତ ରହି ମଙ୍ଗୁଭାଇ ଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀଙ୍କୁ ବଜାର ସୁଯୋଗ ଉଦ୍ଦେଶ୍ୟରେ ତ୍ରିରଙ୍ଗା ଉତ୍ସବ ଉଦ୍‌ଘାଟିତ

କଟକ, (ସବ୍ୟୁ): ବାରବାଟୀ ପ୍ୟାଲେସ ପରିସରରେ ଗୁରୁବାରଠାରୁ ଦୁଇଦିନିଆ "ତ୍ରିରଙ୍ଗା ଉତ୍ସବ" ଉଦ୍ଘାଟିତ ହୋଇଯାଇଛି । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପ୍ରଶାନ୍ତ କୁମାର ନାୟକ ତ୍ରିରଙ୍ଗା ଉତ୍ସବର ଉଦ୍ଘାଟନ କରି ତ୍ରିରଙ୍ଗା ଉତ୍ସବରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗ ଦେଇ ଅନନ୍ୟ ଗୁଣବତ୍ତାପୂର୍ଣ୍ଣ ସ୍ଥାନୀୟ ଉତ୍ପାଦ କିଣିବା ସହିତ ଗ୍ରାମୀଣ ଉଦ୍ୟମୀମାନଙ୍କୁ ସମର୍ଥନ କରିପାରିବେ ବୋଲି କହିଛନ୍ତି । ଏହି ଅବସରରେ ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ରାଉତଙ୍କ ସମେତ ବିଭିନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । ତ୍ରିରଙ୍ଗା ଉତ୍ସବରେ ଜିଲ୍ଲାର ବିଭିନ୍ନ ଉତ୍ପାଦକ ଗୋଷ୍ଠୀ ଯୋଗ ଦେଇ ହସ୍ତଶିଳ୍ପ ସାମଗ୍ରୀ, ଶାଢୀ, ମସଲା, ରୂପା ତାରକସି, ଆଚାର, ଝୋଟରୁ ତିଆରି ଉତ୍ପାଦ ଭଳି ସ୍ୱଦେଶୀ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି। ସହରୀ ଗ୍ରାହକମାନଙ୍କ ମଧ୍ୟରେ ହାତ ତିଆରି ସାମଗ୍ରୀ ପ୍ରତି ସଚେତନତା ବୃଦ୍ଧି କରିବା ଓ ଗ୍ରାମୀଣ ଶିଳ୍ପୀ ଓ ଉତ୍ପାଦକଙ୍କ ପାଇଁ ବଜାର ସୁଯୋଗ ସୃଷ୍ଟି କରିବା ଏହି ମେଳାର ପ୍ରଧାନ ଉଦ୍ଦେଶ୍ୟ। ଏଥିସହିତ ସ୍ଥାୟୀ ଜୀବିକା ସୃଷ୍ଟିରେ ସାହାଯ୍ୟ କରିବା ମଧ୍ୟ ଏହି ମେଳାର ଲକ୍ଷ୍ୟ।

### ବିଭାଜନ ବିଭୀଷିକା ସ୍ମୃତିଦିନ କାର୍ଯ୍ୟକ୍ରମ

## ଇତିହାସକୁ ଭୁଲିବା ନାହିଁ, ସେଥିରୁ ଶିଖିବା ଦରକାର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ଜୟଦେବ ଭବନ ଠାରେ ଭାରତୀୟ ଇତିହାସ ସଂକଳନ ସମିତି ପକ୍ଷରୁ ଆୟୋଜିତ ବିଭାଜନ ବିଭୀଷିକା ସ୍ମୃତିଦିନ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ, ବିଭାଜନ ଆମକୁ ଯେତିକି କଷ୍ଟ ଦେଇଛି, ତାଠାରୁ ଅଧିକ ଜୀବନ ସଂଗ୍ରାମ ପାଇଁ ଶିକ୍ଷା ଦେଇଛି। ସାମ୍ପ୍ରଦାୟିକ ବିଦ୍ୱେଷର ବିଭୀଷିକା ଦେଶକୁ ଥରାଇଦେଇଥିଲା ସତ କିନ୍ତୁ, ଭାରତୀୟ ଜାତୀୟତା ହାର୍ ମାନିନଥିଲା। ଏହି ଅବସରରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭାରତର ବିଭାଜନ କେବଳ ଏକ ଭୌଗୋଳିକ ଘଟଣା ନୁହେଁ, ଏହା ଏକ ମାନବିକ ବିପର୍ଯ୍ୟୟ" । ଏଥିସହିତ ସେ ଦେଶ ଓ ରାଜ୍ୟର ନୂଆପିଢ଼ିଙ୍କୁ ଆହ୍ୱାନ କରିଛନ୍ତି ଯେ, ଇତିହାସକୁ ମନେ ରଖି ତା'ରୁ ଶିଖିବା ଦ୍ୱାରା ଭବିଷ୍ୟତ ରାସ୍ତା ସଠିକ ଭାବରେ ଚାଲିବା ଯୋଗ୍ୟ ହୁଅନ୍ତୁ । ସେ କହିଛନ୍ତି ଯେ ଇତିହାସ ହେଉଛି ଏକ ଆଇନା, ଯାହା ଆମେ ଦେଖିବା ଓ ଶିଖିବା ଦ୍ୱାରା ଭବିଷ୍ୟତ ତ୍ରୁଟି ରୋକିପାରିବା। ବିଭାଜନ ଦିନର ଏକ ଦୁଃଖମୟ ସତ୍ୟ । ଏଣୁ, ଇତିହାସକୁ ଭୁଲିବା



ନାହିଁ, ସେଠାରୁ ଶିଖିବା ଦରକାର। ନୂଆ ଭାରତର ନୂଆପିଢ଼ି ଇତିହାସର ସତ୍ୟକୁ ବୁଝି ଦେଶର ସାର୍ବଭୌମତା, ସଂସ୍କୃତି ଓ ଏକତା ରକ୍ଷାପାଇଁ ସଦା ପ୍ରସ୍ତୁତ ରହିବା ଆବଶ୍ୟକ। ଭାରତର ପୌରାଣିକ ଏବଂ ଐତିହାସିକ ଆଧାରରେ ତିଆରି ହୋଇଥିବା ସଂସ୍କୃତି ହିଁ ଦେଶର ରାଷ୍ଟ୍ରୀୟ ଚିନ୍ତନ ଓ ଅସ୍ତିତ୍ୱର ଭିତ୍ତି, ସେଥିପାଇଁ ଏହାକୁ ରକ୍ଷା କରିବା ଲାଗି ନୂଆପିଢ଼ି ପ୍ରସ୍ତୁତ ହେଉ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ରାଜ ଭବନ ଠାରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନରେ ଯୋଗଦେଇ କହିଥିଲେ ଯେ ସୀମା ମାନଚିତ୍ରରେ ବଦଳିପାରେ, କିନ୍ତୁ ହୃଦୟର ଏକତାକୁ ଭାଙ୍ଗି ପାରିବ ନାହିଁ। ଭାରତୀୟ ସର୍ବଦା ଭାଇଚାରା, ପ୍ରେମ ଓ ସମ୍ମାନକୁ ସର୍ବୋପରି ରଖିଥାନ୍ତି। ଏଣୁ, ଆମକୁ କୌଣସି ବାହ୍ୟ ଶକ୍ତି ପରାସ୍ତ କରିପାରିବ ନାହିଁ। କାର୍ଯ୍ୟକ୍ରମରେ ସମିତିର ବିଶିଷ୍ଟ ପ୍ରଚାରକ ସରୋଜ କୁମାର ମିତ୍ର, ବୈଦିକ ବିଶ୍ୱବିଦ୍ୟାଳୟ, ତାମିଲନାଡୁର କୁଳପତି, ପ୍ରଫେସର ଡକ୍ଟର ହରିହର କାନୁନ୍‌ଗୋ, ଅଖିଳ ଭାରତୀୟ ଇତିହାସ ସଂକଳନ ଯୋଜନାର ରାଷ୍ଟ୍ରୀୟ ସମ୍ପର୍କ ପ୍ରମୁଖ, କମଳେଶ ଦାଶ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଓଡିଶା ପୂର୍ବର ପ୍ରାନ୍ତ କାର୍ଯ୍ୟବାହ, ଡକ୍ଟର ଅନିଲ କୁମାର ମିଶ୍ର, ଭାରତୀୟ ଇତିହାସ ସଂକଳନ ସମିତି, ଓଡିଶା ପୂର୍ବର ଅଧକ୍ଷ, ପ୍ରାଧାପକ ବିକ୍ରମ କେଶରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ହାଇଟେକ୍‌ରେ ବିଶ୍ୱ ଅଙ୍ଗଦାନ ଦିବସ

## ସଚେତନତାର ବାର୍ତ୍ତା ବାଣ୍ଟିଲେ ସହସ୍ରାଧିକ ବିଦ୍ୟାର୍ଥୀ

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ଓ ହକିଟାଲରେ ବିଶ୍ୱ ଅଙ୍ଗଦାନ ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଷ୍ଟ ଭାବେ ରୋଟାରୀ ଇଣ୍ଟରନେସନାଲ୍‌ର ଡିଷ୍ଟ୍ରିକ୍ ଗଭର୍ଣ୍ଣର ମନୋଜ ତ୍ରିପାଠୀ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଏନ୍‌ଜିଓ 'ମଦର' ର ପ୍ରତିଷ୍ଠାତା ଟି.ଏନ୍. ପଣ୍ଡା ଯୋଗ ଦେଇ ଅଙ୍ଗଦାନର ମହତ୍ୱ ସଂପର୍କରେ ସଚେତନତାର ବାର୍ତ୍ତା ଦେଇଥିଲେ । ମୁଖ୍ୟବକ୍ତା ଭାବେ ଏମେରିଟସ୍ ଜାତୀୟ ଉପାଧକ୍ଷ ତଥା ଦୃଷ୍ଟି ଦାନ ଆଇ ବ୍ୟାଙ୍କ ଭୁବନେଶ୍ୱରର ଯୁଗ୍ମ ସଚିବ ସନ୍ଧ୍ୟା ଅଗ୍ରୱାଲ ଯୋଗ ଦେଇ କାନିପୋଡି ଦେଇଥିବା ଅଙ୍ଗ ଆଉ କାହାର ଜୀବନ ନେଇ ପାରେ ବୋଲି କହିଛନ୍ତି । ଅନ୍ୟତମ ଅତିଷ୍ଠ ଭାବେ ହାଇଟେକ୍ ଗ୍ରୁପ୍‌ର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ତଥା ସିଇଓ ଶୁରେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ଡକ୍ଟର ରାକେଶ କୁମାର ପାଣିଗ୍ରାହୀ ଜଣେ ବ୍ୟକ୍ତି ମୃତ୍ୟୁ ପରେ ତାର ଅଙ୍ଗଦାନ କରି କିଭଳି ୮ ଜଣଙ୍କୁ ଜୀବନ ଦାନ ଦେଇପାରିବ




ଏବଂ ଏ ନେଇ ଖୁବ୍‌ଶୀଘ୍ର ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ରେ ଅଙ୍ଗ ପ୍ରତ୍ୟାରୋପଣ ବିଭାଗ ଆରମ୍ଭ ହେବାକୁ ଯାଉଛିବୋଲି ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ ପ୍ରଫେସର୍ ଡ. ଦେବାନନ୍ଦ ମହାପାତ୍ର, ଡିନ୍ ଓ ନିର୍ଦ୍ଦେଶକ ପ୍ରଫେସର୍ ଡ. ରାଧାମାଧବ ତ୍ରିପାଠୀ, କର୍ଣ୍ଣ, ନାସା ଓ ଗଳା ବିଭାଗର ମୁଖ୍ୟ ପ୍ରଫେସର୍ ଡ. ରାଜଲକ୍ଷ୍ମୀ ପାଣିଗ୍ରାହୀ ଯୋଗଦାନ କରିଥିଲେ । ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ଦୀର୍ଘ ୧୦ ଦିନ ଧରି ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତରଫରୁ ଆୟୋଜିତ ବିଭିନ୍ନ ପ୍ରଚାର ପ୍ରସାରମ୍ଭକ କାର୍ଯ୍ୟକ୍ରମ ରଙ୍ଗୋଲି, ପ୍ଲାକାର୍ଡ, ଡିବେଟ୍, ନାଟକ ପରିବେଷଣ, ମାରାଥନ, ୱାଲ ଡେକୋରେସନ, ସଚେତନତା ଭିଡିଓ ରିଲ୍‌ରେ ଅଂଶ ଗ୍ରହଣ କରିଥିବା ହାଇଟେକ୍ ଗ୍ରୁପ୍‌ର ସମସ୍ତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି । ସେହିଭଳି ଏକ ୮ ବର୍ଷର ବାଳକ ଶୁଭୋଜିତ୍ ସାହୁ ମୃତ୍ୟୁ ପରେ ନିଜର ଅଙ୍ଗଦାନ କରି ୯ ଜଣଙ୍କ ଜୀବନ ବର ସବୁଦିନ ପାଇଁ ଅମର ହୋଇଯାଇଛି । ଏଭଳି ମହାନତା ପାଇଁ ଏହି ଦିବସ ଅବସରରେ ତାଙ୍କ ମାତା ଶୁଭଶ୍ରୀ ସାହୁ, ପିତା ଡ. ବିଶ୍ୱଜିତ୍ ସାହୁଙ୍କୁ ସମ୍ମାନିତ କରାଯାଇଛି । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଯାଇଥିଲା ।

## ଯୁବମୋର୍ଚ୍ଚା ତରଫରୁ ବିଶାଳ ତିରଙ୍ଗା ଶୋଭାଯାତ୍ରା

ଭୁବନେଶ୍ୱର, (ସବ୍ୟୁ): ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ରାଜ୍ୟ ସଭାପତି ଅଭିଲାଷ ପଣ୍ଡାଙ୍କ ନେତୃତ୍ୱରେ ଭୁବନେଶ୍ୱର ରୂପାଲି ଛକ ଠାରୁ ମାଷ୍ଟର କ୍ୟାଣ୍ଟିନ୍ ପର୍ଯ୍ୟନ୍ତ ଏକ କିଲୋମିଟର ଲମ୍ବର ତ୍ରିରଙ୍ଗା ଧରି ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ତ୍ରିରଙ୍ଗା, ବାଦ୍ୟ ଓ ନୃତ୍ୟ ସହିତ ଏହି ପଦଯାତ୍ରାରେ ୨୦୦୦ରୁ ଅଧିକ ଯୁବକ ଯୁବତୀ ସାମିଲ ହୋଇଥିଲେ। ଶ୍ରୀ ପଣ୍ଡା କହିଛନ୍ତି ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁଭଳି ଭାବେ ଆହ୍ୱାନ ଦେଇଛନ୍ତି ଯେ, ପ୍ରତ୍ୟେକ ଘରେ ତ୍ରିରଙ୍ଗା ଉଡିବ ଏବଂ ତ୍ରିରଙ୍ଗା ଆମ ଦେଶର ସ୍ୱାଭିମାନ, ଅସ୍ମିତା ଦେଶ ପ୍ରୀତିର ପରିଚୟ ତେଣୁ ଏହି ଏକିକୃତ ପରିଚୟ ଅଛି ଆମ ଦେଶ ପ୍ରେମକୁ ଜାହିର କରିବା ପାଇଁ ତାହା କେବଳ ସ୍କୁଲ କିମ୍ବା କଲେଜ ଓ ଅନୁଷ୍ଠାନ ମାନଙ୍କରେ ନୁହେଁ ପ୍ରତ୍ୟେକ ଘରେ ପ୍ରତ୍ୟେକ ବ୍ୟକ୍ତି ଆମ ତ୍ରିରଙ୍ଗାକୁ ଉଡାଇବା ଆବଶ୍ୟକ। ମୋଦିଜୀଙ୍କ



ଏହି ବାର୍ତାକୁ ସମସ୍ତଙ୍କ ପାଖରେ ପହଁଚାଇବାକୁ ଆମ ଦଳର ଯୁବମୋର୍ଚ୍ଚା କାର୍ଯ୍ୟକର୍ତାମାନେ ସବୁ ସ୍ଥାନରେ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି।

ଏହି "ତ୍ରିରଙ୍ଗା ଯାତ୍ରା"ରେ ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇ କହିଛନ୍ତି ଯେ, ତ୍ରିରଙ୍ଗା ଯାତ୍ରା ଭାରତମାତାର ଏକତା ଓ ଅଖଣ୍ଡତାର ପ୍ରତୀକ। ଭାରତମାତା କୋଳରେ ଏହି ତ୍ରିରଙ୍ଗା ପତାକା ଉଡାଇବା ପାଇଁ କେତେ ମହାପୁରୁଷ ଏବଂ ଆମ ପୂର୍ବଜ ମାନେ ବଳିଦାନ ଦେଇଛନ୍ତି। ତେଣୁ ତ୍ରିରଙ୍ଗା ପତକାର ମାନ ରଖିବା ପାଇଁ ଆଜି ସାରା ଭାରତବର୍ଷର କୋଣଅନୁକୋଣରେ ତ୍ରିରଙ୍ଗା ପତାକା ଉଡାଇବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ହେଉଛି । ଦେଶର ବୀର ଯବାନମାନଙ୍କର ମନୋବଳକୁ ଶକ୍ତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଦେଶର କୋଣ ଅନୁକୋଣରେ ହେଉଛି। ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ଆୟୋଜିତ ହେଉଥିବା ଏହି ହର୍ ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଭାରତୀୟ ସେନାଙ୍କ ଉଦ୍ଦେଶ୍ୟରେ ସମର୍ପିତ ବୋଲି ବିଜେପି ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର, କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଓ ପ୍ରିୟଦର୍ଶୀ ମିଶ୍ର, ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ସୁବ୍ରତ ବିଶ୍ୱାଳ, ସାଧାରଣ ଜନତା ସାମିଲ ହୋଇଥିଲେ।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କଲେ ଆର ଏସ ଏସ ମୁଖ୍ୟ ମୋହନ ଭାଗବତ

ପୁରୀ (ସବ୍ୟୁ): ରାଷ୍ଟ୍ରୀୟ ଆରଏସ ମୁଖ୍ୟ ମୋହନ ଭାଗବତ ଗୁରୁବାର ସନ୍ଧ୍ୟାରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ଛନ୍ତି। । କଡ଼ା ସୁରକ୍ଷା ବଳୟ ମଧ୍ୟରେ ମୋହନ ଭାଗବତ ଆସି ଶ୍ରୀମନ୍ଦିର ସମ୍ମୁଖ ସିଂହ ଦ୍ୱାର ନିକଟରେ ପହଞ୍ଚି ଥିଲେ। । ସାଙ୍ଗରେ ପୁରୀ ସାଂସଦ ସମ୍ବିତ ପାତ୍ର ଉପସ୍ଥିତ ଥିଲେ। ଶ୍ରୀମନ୍ଦିର ସିଂହଦ୍‌ବାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରି ମହାପ୍ରଭୁଙ୍କ କଲେ ଦର୍ଶନ କରି ଥିଲେ । ପରେ ମା ଲକ୍ଷ୍ମୀ, ବିମଳାଙ୍କ ସହ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମଧ୍ୟ ଦର୍ଶନ କରି ଥିଲେ।

### ନାବାଳିକା ହେଉଛନ୍ତି ନିର୍ଯ୍ୟାତିତ

## ବୁଦ୍ଧିଜୀବୀ, ସାମାଜିକ ଅନୁଷ୍ଠାନ, ବିଶେଷଜ୍ଞଙ୍କୁ ନେଇ ବୈଠକ କରିବେ ଜିଲ୍ଲାଜଜ୍: ହାଇକୋର୍ଟ

କଟକ,(ସବ୍ୟୁ): ବିଭିନ୍ନ ସ୍ତରରେ ନାବାଳିକାମାନେ(୧୮ ବର୍ଷ ପର୍ଯ୍ୟନ୍ତ) ନିର୍ଯ୍ୟାତିତ ହେଉଛନ୍ତି । ସେ ସ୍କୁଲ୍ ହେଉ କି' ଘର ହେଉ କିମ୍ବା ପାଖ ପଡ଼ୋଶୀ। ଏଭଳି ସ୍ତରରେ ନାବାଳିକାଙ୍କ ପାଇଁ ଏକ ସୁରକ୍ଷିତ ବାତାବରଣ ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ଏହି ମର୍ମରେ ହାଇକୋର୍ଟ ପ୍ରତ୍ୟେକ ଜିଲ୍ଲା ଜଜ୍‌କୋର୍ଟଙ୍କୁ ଚିଠି ଲେଖିଛନ୍ତି । ଜିଲ୍ଲାଜଜ୍ କୋର୍ଟ ପକ୍ଷରୁ ସେମାନଙ୍କ ଅଞ୍ଚଳର ବୁଦ୍ଧିଜୀବୀ, ବିଭିନ୍ନ ସାମାଜିକ ଅନୁଷ୍ଠାନ, ବିଶେଷଜ୍ଞମାନଙ୍କୁ ନେଇ ଏକ ବୈଠକ ଡାକିବାକୁ କୁହାଯାଇଛି । ଏହି ବୈଠକର ନିଷ୍କର୍ସ ଯାହା ଆସିଲା ସେ ସଂକ୍ରାନ୍ତରେ ଏକ ରିପୋର୍ଟ ହାଇକୋର୍ଟଙ୍କୁ ଅବଗତ କରିବେ । ପ୍ରତ୍ୟେକ ଜିଲ୍ଲାସ୍ତରରୁ ଆସିଥିବା ପ୍ରସ୍ତାବକୁ ନେଇ ହାଇକୋର୍ଟ ଏକ ରିପୋର୍ଟ ପ୍ରସ୍ତୁତ କରିବା ସହ ସେ ସଂକ୍ରାନ୍ତରେ ସରକାରଙ୍କୁ ଅବଗତ କରିବେ । ହାଇକୋର୍ଟର ଜୁଭେନାଇଲ୍ ଜଷ୍ଟିସ୍ କମିଟି ପକ୍ଷରୁ ପ୍ରତ୍ୟେକ ଜିଲ୍ଲାଜଜଙ୍କୁ ଏହି ଚିଠି ଲେଖାଯାଇଛି। ଏଥିରେ ଜାତୀୟ ସ୍ତରରେ ଝିଅମାନେ କିପରି ଅସୁରକ୍ଷିତ ହୋଇପଡ଼ିଛନ୍ତି ତାହାର ଏକ ରିପୋର୍ଟ ସଂକ୍ରାନ୍ତରେ ମଧ୍ୟ ଉଲ୍ଲେଖ କରାଯାଇଛି । ଜିଲ୍ଲାଜଜ୍‌ମାନେ ବୈଠକ କରିବା ପରେ ତାହାକୁ ଆଧାର କରି କିପରି ରିପୋର୍ଟ ପ୍ରସ୍ତୁତ କରିବେ ସେ ସଂକ୍ରାନ୍ତରେ ମଧ୍ୟ କୁହାଯାଇଛି । ଏହି ଚିଠିରେ କୁହାଯାଇଛି ଯେ, ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାଜଜ୍‌ଙ୍କ ଅଧକ୍ଷତାରେ ଜୁଭେନାଇଲ ଜଷ୍ଟିସ୍(ଜେଜେ) ଉପରେ ଏକ ବିଚାର, ଆଲୋଚନା କରଯିବ। ଉକ୍ତ ବୈଠକର ବିଷୟବସ୍ତୁ ରହିବ 'ଶିଶୁ କନ୍ୟାଙ୍କ ସୁରକ୍ଷା,ଦେଶରେ ଝିଅଙ୍କ ପାଇଁ ଏକ ସୁରକ୍ଷିତ ବାତାବରଣ ସୃଷ୍ଟି କରିବା' । କୋର୍ଟ କାର୍ଯ୍ୟରେ ବାଧା ସୃଷ୍ଟି ନକରି ଏହି ଆଲୋଚନାର ଆୟୋଜନ କରାଯିବ । ଯେଉଁମାନଙ୍କର ଏହା ଉପରେ ଅଭିଜ୍ଞତା ଥିବ ସେହିଭଳି ଲୋକଙ୍କୁ ଉକ୍ତ ବୈଠକକୁ ନିମନ୍ତ୍ରଣ କରାଯିବ । ବୈଠକରୁ ଯାହା ନିଷ୍କର୍ସ ଆସିବ ତାହାର ଗୁରୁତ୍ୱପୂର୍ଣ ପରାମର୍ଶଗୁଡ଼ିକୁ ଚଳିତମାସ ୩୦ ତାରିଖ ପୂର୍ବରୁ ହାଇକୋର୍ଟର ଜେଜେ କମିଟିକୁ ପଠାଇବାକୁ କୁହାଯାଇଛି। ହାଇକୋର୍ଟ ଏହି ଚିଠିରେ ଦେଶର ଝିଅଙ୍କ ଉପରେ ହେଉଥିବା ଅତ୍ୟାଚାର ତଥା ହିଂସାର ଏକ ଚିତ୍ର ମଧ୍ୟ ଦେଇଛନ୍ତି। ଡବ୍ଲୁଏଚ୍‌ଓ ଡାଟାକୁ ଉଦ୍ଧାର କରି ହାଇକୋର୍ଟ ଏହି ଚିଠିରେ ଝିଅମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ଉଲ୍ଲେଖ କରିଛନ୍ତି । ପ୍ରତ୍ୟେକ ସମାଜରେ ବହୁ ସଂଖ୍ୟାରେ ଝିଅମାନେ ଛୋଟବେଳେ ଅନେକ ଖରାପ ଅନୁଭୂତିର ଶିକାର ହୋଇଥାନ୍ତି । ଯେତିକି ସଂଖ୍ୟାରେ ଝିଅମାନଙ୍କୁ ନେଇ ହିଂସା, ଯୌନ ନିର୍ଯାତନା ଆଦି ଘଟିଥାଏ ସେଥିରୁ ବହୁ ଖବର ଲୋକଲୋଚନକୁ ଆସେନାହିଁ ବା ଏନେଇ କେହି ପାଟି ଖୋଲତି ନାହିଁ । ଏହିଭଳି ଶିଶୁମାନଙ୍କୁ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡ଼ିଥାଏ । ଏଥିପାଇଁ ସେମାନଙ୍କୁ ମାନସିକ ନିର୍ଯତନା ମଧ୍ୟ ଭୋଗ କରିବାକୁ ପଡ଼ିଥାଏ। ସମଗ୍ର ବିଶ୍ୱରେ ଯେତିକି ପିଲା ଅଛନ୍ତି ସେଥିରୁ ଅର୍ଦ୍ଧାଧିକ ପିଲା କୌଣସି ନା କୌଣସି ପ୍ରକାର ହିଂସାର ଶିକାର ହୋଇଥାନ୍ତି। ଅନେକ ପିଲା ନିଜ ଘରେ ହିଂସାର ଶିକାର ହୋଇଥାନ୍ତି । ପ୍ରତି ଚାରି ଜଣରୁ ତିନିଜଣ ପିଲା ସେମାନଙ୍କର ଯତ୍ନ ନେଉଥିବା ବ୍ୟକ୍ତି ବା ଆଖପାଖ ଲୋକଙ୍କ ଦ୍ୱାରା ନିର୍ଯତନାର ଶିକାର ହୋଇଥାନ୍ତି । ବିଦ୍ୟାଳୟ ସ୍ତରରେ ମଧ୍ୟ ଝିଅମାନଙ୍କୁ ନିର୍ଯାତନାର ଶିକାର ହେବାକୁ ପଡ଼ିଥାଏ । ବିଶ୍ୱରେ ପାଖାପାଖ ୧୩୦ ନିୟୁତ(ମିଲିୟନ) (ପ୍ରତି ତିନି ଜଣରେ ଜଣେରୁ ଅଧିକ) ଛାତ୍ରୀ ଯେଉଁମାନଙ୍କର ବୟସ ୧୩ରୁ ୧୫ବର୍ଷ ସେମାନେ ନିର୍ଯାତିତ ହୋଇଥାନ୍ତି । ଶିଶୁମାନଙ୍କ ଅଧିକାରର ସୁରକ୍ଷା ପାଇଁ ଦେଶରେ ଅନେକ ଆଇନ ମଧ୍ୟ ରହିଛି । ଜୁଭେନାଇଲ୍ ଜଷ୍ଟିସ୍ ଆଇନ, ବାଲ୍ୟ ବିବାହ ନିରୋଧ ଆଇନ, ଯୌନ ନିର୍ଯାତନା ସୁରକ୍ଷା ଆଇନ, ଶଡିଶୁ ଶ୍ରମିକ ନିରୋଧ ଆଇନ, ଶିଶୁଙ୍କୁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷା ଆଦି ଆଇନ ରହିଛି । ଏହାବାଦ୍ କେନ୍ଦ୍ର ସରକାର ଝିଅଙ୍କ ପାଇଁ ଆହୁରି କେତେକ ଆଇନ ଆଣିଛନ୍ତି । ତେବେ ଏ କ୍ଷେତ୍ରରେ ଆଇନଗତ ସହାୟତାର ବଡ଼ ଆବଶ୍ୟକତା ରହିଥିଲାବେଳେ ଏହି ବୈଠକ ଝିଅମାନଙ୍କ ପାଇଁ ଏକ ସୁନ୍ଦର ବାତାବରଣ ସୃଷ୍ଟି କରିବାରେ ସହାୟକ ହେବ।

## ଶ୍ରୀ ଶିରିଡ଼ି ସାଇବାବାଙ୍କ ଚଭାଡ଼ି ଶୋଭାଯାତ୍ରା



କଟକ, (ସ୍ୱପ୍ର): ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ପ୍ରୋଜିଟ୍ ଡିଭିଜନ ଶ୍ରୀ ଶ୍ରୀ ଶିରିଡ଼ି ସାଇ ମନ୍ଦିର ପକ୍ଷରୁ ଗୁରୁବାର ଦିନ ବାବାଙ୍କ ପବିତ୍ର ଚଭାଡ଼ି ଶୋଭାଯାତ୍ରା ଏକ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହୋଇଥିଲା । ବିଧିପୂର୍ବକ ପ୍ରାତଃ ଅଭିଷେକ, ପୂଜାର୍ଚ୍ଚନା, ମଙ୍ଗଳ ଆଳତୀ ପରେ ଅପରାହ୍ନରେ ଏକ ସୁସଜ୍ଜିତ ପାଲିଙ୍କିରେ ବାବାଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା । ଘଣ୍ଟଘଣ୍ଟା, ବାଦ୍ୟ ଓ ଭଜନକୀର୍ତ୍ତନ ମଧ୍ୟରେ ଏକ ଭବ୍ୟ ଶୋଭାଯାତ୍ରାରେ ବାବାଙ୍କୁ ରୁଚି ପରିସରସ୍ଥିତ ଶ୍ରୀ ଲକ୍ଷେଶ୍ୱର ମନ୍ଦିରକୁ ନିଆଯାଇ ବିଶେଷ ପୂଜାର୍ଚ୍ଚନା ଓ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା । ଏହାପରେ ଖପୁରିଆ ନୂଆପଡ଼ା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାବାଙ୍କୁ ନିଆଯାଇ ନଗର ପରିକ୍ରମା କରାଯାଇଥିଲା । ବାବାଙ୍କ ମନ୍ଦିରର ମୁଖ୍ୟ ପୂଜକ ଚିତ୍ତରଂଜନ ପଣ୍ଡା ଓ ଲକ୍ଷେଶ୍ୱର ମନ୍ଦିରର ମୁଖ୍ୟ ପୂଜକ ନାରାୟଣ ମହାପାତ୍ର ପୂଜାର୍ଚ୍ଚନା ସହିତ ଆଳତୀ ପ୍ରଦାନ କରିଥିଲେ । ସାଇଆଶ୍ରିତା ଶ୍ରୀମତୀ ରଶ୍ମୀ ସାହୁ ଓ ଶ୍ରୀମତୀ ସଙ୍ଗୀତା ସାହୁ ପ୍ରମୁଖ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଇ ପରିବାର ପକ୍ଷରୁ ଉଲ୍ଲାସ ଚନ୍ଦ୍ର ବେହୁରା, ଶିଲ୍ପା ଦାସ, ଆଦ୍ୟାଶା ପଟ୍ଟନାୟକ, ହିମାଂଶୁ ମହାପାତ୍ର ଓ ମନୋରଂଜନ ଓଝା ପ୍ରମୁଖ ଅନେକ ଭକ୍ତ ଚଭାଡ଼ି ଶୋଭାଯାତ୍ରାରେ ଯୋଗଦେଇଥିଲେ ।

## ଜଗତ ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଆଶିଷ ନେଲେ ମୋହନ ଭାଗବତ

ପୁରୀ (ସବ୍ୟୁ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସଂଘଚାଳକ ଡ଼ାଃ ମୋହନ ଭାଗବତ ଗୁରୁବାର ସନ୍ଧ୍ୟାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସରସଂଘଚାଳକ ଡ଼ାଃ ମୋହନ ଭାଗବତ ପୁରୀ ଆସି ସମୁଦ୍ର କୂଳ ଗୋବର୍ଦ୍ଧନ ପୀଠରେ ଜଗତଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରି ଆଶୀର୍ବାଦ ନେଇ ଛନ୍ତି। ଏଥି ସହ ବିଭିନ୍ନ ଧର୍ମୀୟ ପ୍ରସଙ୍ଗରେ ଆଲୋଚନା କରି ମତାମତ ନେଇଛନ୍ତି ଶ୍ରୀଯୁକ୍ତ ଭାଗବତ । ପରେ କଡା ସୁରକ୍ଷା ବଳୟରେ ଶ୍ରୀମନ୍ଦିରକୁ ଯାଇ ଥିଲେ



ମୋହନ ଭାଗବତ କ୍ଷ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରି ସାନିଧ ଲାଭ କରିଛନ୍ତି ମୋହନ ଭାଗବତ ।

## ଖୋର୍ଦ୍ଧା ଜିଲ୍ଲା ଲିଗାଲ ସେଲ ଓ ଜିଲ୍ଲା ଅଧିବକ୍ତା ପରିଷଦ ପକ୍ଷରୁ ହର ଘର ତିରଙ୍ଗା ଶୋଭାଯାତ୍ରା

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଲିଗାଲ ସେଲ ଓ ଜିଲ୍ଲା ଅଧିବକ୍ତା ପରିଷଦ ପକ୍ଷରୁ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା କୋର୍ଟ ପରିସରରୁ ଶତାଧିକ ଆଇନଜିବୀ ହାତରେ ତ୍ରିରଙ୍ଗା ଧରି ବ୍ୟାଙ୍କ ଛକ ପର୍ଯ୍ୟନ୍ତ ପଦଯାତ୍ରା କରି କୋର୍ଟ କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଲୋକଙ୍କ ତ୍ରିରଙ୍ଗା ପତାକା ବଂଟନ କରିଥିଲେ। ରାଜ୍ୟ ଅଧିବକ୍ତା ପରିଷଦ ସଭାପତି ଅଜିତ ପଟନାୟକ, ଜିଲ୍ଲା ବିଜେପି ଆଇନ ପ୍ରକୋଷ୍ଠ କୋର୍ଡିନଟର ଲୋତକ ବିନ୍ଦୁ ପଟନାୟକ, ଜିଲ୍ଲା ଅଧିବକ୍ତା ସଭାପତି ପବିତ୍ରମୋହନ ରାଜଗୁରୁ. ଖୋର୍ଦ୍ଧା ଓକିଲ ସଙ୍ଘ ସଭାପତି ଜୀବନ ଜ୍ୟୋତି ମିଶ୍ର, ମନୋଜ ପଟନାୟକ, ଅଜିତ ମିଶ୍ର, ଆରତୀ ପଟନାୟକ, ଗଜଲକ୍ଷ୍ମୀ ଷଡ଼ଙ୍ଗୀ, ନିରଞ୍ଜନ କର, ବସନ୍ତ ଭଞ୍ଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



### ହୋଟେଲ ଦ ନ୍ୟୁ ମାରିୟନ୍‌ରେ 'ସିଲ୍କ ଇଣ୍ଡିଆ' ପ୍ରଦର୍ଶନୀ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଓଡିଶା କଳା ଓ ହସ୍ତଶିଳ୍ପ ସମିତିର ସମଗ୍ର ଭାରତର କାରିଗରମାନେ 'ସିଲ୍କ ଇଣ୍ଡିଆ- ୱେଡିଙ୍ଗ କଲେକ୍ସନ୍' ଥିମ୍ ସହିତ ପାର୍ବଣ ଋତୁର ଚାହିଦାକୁ ପୂରଣ କରିବା ପାଇଁ ନିଜର ଏଥ୍‌ନିକ୍ ୱେଭସ୍, ପାରମ୍ପରିକ ସିଲ୍କ ଓ କଟନ ଉତ୍ପାଦଗୁଡିକୁ ପ୍ରଦର୍ଶିତ କରିବା ପାଇଁ ଭୁବନେଶ୍ୱର ଆସିଛନ୍ତି। ଏହି ପ୍ରଦର୍ଶନୀ ତଥା ସେଲ୍ ଭୁବନେଶ୍ୱର ଜନପଥସ୍ଥିତ ହୋଟେଲ ଦ ନ୍ୟୁ ମାରିୟନଠାରେ ୧୪ – ୨୫ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ସକାଳ ୧୦ଟା ୩୦ରୁ ରାତି ୮ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଜାରି ରହିବ।

## ଭୋଟ ଚୋରି ପ୍ରସଙ୍ଗରେ କଟକ ନଗର କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

କଟକ, (ସବ୍ୟୁ):ଅଖିଳ ଭାରତୀୟ ଜାତୀୟ କଂଗ୍ରେସ କମିଟି ନିର୍ଦ୍ଦେଶ କ୍ରମେ ଆଜି କଟକ ନଗର କଂଗ୍ରେସ ପକ୍ଷରୁ ଭୋଟ ଚୋର-ଗାଦି ଛାଡ ପ୍ରସଙ୍ଗରେ ଏକ ମଶାଲ ଶୋଭାଯାତ୍ରା ଆଜି ସନ୍ଧ୍ୟାରେ ଦୋଳମୁଣ୍ଡାଇ ଛକ ଠାରୁ ବାହାରି ଗୌରୀଶଙ୍କର ପାର୍କ ଠାରେ ସମାପ୍ତ ହୋଇଥିଲା । ନିର୍ବାଚନ ଆୟୋଗ ପରି ଏକ ପବିତ୍ର ସାମ୍ବିଧାନିକ ଅନୁଷ୍ଠାନକୁ ହାତବାରିସି କରି ଏ ଦେଶର ଗଣତନ୍ତ୍ରକୁ ହତ୍ୟା କରୁଛି ବୋଲି ବିଧାୟିକା ସୋଫିଆ ଫିରଦୋସ ଅଭିଯୋଗ କରିଛନ୍ତି । ବିଜେପି ସରକାର ଦିବାଲୋକରେ ଗଣତନ୍ତ୍ରର ଅପହରଣ କରିଛି ବୋଲି ପୂର୍ବତନ ବିଧାୟକ ମହମ୍ମଦ ମୋକିମ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର




କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ନିକୁଞ୍ଜ ପସାୟତ, , ଶୈଳବାଳା ଜେନା, ଶରତ ଚନ୍ଦ୍ର ଶେଠୀ, ସୂର୍ଯ୍ୟକାନ୍ତ ରାଉତ, କର୍ପୋରେଟର ଲିଜାରାଣୀ ରାଉତ, ଜେ କାମେଶ୍ୱର ରାଓ, ବରିଷ୍ଠ କଂଗ୍ରେସ ନେତା ଅନିତା ନାୟକ, ଅମ୍ରିତା ଦାସ, କଳ୍ପନା ଦାସ, ଇର୍ସାଦ ଖାନ, ଜାକିର ହୁସେନ, ଚନ୍ଦନ ଦାସ, ସେକ ଆବିଦ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସୁରଜିତ ସାହୁ, ସ୍ମୃତି ରଞ୍ଜନ ରାଉତ, ସନ୍ତୋଷ କୁମାର ପାତ୍ର, ଗାୟତ୍ରୀ ମଲ୍ଲ, ସ୍ମିତା ସେନ, ଅଜୟ ଗୋଛାୟତ, ପ୍ରତାପ ପରିଡା, ଦୀପକ ପରିଡା, ଦିଲ୍ଲୀପ ନାୟକ, ପୂର୍ଣ୍ଣିମା ବେହେରା, ପ୍ରଭାତୀ ପଟ୍ଟନାୟକ, ମାମୁନି ମିଶ୍ର, ସେକ ଗୁଲାମ ମୋଇଦ୍ଦିନ, ହରେକୃଷ୍ଣ ବେହେରା, ମୀର ମୁଜାଫର ଅଲ୍ଲୀ, ରବୀନ୍ଦ୍ର ସାହୁ, ଭାଗବତ ସ୍ୱାଇଁ, ବିରଜା ଦାସ, ଶେଷଦେବ ବେହେରା, ରୂପକ ପାତ୍ର, ରାକେଶ ଦାସ, ଅରୁଣ ମହାପତ୍ର, ଅମର ତ୍ରିବେଦୀ, ଦୀପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋଷ୍ଠୀ ଉନ୍ନୟନ ପରିଷଦ ଝରଣାବିହାରର ଅଫିସ ଗୃହ ଉଦ୍‌ଘାଟିତ

ଭୁବନେଶ୍ୱର (ସବ୍ୟୁ): ଗୋଷ୍ଠୀ ଉନ୍ନୟନ ପରିଷଦ ଝରଣାବିହାର ଓ ବିଶୁଦ୍ଧାନନ୍ଦ ନଗରର ଅଫିସ ଗୃହର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଅଫିସ ଗୃହ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ବିଏମ୍‌ସି ଉପନଗରପାଳ ମଞ୍ଜୁଲତା କହଁର ଯୋଗ ଦେଇଥିଲେ। ପରିଷଦର ସଭାପତି ସୁଶାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂପାଦକ ବିଜୟ କୁମାର ସାହୁ ସମସ୍ତ କାର୍ଯ୍ୟକୁ ସୂଚାରୁରୂପେ ସଂପାଦନ କରିଥିଲେ। ବିଧାୟକ ଶ୍ରୀ ରାଉତ ସ୍ଥାନୀୟ ଅଞ୍ଚଳର ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ଏକ ସ୍ଥାୟୀ ପରିଷଦ ଗୃହ ନିର୍ମାଣରେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କୈଳାଶ ଚନ୍ଦ୍ର ପ୍ରଧାନ, ନିହାର ସାହୁ , ବଳଦେବ ମହାରଥା, ନିରଞ୍ଜନ ଜେନା, ପ୍ରଜ୍ଞାପାରମିତ ସାହୁ, ଲଲାଟ କିଶୋର ଭଞ୍ଜ, ଦୁର୍ଗା ଚରଣ ସାହୁ, କୂଳମଣି ମାଝୀ, ଶରତ ଚନ୍ଦ୍ର ଜେନା, ମୁରଲୀଧର ସାହୁ ଓ ଅକ୍ଷୟ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ । ସର୍ବଶେଷରେ ପରିଷଦ ପକ୍ଷରୁ ଅକ୍ଷୟ କୁମାର ବେହେରା, ବଳଦେବ ମହାରଥା ଏବଂ କୁମାରୀ ଜ୍ୟୋତିର୍ମୟୀ ସାହୁଙ୍କୁ ସେମାନଙ୍କ କୃତି ପାଇଁ ସୁଦର୍ଶନ ପ୍ରଧାନ ସ୍ମୃତି ସ୍ମାରକ ପ୍ରଦାନ କରାଯାଇଥିଲା ।

## ରାସ୍ତା ଅତିକ୍ରମ ବେଳେ ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

ଚୌଦ୍ୱାର,(ସ.ବ୍ୟୁ.) : ୧୬ନଂ. ଜାତୀୟ ରାଜପଥ ନିର୍ଗୁଣ୍ଡି ରେଳ ଷ୍ଟେସନ ସମ୍ମୁଖରେ ଜଣେ ବ୍ୟକ୍ତି ମୁଖ୍ୟ ରାସ୍ତା ଅତିକ୍ରମ କରୁଥିବାବେଳେ ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁବରଣ କରିଥିବା ନେଇ ସୂଚନା ମିଳିଛି । ମୃତ ବ୍ୟକ୍ତିଙ୍କର ପରିଚୟ ମିଳିପାରିନଥିବା ବେଳେ ତାଙ୍କ ପାଖରେ ଥିବା ବ୍ୟାଗରୁ ପୁରୁଣା ପ୍ୟା଼ ସାର୍ଟ ବ୍ୟତୀତ କୌଣସି ପରିଚୟ ପତ୍ର ମିଳିନଥିଲା । ଦୁର୍ଘଟଣା ଘଟିବା ପରେ ସ୍ଥାନୀୟ ଲୋକେ ଟାଙ୍ଗୀ ପୁଲିସ୍ ଓ ଜାତୀୟ ରାଜପଥ ଆମ୍ବୁଲାନ୍ସକୁ ଖବର ଦେଇଥିଲେ । ପୁଲିସ୍ ଘଟଣାସ୍ଥଳରେ ପହଂଚି ମୃତଶରୀରକୁ ଶବବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ଶିବପ୍ରସାଦ ଭଦ୍ରା ସୂଚନା ପ୍ରଦାନ କରିଛନ୍ତି ।

## ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ହର ଘର ତ୍ରିରଙ୍ଗା ଶୋଭାଯାତ୍ରା

ଖୋର୍ଦ୍ଧା, (ସବ୍ୟୁ) : କାଇପଦରସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ହରଘର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ କିଶୋର ଛୋଟରାୟ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନଙ୍କ ସହିତ ସମସ୍ତ ଛାତ୍ରଛାତ୍ରୀ ୫ଶହ ଫୁଟ ଲମ୍ବ ତ୍ରିରଙ୍ଗା ପତାକାଧରି ନିକଟସ୍ଥ ଗ୍ରାମ ମାଧପୁରୁ ସାଆନ୍ତା, କାଇପଦର ପରିକ୍ରମା କରିବା ସହିତ ଘରେ ଘରେ ତ୍ରିରଙ୍ଗା ପତାକା ବଂଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍, ଏନ୍‌ସିସି, ୱାଇଆରସି ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ଶୋଭାଯାତ୍ରା କୁ ପରିଚାଳନ କରିଥିଲେ।













































# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କଲେ କେନ୍ଦ୍ରଶିକ୍ଷା ମନ୍ତ୍ରୀ

ପୁରୀ (ସବ୍ୟୁ): ଗୁରୁବାର ଦିନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରି ନିଜକୁ ଭାଗ୍ୟବାନ ମନେ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ। ଏହି ଅବସରରେ ସେ କହିଛନ୍ତି ସୌଭାଗ୍ୟର କଥା ମହାପ୍ରଭୁଙ୍କ ଡାକରା ଆସିଲା। ତେଣୁ ସେ ଆସି ମହାପ୍ରଭୁଙ୍କ ଦର୍ଶନ କଲେ। ରାଜ୍ୟକୁ, ଦେଶକୁ ଓ ମାନବଜାତିକୁ ମହାପ୍ରଭୁ ଆର୍ଶୀବାଦ କରନ୍ତୁ। ନିଜ ମନର ଭାବନା ବ୍ୟକ୍ତ କରି କହିଛନ୍ତି ଶ୍ରୀ ପ୍ରଧାନ । ଜାତୀୟ ଶିକ୍ଷା ନୀତି ଉପରେ ଜଣେ ଗୁରୁଜନଙ୍କ ପରାମର୍ଶ ନେଲେ ଧର୍ମେନ୍ଦ୍ର ପ୍ରଧାନ। ଓଡିଶାର ସମସ୍ତ ପ୍ରାଥମିକ ସ୍କୁଲରେ ଓଡିଆ ଭାଷାରେ ପାଠପଢା ହେଉ ବୋଲି ଜଣେ ଗୁରୁଜନ କହିଛନ୍ତି। ଇଁରାଜୀ ସ୍କୁଲରେ ମଧ ଓଡିଆରେ ପାଠପଢା ହେଉ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନିଜ ମାତୃ ଭାଷା ଓଡିଆରେ ପାଠପଢା ହେଉ। ଦର୍ଶନ କରି ଫେରିବା ପରେ ଏ ପ୍ରସଙ୍ଗରେ ସରକାରଙ୍କୁ ପରାମର୍ଶ ଦେଇ ଛନ୍ତି କେନ୍ଦ୍ରଶିକ୍ଷା ମନ୍ତ୍ରୀ। ଶ୍ରୀମନ୍ଦିର ଭିତରେ ଥିବା ସ୍କୁଲର ପୁନରୁଦ୍ଧାର ପ୍ରସଙ୍ଗ। ଏ ପ୍ରସଙ୍ଗରେ ଜିଲ୍ଲାପାଳ, ଶିକ୍ଷା ବିଭାଗ ସହ ଏ ବିଷୟରେ ଆଲୋଚନା କରିବି କହି ଛନ୍ତି ଶ୍ରୀ ପ୍ରଧାନ। ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗରେ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିକ୍ରିୟା ରଖି କହି ଛନ୍ତି ଯେ ସ୍ଥାନୀୟ ପ୍ରଶାସନ ଏ ଦିଗରେ ସଜାଗ ରହିଛି।

# ଚୌଦ୍ୱାର ମଣ୍ଡଳ ବିଜେପି ତରଫରୁ ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର

ଚୌଦ୍ୱାର, (ସ.ବୁ୍ୟ.) : ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ଚୌଦ୍ୱାର ପୌରପାଳିକାର ସାମଗ୍ରୀକ ବିକାଶ ଓ ସଠିକ୍ ଉପଯୋଗ ହୋଇପାରିବା ଉଦ୍ଦେଶ୍ୟରେ ଚୌଦ୍ୱାର ମଣ୍ଡଳ ବିଜେପି ସଭାପତି ମମତା ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କୁ ଏକ ଦଶଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ୱାର୍ଡ଼ ନଂ.୨ରେ ଥିବା ଅସମ୍ପୂର୍ଣ୍ଣ ମିନି ଷ୍ଟାଡ଼ିୟମର ସମ୍ପୂର୍ଣ୍ଣୀକରଣ, ୫୫ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣରେ ଉଚ୍ଛେଦ ହୋଇଥିବା ଉଠା ଦୋକାନୀମାନଙ୍କ ପାଇଁ ଭେଣ୍ଡିଙ୍ଗ୍ ଜୋନ୍ ନିର୍ମାଣ, ମଶାଣୀଗୁଡ଼ିକର ଉନ୍ନତିକରଣ, ଶବଦାହ ପାଇଁ ଇଲେକ୍ଟ୍ରିକ୍ ଚୁଲା ନିର୍ମାଣ, ଟାଉନ୍ ହଲକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ କରିବା, ମାଗୁରା ବୋଟିଙ୍ଗ୍ କ୍ଲବ୍‌ର ସମ୍ପୂର୍ଣ୍ଣୀକରଣ ଇତ୍ୟାଦି ବିଭିନ୍ନ ଦାବି ଉଲ୍ଲେଖ ରହିଛି । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ସନ୍ତୋଷ କୁମାର ସାହୁ, ବିଷ୍ଣୁଚରଣ ପରିଡ଼ା, ପ୍ରଶାନ୍ତ ବିଶ୍ୱାଳ, ଚିନ୍ମୟ ବେହେରା, ଭାବଗ୍ରାହୀ ପଟ୍ଟନାୟକ, ନଗେନ୍ଦ୍ର ସାହୁ, ଶଶିକାନ୍ତ ନାୟକ, ସୁମିତ୍ରା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।













# ୧୦୯୦ ସାହସିକତା, ସେବା ପଦକ ପ୍ରଦାନ

## ଓଡ଼ିଶାର ୯ ଜଣଙ୍କୁ ସାହସିକତା ପଦକ, ୨ ଜଣଙ୍କୁ ବିଶିଷ୍ଟ ସେବା ପାଇଁ

ନୂଆଦିଲ୍ଲୀ: ସ୍ୱାଧୀନତା ଦିବସ ୨୦୨୫ ଉପଲକ୍ଷେ ମୋଟ୍ ୧୦୯୦ ଜଣ ପୁଲିସ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ଏବଂ ସଂସ୍କାର ସେବା କର୍ମୀଙ୍କୁ ସାହସିକତା ଓ ସେବା ପଦକ ପ୍ରଦାନ କରାଯାଇଛି। ଦେଶର ୨୩୩ ଜଣ କର୍ମୀଙ୍କୁ ସାହସିକତା ପଦକ, ୯୯ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ଏବଂ ୭୫୮ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଛି । ସାହସିକତା ପଦକ ପାଇଥିବା ୨୩୩ ଜଣଙ୍କ ମଧ୍ୟରେ ୨୨୬ ଜଣ ପୁଲିସ, ୬ ଜଣ ଅଗ୍ନିଶମ ଏବଂ ଜଣେ ଲେଖାଏଁ ଗୃହରକ୍ଷୀ ଓ ବେସାମରିକ ସେବା କର୍ମୀ ରହିଛନ୍ତି । ଓଡ଼ିଶାର ମୋଟ୍ ୯ ଜଣଙ୍କୁ ସାହସିକତା ପଦକ ପ୍ରଦାନ କରାଯାଇଛି। ସେହିପରି ୨ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ଏବଂ ୧୧ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ମିଳିଛି । ଓଡ଼ିଶାର ୨ ଜଣ ଅଗ୍ନିଶମ କର୍ମଚାରୀଙ୍କୁ ପ୍ରଶଂସନୀୟ ସେବା ପଦକ ମିଳିଛି । ସେହିପରି ରାଜ୍ୟର ବେସାମରିକ ପ୍ରତିରକ୍ଷା ଏବଂ ଗୃହରକ୍ଷୀ ବିଭାଗର ୨ ଜଣ କର୍ମୀ ମଧ୍ୟ ପ୍ରଶଂସନୀୟ ସେବା ପଦକ ପାଇଛନ୍ତି । ସଂସ୍କାର ସେବା କ୍ଷେତ୍ରରେ ଜଣଙ୍କୁ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ଏବଂ ୨ ଜଣଙ୍କୁ ପ୍ରଶଂସନୀୟ ସେବା ପଦକ ମିଳିଛି। ସାହସିକତା ପଦକ ପାଇଥିବା କର୍ମୀମାନେ ହେଲେ ପୁଲିସ ଏସଆଇ ଅମରେଶ ଚନ୍ଦ୍ର ନରେନ୍ଦ୍ର, କନେଷ୍ଟବଳ ଜିତେନ୍ଦ୍ର କୁମାର ନାୟକ, ଓଏପିଏଫ କର୍ମୀ ଅର୍ଜୁନ ମଲ୍ଲିକ ଓ ଯୁଦ୍ଧିଷ୍ଠିର ମଲ୍ଲିକ, ହାବିଲଦାର ଅଶ୍ୱିନୀ କୁମାର ବାଗ ଏବଂ କମାଣ୍ଡୋ ଡମ୍ବରୁଧର ଭୋଇ, ନବୀନ କୁମାର ସାହୁ, ପ୍ରଦୀପ ଶ୍ରେଷ୍ଠ ଓ ଅଭିମନ୍ୟୁ ମାଝୀ। ସେହିପରି ଓଡ଼ିଶା ପୁଲିସର ଅତିରିକ୍ତ




ଅଧିକ୍ଷକ ରବୀନ୍ଦ୍ର କୁମାର ପଣ୍ଡା ଏବଂ କମାଣ୍ଡାଣ୍ଟ ନରେଶ କୁମାର ପଟେଲ ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ପାଇବାକୁ ମନୋନିତ ହୋଇଛନ୍ତି । ଓଡ଼ିଶାର ୧୧ ଜଣଙ୍କୁ ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରଶଂସନୀୟ ସେବା ପଦକ ପାଇଁ ମନୋନିତ କରାଯାଇଛି। ସେମାନେ ହେଲେ ସହାୟକ ମହାନିରୀକ୍ଷକ (ଏଆଇଜି) ମହେଶ୍ୱର ସେଠୀ, ଅତିରିକ୍ତ ଏସପି ପ୍ରଦୀପ କୁମାର ପ୍ରଧାନ, ଅତିରିକ୍ତ ଏସପି ଦେବେନ୍ଦ୍ର ନାରାୟଣ ଦାଶ, ଡିଏସପି ଆଶୀଷ କୁମାର ରାଉତ, ଇନ୍ସପେକ୍ଟର ଏ ଶ୍ରୀନିବାସ ଦୋରା, ଡିଏସପି ହେମାମାଳିନୀ ନାୟକ, କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ, ଇନ୍ସପେକ୍ଟର ସନ୍ତୋଷ କୁମାର ମିର୍ଦ୍ଧା, ଏଏସଆଇ ଅରୁଣ କୁମାର ସାମନ୍ତ, ଏଏସଆଇ ଅରବିନ୍ଦ ଦାସ ଏବଂ କନେଷ୍ଟବଳ ଚିନ୍ମୟୀ ରାଉତ। ଧନଜୀବନ ରକ୍ଷା, ଅପରାଧ ରୋକିବା କିମ୍ବା ଅପରାଧୀଙ୍କୁ ଗିରଫ କରିବା ଭଳି ବିରଳ ସାହସିକତା କାର୍ଯ୍ୟ ଏବଂ ଉତ୍କୃଷ୍ଟ ସାହସିକତା କାର୍ଯ୍ୟ ଆଧାରରେ ସାହସିକତା ପଦକ ପ୍ରଦାନ କରାଯାଇଥାଏ। ଏଥିରେ ସମ୍ପୃକ୍ତ କର୍ମଚାରୀଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ନିର୍ବାହରେ ବିପଦକୁ ଆକଳନ କରି ଏହି ପଦକ ଦିଆଯାଇଥାଏ। ୨୩୩ଟି ସାହସିକତା ପଦକ ପାଇଥିବା କର୍ମୀଙ୍କ ମଧ୍ୟରୁ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ୫୪ ଜଣ, ଜମ୍ମୁ ଏବଂ କାଶ୍ମୀର ଅଞ୍ଚଳର ୧୫୨ ଜଣ, ଉତ୍ତର-ପୂର୍ବାଞ୍ଚଳର ୩ ଜଣ ଏବଂ ଅନ୍ୟାନ୍ୟ ଅଞ୍ଚଳର ୨୪ ଜଣ କର୍ମଚାରୀଙ୍କୁ ସେମାନଙ୍କ ସାହସିକ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଛି। ସେବା ନିର୍ବାହ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ରେକର୍ଡ ପାଇଁ ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ ପ୍ରଦାନ କରାଯାଏ ଏବଂ ସମ୍ବଳ ଓ କର୍ତ୍ତବ୍ୟ ନିର୍ବାହ ପ୍ରତି ନିଷ୍ଠା ଦ୍ୱାରା ପରିଭାଷିତ ମୂଲ୍ୟବାନ ସେବା ପାଇଁ ପ୍ରଶଂସନୀୟ ସେବା ପଦକ ପ୍ରଦାନ କରାଯାଇଥାଏ। ବିଶିଷ୍ଟ ସେବା ପାଇଁ ରାଷ୍ଟ୍ରପତି ପଦକ ପାଇଥିବା ୯୯ ଜଣ କର୍ମୀଙ୍କ ମଧ୍ୟରୁ ୮୯ ଜଣ ପୁଲିସ, ୫ ଜଣ ଅଗ୍ନିଶମ, ୩ ଜଣ ବେସାମରିକ ସେବା ଓ ଗୃହରକ୍ଷୀ ଏବଂ ୨ ଜଣ ସଂସ୍କାର ସେବା କର୍ମଚାରୀ ରହିଛନ୍ତି । ସେହିପରି ପ୍ରଶଂସନୀୟ ସେବା ପଦକ ପାଇଥିବା ୭୫୮ ଜଣଙ୍କ ମଧ୍ୟରେ ୬୩୫ ଜଣ ପୁଲିସ କର୍ମୀ, ୫୧ ଜଣ ଅଗ୍ନିଶମ କର୍ମୀ, ୪୧ ଜଣ ବେସାମରିକ ସେବା ଓ ଗୃହରକ୍ଷୀ କର୍ମୀ ଏବଂ ୩୧ ଜଣ ସଂସ୍କାର ସେବା କର୍ମୀ ଅଛନ୍ତି ।

## ୩୬ ଜଣ ବାୟୁସେନା ସୈନିକଙ୍କୁ ମିଳିବ ବୀରତା ପୁରସ୍କାର

ନୂଆଦିଲ୍ଲୀ: ସ୍ୱାଧୀନତା ଦିବସ (ଅଗଷ୍ଟ ୧୫) ଅବସରରେ ଭାରତୀୟ ବାୟୁସେନାର ମୋଟ ୩୬ ଜଣ ବାୟୁସେନା ସୈନିକଙ୍କୁ ସାହସ ଏବଂ ଅଦମ୍ୟ ସାହସିକତା ପ୍ରଦର୍ଶନ କରିଥିବାରୁ ବୀରତା ପୁରସ୍କାର ପ୍ରଦାନ କରାଯିବ। 'ଅପରେନ୍ ସିନ୍ଦୂର'ରେ ସେମାନଙ୍କ ବୀରତ୍ୱ ପାଇଁ ସେମାନନଙ୍କୁ ସମ୍ମାନିତ କରାଯିବ। ଏହି କ୍ରମରେ ୱିଙ୍ଗ୍ କମାଣ୍ଡର୍ ଅଭିମନ୍ୟୁ ସିଂହଙ୍କୁ ସୌର୍ଯ୍ୟ ଚକ୍ରରେ ସମ୍ମାନିତ କରାଯିବ।ଏହାସହିତ ୯ ଜଣ ଯବାନଙ୍କୁ ବୀରଚକ୍ର ପୁରସ୍କାରରେ ସମ୍ମାନିତ କରାଯିବ। ଏହି ସମ୍ମାନ ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଗ୍ରୁପ୍ କ୍ୟାପଟେନ୍ ରଞ୍ଜିତ ସିଂହ ସିଦ୍ଧୁ, ମନୀଷ ଆରୋରା, ଅନିମେଶ ପାଟନୀ, କୁନାଲ କାଲରା, ୱିଙ୍ଗ କମାଣ୍ଡର ଜୟ ଚନ୍ଦ୍ର, ସ୍କ୍ୱାଡ୍ରନ୍ ଲିଡର ସାର୍ଥକ କୁମାର, ସିଦ୍ଧାନ୍ତ ସିଂହ, ରିଜୱାନ ମଲିକ ଏବଂ ଫ୍ଲାଇଟ୍ ଲେଫ୍ଟନାଣ୍ଟ ଅର୍ଶବୀର ସିଂହ ଠାକୁର ଅଛନ୍ତି।ଅପରେସନ ସିନ୍ଦୂରରେ ନିଜର ଉଲ୍ଲେଖନୀୟ ନେତୃତ୍ୱ ପାଇଁ ଉତ୍ତରାଞ୍ଚଳ ସେନା କମାଣ୍ଡର ଲେଫ୍ଟନାଣ୍ଟ ଜେନେରାଲ ପ୍ରତୀକ ଶର୍ମା ଏବଂ ସାମରିକ ଅପରେସନର ମହାନିର୍ଦ୍ଦେଶକ (ଡିଜିଏମଏ) ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇଙ୍କୁ ସର୍ବୋତ୍ତମ ଯୁଦ୍ଧ ସେବା ପଦକ ପ୍ରଦାନ କରାଯିବ।

## ୯ ବାୟୁସେନା ପାଇଲଟଙ୍କୁ ବୀରଚକ୍ର



ନୂଆଦିଲ୍ଲୀ : ଅପରେସନ ସିନ୍ଦୂରରେ ପାକିସ୍ତାନସ୍ଥିତ ଆତଙ୍କୀ ଶିବିର ଉପରେ ଏୟାରଷ୍ଟ୍ରାଇକ୍ କରିଥିବା ୯ ଜଣ ଭାରତୀୟ ବାୟୁସେନା ପାଇଲଟଙ୍କୁ ବୀର ଚକ୍ରରେ ସମ୍ମାନିତ କରାଯିବ । ଏହି ସମ୍ମାନ ପାଇଥିବା ବ୍ୟକ୍ତିଙ୍କ ମଧ୍ୟରେ ଗ୍ରୁପ୍ କ୍ୟାପଟେନ୍ ରଞ୍ଜିତ ସିଂହ ସିଦ୍ଧୁ, ମନୀଷ ଆରୋରା, ଅନିମେଶ ପାଟନୀ, କୁନାଲ କାଲରା, ୱିଙ୍ଗ କମାଣ୍ଡର ଜୟ ଚନ୍ଦ୍ର, ସ୍କ୍ୱାଡ୍ରନ୍ ଲିଡର ସାର୍ଥକ କୁମାର, ସିଦ୍ଧାନ୍ତ ସିଂହ, ରିଜୱାନ ମଲିକ ଏବଂ ଫ୍ଲାଇଟ୍ ଲେଫ୍ଟନାଣ୍ଟ ଅର୍ଶବୀର ସିଂହ ଠାକୁର ଅଛନ୍ତି। ଭାରତ ପକ୍ଷରୁ ମେ ୬-୭ ରାତିରେ ପାକିସ୍ତାନର ମୁରିଦକେ, ବାହାଓ୍ୱଲପୁର ଓ ଅନ୍ୟ କେତେକ ସ୍ଥାନରେ ଥିବା ଆତଙ୍କବାଦୀ ଶିବିର ଉପରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା ।ଭାରତ ପକ୍ଷରୁ ମେ ୬-୭ ରାତିରେ ପାକିସ୍ତାନର ମୁରିଦକେ, ବାହାଓ୍ୱଲପୁର ଓ ଅନ୍ୟ କେତେକ ସ୍ଥାନରେ ଥିବା ଆତଙ୍କବାଦୀ ଶିବିର ଉପରେ ଏୟାରଷ୍ଟ୍ରାଇକ୍ କରାଯାଇଥିଲା । ଏହାର ଜବାବରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ ବି ଭାରତର ପ୍ରଚଣ୍ଡ ବ୍ରହ୍ମସ ଆକ୍ରମଣରେ ପାକିସ୍ତାନ ବ୍ୟାପକ କ୍ଷତି କହିଥିଲେ । ଏହି ଲଢେଇରେ ପାକିସ୍ତାନ ଅତିକମରେ ୫ଟି ଲଢୁଆ ବିମାନ ଓ ଗୋଟିଏ ସାମରିକ ବିମାନ ନଷ୍ଟ କରିଦେଇଥିଲା । ସୂଚନାଯୋଗ୍ୟ ଯେ ବୀରଚକ୍ର ହେଉଛି ଭାରତର ୩ୟ ସର୍ବୋଚ୍ଚ ସାମରିକ ସମ୍ମାନ । ଦେଶର ସର୍ବୋଚ୍ଚ ସାମରିକ ସମ୍ମାନ ହେଉଛି ପରମବୀର ଚକ୍ର । ସେହିପରି ୨ୟ ସର୍ବୋଚ୍ଚ ସାମରିକ ସମ୍ମାନ ହେଉଛି ମହାବୀର ଚକ୍ର ।

## ୬୫ ଲକ୍ଷ ଭୋଟର ତାଲିକା ଜାରି କର: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ସୁପ୍ରିମକୋର୍ଟରେ ବିହାରର ଭୋଟର ତାଲିକା ସଂଶୋଧନ (ଏସଆଇଆର) ମାମଲାର ଶୁଣାଣି ଜାରି ରହିଛି। ଏହି ଶୁଣାଣି ଅବସରରେ ସୁପ୍ରିମକୋର୍ଟ ନିର୍ବାଚନ କମିସନଙ୍କୁ ପଚାରିଥିଲେ ଯେ କାହିଁକି ହଟାଯାଇଥିବା ୬୫ ଲକ୍ଷ ଲୋକଙ୍କର ତଥ୍ୟ ସାର୍ବଜନୀନ କରାଯାଇନାହିଁ । ଏହାକୁ ସାର୍ବଜନୀନ କରାଯାଉ । ନିର୍ବାଚନ କମିସନ କହିଛନ୍ତି ଠିକ୍ ଅଛି, ଯଦି ଏହା ଆପଣଙ୍କ ନିର୍ଦ୍ଦେଶ, ତେବେ ଆମେ ଏହା କରିବୁ ।ଶୁଣାଣି ସମୟରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ କହିଥିଲେ ଯେ ଆମେ ଚାହୁଁନାହୁଁ ଯେ ନାଗରିକଙ୍କ ଅଧିକାର ରାଜନୈତିକ ଦଳର କର୍ମୀଙ୍କ ଉପରେ ନିର୍ଭର କରୁ। କୋର୍ଟ କହିଥିଲେ ଯେ ଆପଣ ନିଶ୍ଚିତ ଭାବରେ ଶୁଣିଥିବେ ଯେ ଡ୍ରାଫ୍ଟ ତାଲିକାରେ ମୃତ କିମ୍ବା ଜୀବିତ ଲୋକଙ୍କ ବିଷୟରେ ଏକ ଗମ୍ଭୀର ବିବାଦ ଅଛି। କୋର୍ଟ କମିସନଙ୍କୁ ପଚାରିଥିଲେ ଯେ ଏପରି ଲୋକଙ୍କୁ ଚିହ୍ନଟ କରିବା ପାଇଁ ଆପଣଙ୍କ ପାଖରେ କେଉଁ ବ୍ୟବସ୍ଥା ଅଛି, ଯାହା ଦ୍ୱାରା ସେମାନଙ୍କ ପରିବାର ଜାଣିପାରିବେ ଯେ ସେମାନଙ୍କ ପରିବାର ସଦସ୍ୟ ମୃତ ଭାବରେ ତାଲିକାରେ ସାମିଲ କରାଯାଇଛି? ସୁପ୍ରିମକୋର୍ଟ କହିଛନ୍ତି ଯେ ଆପଣ ଡିଲିଟ ହୋଇଥିବା ଲୋକଙ୍କ ତାଲିକା ମଧ୍ୟ ୱେବସାଇଟରେ ରଖିବା ଉଚିତ, ଯାହା ଦ୍ୱାରା ଲୋକମାନେ ବାସ୍ତବତା ବିଷୟରେ ଅବଗତ ହୋଇପାରିବେ। କେଉଁ କାରଣରୁ ଡିଲିଟ ହୋଇଛି ତାହା ମଧ୍ୟ ସ୍ପଷ୍ଟ କରାଯାଉ ।

## ରୁଷ୍-ଆମେରିକା ବୈଠକ ସଫଳ ନହଲେ ପୁଣି ଟାରିଫ୍ ମାଡ଼

ନୂଆଦିଲ୍ଲୀ: ରୁଷ୍ ଓ ଆମେରିକା ବିବାଦ ମଧ୍ୟରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଭାରତ। ରୁଷାରୁ ବୈବସାୟିକ ସଂପର୍କ ଛିନ୍ନ ନକରିବାରୁ ଭାରତ ଉପରେ ରକ୍ତମୁଖା ହୋଇଛି ଆମେରିକା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରାଗରେ ଜର୍ଜରିତ ହୋଇ ଭାରତ ଉପରେ ୫୦ ପ୍ରତିଶତ ଟାରିଫ୍ ଲଗାଇ ଦେଇଛନ୍ତି। ଯାହାକି ଭାରତୀୟ ସେୟାର୍ ବଜାର ଉପରେ ଗଭୀର ପ୍ରଭାବ ପକାଇଛି।ଶୁକ୍ରବାର ଦିନ ଆଲାସ୍କାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ବୈଠକ ଉପରେ ସାରା ବିଶ୍ୱର ନଜର ରହିଛି। ଏହି ଦୁଇ ରାଷ୍ଟ୍ର ମଧ୍ୟରେ ଆଲୋଚନା ସଫଳ ହେଲେ ଯାହା ନିଷ୍କର୍ସ ବାହାରିବ। ହେଲେ ଯଦି ସେପରି କୌଣସି ସକାରାତ୍ମକ ଆଲୋଚନା ନହୁଏ ତେବେ ଏହାର ଖରାପ ପ୍ରଭାବ ଭାରତକୁ ପ୍ରଥମେ ପ୍ରଭାବିତ କରିବ। ଆମେରିକା ପୁଣି ଥରେ ଭାରତ ଉପରେ ଟାରିଫ୍ ବୃଦ୍ଧି କରିବ ବୋଲି ଆମେରିକାର ଅର୍ଥମନ୍ତ୍ରୀ ସ୍କାଟ୍ ବେସଣ୍ଟ କହିଛନ୍ତି।ସେ କହିଛନ୍ତି , "ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ହେବାକୁ ଥିବା ବୈଠକ ଆଧାରରେ ୱାଶିଂଟନ, ଭାରତ ଉପରେ ଦ୍ୱିତୀୟ ଟାରିଫ୍ ଲଗାଇବ।"ଉଲ୍ଲେଖଯୋଗ୍ୟ, ଆମେରିକା ୭ ଅଗଷ୍ଟରୁ ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଛି ଏବଂ ୨୭ ଅଗଷ୍ଟରୁ ୨୫% ଅତିରିକ୍ତ ଶୁଳ୍କ ଲାଗୁ ହେବ ବୋଲି କହିଛି । ଭାରତ ଉପରେ ଏହି ଶୁଳ୍କ ଲାଗୁ ହେବା ସହିତ, ରପ୍ତାନିରେ ହ୍ରାସ ହେବାର ସମ୍ଭାବନା ଅଛି। ଭାରତରୁ ଆମେରିକା ଯାଉଥିବା ସାମଗ୍ରୀର ମୂଲ୍ୟକୁ ମଧ୍ୟ ଏହା ପ୍ରଭାବିତ କରିବ । ଫଳରେ ଆମେରିକାରେ ବିକ୍ରି ହେଉଥିବା ଭାରତୀୟ ଉତ୍ପାଦନ ଗୁଡ଼ିକର ମୂଲ୍ୟବୃଦ୍ଧି ହେବାର ଆଶଙ୍କା ରହିଛି ।

## ଜୀବନ ଯୁଦ୍ଧରେ ହାରିଗଲେ ଜୟ

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି) : ସାରା ବିଶ୍ୱରେ ମହେନ୍ଦ୍ର ସିଂ ଧୋନୀଙ୍କ ଅସଂଖ୍ୟ ପ୍ରଶଂସକ ରହିଛନ୍ତି। ପଡିଆକୁ ଧୋନୀ ଓହ୍ଲାଇବା ମାତ୍ରେ ପ୍ରଶଂସକଙ୍କ ସେଲିବ୍ରେସନରେ ଷ୍ଟାଡିୟମ ଦୁଲୁକୁ ଥାଏ। ଗତ ୨୦୨୪ ଆଇପିଏଲ୍ ସିଜନରେ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ସୁରକ୍ଷା ବଳୟ ଭାଙ୍ଗି ଧୋନୀଙ୍କ ପାଖକୁ ଦୌଡି ଯାଇ ଜଣେ ଯୁବକ ପାଦ ଛୁଇଁଥିଲେ। ତାଙ୍କ ନାଁ ଜୟ ଜାନି। ଏହି ଘଟଣା ପରେ ସେ ବେଶ୍ ଚର୍ଚ୍ଚାରେ ଥିଲେ। କିନ୍ତୁ ହଠାତ୍ ତାଙ୍କର ମୃତ୍ୟୁ ଖବର ସମସ୍ତଙ୍କୁ ମର୍ମାହତ କରିଛି। ଏକ ଟ୍ରାକ୍ଟର ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଛି। ଜୟଙ୍କ ମୃତ୍ୟୁ ପରେ



ପ୍ରଶଂସକଙ୍କ ସୋସିଆଲ ମିଡିଆ ଦୁଃଖ ପ୍ରକାଶ କରିଛନ୍ତି ।ଜୟ ଟ୍ରାକ୍ଟରରେ ଚାଷ କରୁଥିବା ବେଳେ ଭାରସାମ୍ୟ ହରାଇ ଟ୍ରାକ୍ଟରଟି ଓଲଟି ପଡିଥିଲା। ଟ୍ରାକ୍ଟର ତଳେ ଜୟ ଚାପି ହୋଇଯାଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁଜରାଟର ଧାବ ନଗରର ରାବାରିକା ଗାଁର ବାସିନ୍ଦା ଜୟ ଧୋନୀଙ୍କର ସୁପରଫ୍ୟାନ୍ ଭାବେ ପରିଚିତ ଥିଲେ। ତାଙ୍କର ଇନ୍ଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବ୍ ଚ୍ୟାନେଲ ଧୋନୀ ଆସିକ୍ ଅଫିସିଆଲ୍‌ରେ ୧୮ ହଜାର ଫଲୋର୍ସ ଥିଲେ। ୧୩ ହଜାରରୁ ଅଧିକ ସବ୍‌ସ୍କ୍ରାଇବର ଥିଲେ। ଗତ ସିଜନ୍‌ରେ ଚେନ୍ନାଇର ପ୍ରଦର୍ଶନ ଖୁବ୍ ଖରାପ ଥିଲା। ଏପିରିକି ଦଳ ୧୪ ଟି ମ୍ୟାଚରୁ କେବଳ ୪ ଟି ଜିତିପାରିଥିଲା। ବର୍ତ୍ତମାନ ଧୋନୀ ପରବର୍ତ୍ତୀ ଆଇପିଏଲ୍ ସିଜନ୍ ପାଇଁ ଯୋଜନାକୁ ଏପର୍ଯ୍ୟନ୍ତ ନିଶ୍ଚିତ କରିନାହାଁନ୍ତି। କିଛି ମାସ ଚିନ୍ତା କରିବା ପରେ ଆଗାମ ଡିସେମ୍ବରରେ ନିଷ୍ପତ୍ତି ନେବେ। ଏପରି ସ୍ଥିତିରେ ପ୍ରଶଂସକ ଆଗାମୀ ଡିସେମ୍ବର ମାସ ପର୍ଯ୍ୟନ୍ତ ଅପେକ୍ଷା କରିବେ।


## ସିଏସ୍‌କୁ ଯିବେ ସାମସନ୍

ମୁମ୍ବାଇ, ୧୪।୮ (ଏଜେନ୍ସି) : ଆଇପିଏଲର ଲୋକପ୍ରିୟ ଖେଳାଳି ସଞ୍ଜୁ ସାମସନ୍ ରାଜସ୍ଥାନ ରୟାଲ୍ସ ଛାଡିବା ନିଶ୍ଚିତ ହୋଇଛି। ଏହି ଘଟଣା ଉପରେ ସମସ୍ତେ ନିରବ ରହିଥିଲେ ହେଁ ରାଜସ୍ଥାନ ରୟାଲ୍ସ ଖେଳାଳି ଟ୍ରେଡ୍ ପାଇଁ ବିଭିନ୍ନ ଫ୍ରାଞ୍ଚାଇଜ୍ ସହ ଯୋଗାଯୋଗ ଚଳାଇଛି। ସାମସନ୍‌ଙ୍କୁ ନେବା ପାଇଁ ଅନେକ ଫ୍ରାଞ୍ଚାଇଜ୍ ପ୍ରୟାସ କରୁଛନ୍ତି। ଚେନ୍ନାଇ ସୁପରକିଙ୍ଗ୍ସ ସାମସନଙ୍କୁ ନେବା ପାଇଁ ଆଗ୍ରହୀ ଥିଲେ ହେଁ ରାଜସ୍ଥାନ ରୟାଲ୍ସର ସର୍ତ୍ତରେ ରାଜି ହେଉନାହିଁ। ଟ୍ରେଡିଂରେ ରାଜସ୍ଥାନ ସାମସନ୍‌ଙ୍କ ବଦଳରେ ଦୁଇଜଣ ଖେଳାଳି ଚାହୁଁଛି। ପ୍ରଥମ ଖେଳାଳି ଭାବେ ରବିନ୍ଦ୍ର ଜାଡେଜା ଓ ଦ୍ୱିତୀୟ ଖେଳାଳି ଭାବେ ଋତୁରାଜ ଗାଇକ୍ୱାର୍ଡ କିମ୍ବା ଶିବମ୍ ଦୁବାଇଙ୍କ ମଧ୍ୟରୁ ଜଣଙ୍କୁ ନେବା ପାଇଁ ରାଜସ୍ଥାନ ପ୍ରସ୍ତାବ ଦେଇଛି। ଏହି ୩ ଜଣ ଖେଳାଳି ସୁପରକିଙ୍ଗ୍ସର ମେରୁଦଣ୍ଡ। ଦୁବେ ପୂର୍ବରୁ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିସାରିଛନ୍ତି। ସୂଚନା ଅନୁସାରେ ସୁପରକିଙ୍ଗ୍ସ କୌଣସି ଖେଳାଳିଙ୍କୁ ଛାଡିବାକୁ ଚାହୁଁନାହିଁ। ଆଗାମୀ ସିଜନ୍ ପୂର୍ବରୁ ତାଙ୍କୁ ଟ୍ରେଡ୍ କିମ୍ବା ରିଲିଜ୍ କରିବା ପାଇଁ ସାମସନ୍ ଗତ ୧୩ ତାରିଖରେ ରାଜସ୍ଥାନ ରୟାଲ୍ସକୁ ଅନୁରୋଧ କରିଥିଲେ। ଏହି ଘଟଣା ପ୍ରକାଶ ପାଇବା ପରେ ଫ୍ରାଞ୍ଚାଇଜ୍ ସହ ସାମସନଙ୍କ ମତଭେଦ ଥିବା ସ୍ପଷ୍ଟ ହୋଇଛି। ଫ୍ରାଞ୍ଚାଇଜ୍ ତାଙ୍କ କଥା ରଖୁନଥିବା ଅଭିଯୋଗ ହେଉଥିଲା। ନିକଟରେ ସାମସନ୍ ଏକ ପୋଡକାଷ୍ଟ ଅବସରରେ ଏହି ଘଟଣା ପ୍ରକାଶ କରିଥିଲେ। ଇଂଲଣ୍ଡ ବିପକ୍ଷ ଗତ ଘରୋଇ ସୀମିତ ଓଭର ଶୃଙ୍ଖଳା ସମୟରେ ସେ ବଟଲରଙ୍କୁ ସାକ୍ଷାତ କରି ଏ ବିଷୟରେ ଜଣାଇଥିଲେ। ମେଗା ନିଲାମରେ ଗୁଜରାଟ ଟାଇଟନ୍ସ ୧୫.୭୫ କୋଟି ଟଙ୍କାରେ ବଟଲରଙ୍କୁ କିଣିଥିଲା।

## ଅର୍ଜୁନ ତେନ୍ଦୁଲକରଙ୍କ ନିର୍ବନ୍ଧ ସମ୍ପନ୍ନ

ମୁମ୍ବାଇ, ୧୪।୮ (ଏଜେନ୍ସି) : ଭାରତୀୟ କ୍ରିକେଟ୍‌ର କିମ୍ବଦନ୍ତୀ ଖେଳାଳି ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ବିବାହ କରିବେ। ଦିନକ ଆଗରୁ ତାଙ୍କ ନିର୍ବନ୍ଧ ସମ୍ପନ୍ନ ହୋଇଛି। ଅର୍ଜୁନଙ୍କ ନିର୍ବନ୍ଧ ସାନିଆ ଚଣ୍ଡୋକଙ୍କ ସହ ହୋଇଛି। ରବି ଘାଇଙ୍କ ନାତୁଣୀ ସାନିଆ । ଘାଇ ପରିବାର ମୁମ୍ବାଇରେ ପ୍ରସିଦ୍ଧ ବ୍ୟବସାୟୀ ପରିବାର ଭାବେ ଜଣାଶୁଣା। ଇଣ୍ଟରକଣ୍ଟିନେଣ୍ଟାଲ୍ ମେରାଇନ୍ ଡ୍ରାଇଭ୍ ହୋଟେଲ ଓ ବ୍ରୁକଲିନ୍ କ୍ରିମରି ଆଇସକ୍ରିମ୍ ବ୍ରାଣ୍ଡର ମାଲିକ। ତେବେ ଏହାକୁ ନେଇ ସଚିନଙ୍କ ପରିବାର ପକ୍ଷରୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇନାହିଁ। ଆଇପିଏଲ୍ ୨୦୨୫ ଅର୍ଜୁନ ତେନ୍ଦୁଲକରଙ୍କ ପାଇଁ ନିରାଶଜନକ ରହିଥିଲା। ସମଗ୍ର ଟୁର୍ଣ୍ଣାମେଣ୍ଟରେ ତାଙ୍କୁ ଗୋଟିଏ ବି ମ୍ୟାଚ ଖେଳିବାର ସୁଯୋଗ ମିଳିନଥିଲା। ମୁମ୍ବାଇ ଇଣ୍ଡିଆନ୍ସ ମେଗା ନିଲାମରେ ତାଙ୍କୁ ୩୦ ଲକ୍ଷ ଟଙ୍କାରେ କିଣିଥିଲା। ମାତ୍ର ଦଳ ପକ୍ଷରୁ ତାଙ୍କୁ ଚୂଡାନ୍ତ ଏକାଦଶରେ ଥରେ ମଧ୍ୟ ସୁଯୋଗ ମିଳିନଥିଲା। ଏହି କାରଣରୁ ସମ୍ପୂର୍ଣ୍ଣ ସିଜନରେ ତାଙ୍କୁ ଦଳ ସହ ରହିବାକୁ ପଡିଥିଲା।

ଅର୍ଜୁନ ଏପର୍ଯ୍ୟନ୍ତ ୧୭ ଟି ପ୍ରଥମ ଶ୍ରେଣୀ , ୧୮ ଟି ଲିଷ୍ଟ ଏ ଏବଂ ୨୪ ଟି ଟି-୨୦ ମ୍ୟାଚ ଖେଳିଛନ୍ତି। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଅର୍ଜୁନ ୩୩.୫ ହାରରେ ୩୭ ୱିକେଟ୍ ନେଇଛନ୍ତି। ଏଥିସହ ୫୩୨ ରନ୍ ମଧ୍ୟ ସଂଗ୍ରହ କରିଛନ୍ତି। ସେହିପରି ଲିଷ୍ଟ ଏ ରେ ଅର୍ଜୁନ ୨୫ ୱିକେଟ୍ ନେଇଛନ୍ତି। ୨୫ ବର୍ଷୀୟ ଅର୍ଜୁନ ଟି-୨୦ରେ ୨୭ ୱିକେଟ୍ ନେଇଛନ୍ତି। ସେ ଘରୋଇ କ୍ରିକେଟ୍‌ରେ ଗୋଆ ପକ୍ଷରୁ ରଣଜୀ ଟ୍ରଫି ଖେଳୁଛନ୍ତି। ଏହା ପୂର୍ବରୁ ସେ ମୁମ୍ବାଇ ପକ୍ଷରୁ ରଣଜୀ ଖେଳିଥିଲେ। ଅର୍ଜୁନ ଆଇପିଏଲ୍‌ରେ ମୁମ୍ବାଇ ପାଇଁ ୫ ଟି ମ୍ୟାଚ୍ ଖେଳି ୩ ୱିକେଟ୍ ନେଇଛନ୍ତି। ସଚିନ୍ ୧୯୯୫ ମେ ୨୪ ରେ ଅଞ୍ଜଳିଙ୍କୁ ବିବାହ କରିଥିଲେ। ଅଞ୍ଜଳି ଜଣେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଭାବେ ଜଣାଶୁଣା। ୧୯୯୭ ଅକ୍ଟୋବର ୧୨ରେ ପ୍ରଥମ ସନ୍ତାନ ସାରା ଜନ୍ମ ହୋଇଥିଲେ। ପୁଣି ୧୯୯୯ ସେପ୍ଟେମ୍ବର ୨୪ରେ ଅର୍ଜୁନ ଜନ୍ମ ହୋଇଥିଲେ। ନିର୍ବନ୍ଧ ଉତ୍ସବରେ ନିକଟତମ ବନ୍ଧୁ ଏବଂ ପରିବାର ସଦସ୍ୟ ଯୋଗ ଦେଇଥିଲେ। ସାନିଆ ମିଷ୍ଟର ପାଜ୍ ପେଟ୍ ସ୍ପା ଆଣ୍ଡ ଷ୍ଟୋର ଏଲଏଲ୍‌ପି ଅଂଶିଦାର ଏବଂ ନିର୍ଦ୍ଦେଶକ ଭବେ କାର୍ଯ୍ୟ କରନ୍ତି। ୨୦୨୨ରେ ଏହି କମ୍ପାନୀ ଆରମ୍ଭ ହୋଇଥିଲା। ବେଶ୍ କିଛି ବର୍ଷ ହେବ ଅର୍ଜୁନ ଓ ସାନିଆଙ୍କ ମଧ୍ୟରେ ବନ୍ଧୁତା ଓ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଏହାକୁ ଉଭୟ ପରିବାର ସ୍ୱୀକୃତି ଦେଇଛନ୍ତି।

# ଲକ୍ଷ୍ନୌ ମେଣ୍ଟର ପଦ ଛାଡିଲେ ଜାହିର

ମୁମ୍ବାଇ, ୧୪।୮ (ଏଜେନ୍ସି) : ଆଇପିଏଲ୍ ୨୦୨୬ ପୂର୍ବରୁ ଖେଳାଳି ଅଦଳବଦଳ ତଥା ଦଳ ଗୁଡିକରେ ବଡ ପରିବର୍ତ୍ତନ ହେବାକୁ ଯାଉଛି। ଟିମ୍ ମ୍ୟାନେଜ୍‌ମେଣ୍ଟ କାହାକୁ ରଖିବ କାହାକୁ ରିଲିଜ୍ କରିବ ସେ ନେଇ ମାନସ ମନ୍ଥନ ଚାଲିଛି। ଲକ୍ଷ୍ନୌ ସୁପର ଜ୍ୟାଣ୍ଟସରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ସିଜନ୍ ଆରମ୍ଭ ହେବା ପୂର୍ବରୁ ଲକ୍ଷ୍ନୌ ଛାଡିଛନ୍ତି ଭାରତୀୟ ଦଳର ପୂର୍ବତନ ଦ୍ରୁତ ବୋଲର ତଥା ମେଣ୍ଟର ଜାହିର ଖାନ୍ । ପ୍ରମୁଖ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌ର ମେଣ୍ଟର ଦାୟିତ୍ୱରୁ ଜାହିର ହଟିଯାଇଛନ୍ତି। ଗତ ସିଜନରେ ସେ ମେଣ୍ଟର ନିଯୁକ୍ତ ହୋଇଥିଲେ। ପୂର୍ବରୁ ଗୌତମ ଗମ୍ଭୀର ଏହି ଦାୟିତ୍ୱରେ ରହିଥିଲେ। ୨୦୨୪ ସିଜନରେ ସେ କୋଲକାତା ନାଇଟ୍ ରାଇଡରର୍ସର ମେଣ୍ଟର ଭାବେ ଯୋଗ ଦେଇଥିଲେ। ଗମ୍ଭୀରଙ୍କ ସ୍ଥାନରେ ଜାହିରଙ୍କୁ ନିଯୁକ୍ତି ମିଳିଥିଲା। ସେ ଉଭୟ ମେଣ୍ଟର



ଓ ବୋଲିଂ କୋଚ୍ ଦାୟିତ୍ୱରେ ରହିଥିଲେ। ଗତ ସପ୍ତାହରେ ସୁପର ଜ୍ୟାଣ୍ଟର ବୋଲିଂ କୋଚ୍ ଭାବେ ଭରତ ଅରୁଣଙ୍କୁ ନିଯୁକ୍ତି ଦେଇଥିଲା। ୨୦୨୬ ସିଜନ୍ ପୂର୍ବରୁ ସୁପରଜ୍ୟାଣ୍ଟସ୍ କୋଚିଂ ଟିମ୍‌ରେ ଅନେକ ପରିବର୍ତ୍ତନ ହେବାକୁ ଯାଉଛି। ଫ୍ରାଞ୍ଚାଇଜ୍ ମାଲିକ ସଞ୍ଜୀବ ଗୋଏଙ୍କା ଦ. ଆଫ୍ରିକାର ଏକ ଲିଗ୍ ଦଳ ଡର୍ବାନ୍ ସୁପରଜ୍ୟାଣ୍ଟସ୍ ଏବଂ ଇଂଲଣ୍ଡରେ ଆୟୋଜିତ ଦ. ହଣ୍ଡ୍ରେଡ୍‌ର ଏକ ଦଳ ମାଞ୍ଚେଷ୍ଟର ଅରିଜିନାଲ୍ କିଣିଛନ୍ତି। ତେଣୁ ୩ ଟି ଯାକ ଦଳକୁ ପରିଚାଳନା କରିବା ପାଇଁ କ୍ରିକେଟ୍

# ଭେସ୍ ପେସ୍‌ଙ୍କ ଦେହାନ୍ତ

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି) : ଟେନିସ୍ ତାରକା ଲିଆଣ୍ଡର ପେସ୍‌ଙ୍କ ବାପା ଭେସ୍ ପେସ୍‌ଙ୍କ ଦେହାନ୍ତ ହୋଇଛି। ୮୦ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି। ମଙ୍ଗଳବାର ଭେସ୍‌ଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ସକାଳେ ୮୦ ବର୍ଷ ବୟସରେ ପାର୍କିସନ୍ ରୋଗରେ ସହ ଲଢି ଆଖି ବୁଜିଛନ୍ତି। ଭେସ୍ ପେସ୍ ଜଣେ ବିଶ୍ୱ ବିଖ୍ୟାତ ଭାରତୀୟ ହକି ଖେଳାଳି । ଏଥି ସହ ଜଣେ ଦକ୍ଷ କ୍ରୀଡା ପ୍ରଶାସକ ଭାବେ ଜଣାଶୁଣା।


୧୯୭୨ ମ୍ୟୁନିକ୍ ଅଲିମ୍ପିକ୍ସରେ ଭାରତ ଜିତିଥିବା ବ୍ରୋଞ୍ଜ ପଦକ ଦଳର ସେ ସଦସ୍ୟ ଥିଲେ। କ୍ରିକେଟ୍, ଫୁଟବଲ୍ ଏବଂ ରଗ୍‌ବୀ ଖେଳିବା ସହ ଅନେକ କ୍ରୀଡାରେ ଯୋଗଦାନ ଥିଲା। ଭାରତୀୟ ରଗ୍‌ବୀ ଫୁଟବଲ ୟୁନିୟନର ସଭାପତି ଭାବେ ୧୯୯୬ ରୁ ୨୦୦୨ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ଭେସ୍ ପେସ୍ ଭାରତୀୟ ହକି ସହିତ ତାଙ୍କ ଖେଳ ଜୀବନ ସମୟରେ ଜଣେ ମିଡ୍ ଫିଲଡର ଥିଲେ। କ୍ରୀଡା ଔଷଧ ବିଶେଷଜ୍ଞ ଭାବେ ଏସିଆ କ୍ରିକେଟ୍ ପରିଷଦ, ଭାରତୀୟ କ୍ରିକେଟ୍ ବିସିସିଆଇ ଏବଂ ଭାରତୀୟ ଡେଭିସ୍ କପ୍ ଦଳ ସମେତ ଅନେକ କ୍ରୀଡା ସଂଗଠନ ସହିତ ଚିକିତ୍ସା ପରାମର୍ଶ ଦାତା ଭାବେ କାର୍ଯ୍ୟ କରିଛନ୍ତି। ୧୯୭୨ ଅଲିମ୍ପିକ୍ସରେ ହକି ଦଳ ପାଇଁ ପଦକ ଜିତିଥିବା ଭେସ୍ ପେସଙ୍କ ପୁଅ ତାଙ୍କ ବିଜୟର ୨୪ ବର୍ଷ ପରେ ଅର୍ଥାତ୍ ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ଭାରତୀୟ ଟେନିସ୍ ପାଇଁ ପ୍ରଥମ ଏବଂ ଏକମାତ୍ର ପଦକ ଜିତିଥିଲେ। ଲିଆଣ୍ଡର ପୁରୁଷ ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୧୯୫୨ ପରେ ଅଲିମ୍ପିକ୍ସ ବ୍ୟକ୍ତିଗତ କ୍ରୀଡାରେ ଏହା ଭାରତର ପ୍ରଥମ ପଦକ ଥିଲା। ସେହି ବର୍ଷ କେଡି ଯାଦବ ପଦକ ଜିତିଥିଲେ। ଭେସ୍ ସବୁବେଳେ ପୁଅ ଲିଆଣ୍ଡରକୁ ପ୍ରଶଂସା କରନ୍ତି। ପିତା -ପୁତ୍ରଙ୍କ ସମ୍ପର୍କ ନିବିଡ ଥିଲା।




# ଏସିଆ କପ୍‌ରେ ଗିଲଙ୍କୁ ସ୍ଥାନ ମିଳିବା ସମ୍ଭାବନା କମ୍

ନୂଆଦିଲ୍ଲୀ, ୧୪।୮ (ଏଜେନ୍ସି) : ସେପ୍ଟେମ୍ବର ୯ ରୁ ୟୁଏଇରେ ଏସିଆ କପ୍ ଆରମ୍ଭ ହେବାକୁ ଯାଉଛି। ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ଏପର୍ଯ୍ୟନ୍ତ ଏସିଆ କପ୍ ପାଇଁ ଦଳ ଘୋଷଣା କରିନାହିଁ। କେଉଁ ଖେଳାଳିଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିବ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ତେବେ ଶୁଭମନ୍ ଗିଲ୍ ଏସିଆ କପ୍ ଦଳରେ ସ୍ଥାନ ପାଇବେ କି ନାହିଁ ତାହା ସବୁଠୁ ବଡ ପ୍ରଶ୍ନ? ଟି -୨୦ରେ ଗିଲଙ୍କ ସ୍ଥିତି ସେତେଟା ମଜଭୁତ ନାହିଁ। ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ୍ ସ୍ଥାନ ବଜାୟ ରଖିଛନ୍ତି। ଉଭୟ ଅନ୍ତର୍ଜାତୀୟ ଟି-୨୦ରେ ଭାରତ ପକ୍ଷରୁ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସଞ୍ଜୁ ତାଙ୍କ ଶେଷ ୧୦ ଟି ମ୍ୟାଚରେ ୩ ଟି ଶତକ ମାରିଛନ୍ତି। ତେଣୁ ସାମସନ ଓପନର ଭାବେ ଦଳରେ ସ୍ଥାନ ପାଇବା ନିଶ୍ଚିତ। ତେଣୁ ତାଙ୍କ ସ୍ଥାନ ପରିବର୍ତ୍ତନ କରିବା ସପକ୍ଷରେ ବୋର୍ଡରେ ନାହିଁ। ଅଭିଷେକ ଓ ତିଲକ ବର୍ମା ମଧ୍ୟ ଭଲ ଫର୍ମରେ ଅଛନ୍ତି। ରିପୋର୍ଟ ଅନୁସାରେ ଅକ୍ଷର ପଟେଲଙ୍କ ସ୍ଥାନରେ ଗିଲଙ୍କୁ ଯଦି ଦଳରେ ଉପଅଧିନାୟକ ନିଯୁକ୍ତ କରାଯିବ ତେବେ ସେ ଖେଳିପାରିବେ। ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳାରେ ଭାରତୀୟ ଦଳ ଗିଲଙ୍କ ନେତୃତ୍ୱରେ ଭଲ ପ୍ରଦର୍ଶନ କରିଥିଲା। ଗିଲ ବ୍ୟକ୍ତିଗତ ଭାବେ ୫ ଟି ମ୍ୟାଚରେ ୭୫୪ ରନ୍ କରିଥିଲେ। ଟେଷ୍ଟ କ୍ରିକେଟ୍ ପ୍ରଦର୍ଶନକୁ ଟି-୨୦ ସହିତ ତୁଳନା କରିବା ଠିକ୍ ହେବ ନାହିଁ। ଗିଲ୍ ୨୦୨୫ ଆଇପିଏଲ୍‌ରେ ୧୫ ମ୍ୟାଚ ଖେଳି ୬୫୦ ରନ୍ କରିଥିଲେ। ଏଥିରେ ୬ ଟି ଅର୍ଦ୍ଧଶତକ ରହିଥିଲା। ଏହା ପୂର୍ବରୁ ଚାମ୍ପିଅନ୍ସ ଟ୍ରଫିରେ ସେ ୫ ଟି ମ୍ୟାଚ୍ ଖେଳି ୧୮୮ ରନ୍ କରିଥିଲେ। ଗିଲଙ୍କ ଅଭିଜ୍ଞତା ଓ ଉପସ୍ଥିତି ଦଳକୁ ଫାଇଦାରେ ରଖିବ। ଅତ୍ୟଧିକ ପରିକ୍ଷଣ ଟିମ୍ କମ୍ବିନେସନକୁ ବିଗାଡି ଦେବା ଆଶଙ୍କା ରହିଛି। ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଦଳ ଭଲ ପ୍ରଦର୍ଶନ କରିଛି।

ତେଣୁ ବିସିସିଆଇ ବଡ ଧରଣର ପରିବର୍ତ୍ତନ କରିବାକୁ ଚାହିଁବ ନାହିଁ।






Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି